

ଖରାପ ଲୋକ ନିଜର ଦୋଷ ସପକ୍ଷରେ ଯୁକ୍ତି ବାଢ଼ିଥାଏ,
କିନ୍ତୁ ଭଲ ଲୋକ ସେ ସବୁକୁ ଦୂରକୁ ଫିଙ୍ଗିଦିଏ।
- ବେନ୍ ଜନସନ



## ସଂକ୍ଷେପରେ

### ପୋଲିସ ଚେକିଂରେ ଧରାପଡିଲା ଚୋରି ବାଇକ୍, ଅଭିଯୁକ୍ତ ଗିରଫ

**ରେଢାଖୋଲ,୨୬।୧୦(ଡି.ଏନ.ଏ.):** ରେଢାଖୋଲ ପୋଲିସ ଜାତୀୟ ରାଜପଥରେ ଚେକିଂ କରୁଥିବା ବେଳେ ଏକ ଚୋରି ବାଇକ୍ ଧରାପିଛି। ବାଇକ୍ ଚାଳକ ଏହି ଥାନା ଅନ୍ତର୍ଗତ କଦଳୀଗଡ ପଞ୍ଚାୟତ ବିଶିପାଲି ଗ୍ରାମର ପ୍ରବୀଣ ସାହୁ (୩୦)। ଏ ନେଇ ରେଢାଖୋଲ ଥାନାରେ ଦଫା ୩୭୯/୪୧୧ ରେ ଏକ ମାମଲା (ନଂ ୨୪୩/୧୯) ରୁଜୁ ହୋଇଛି। ଶନିବାର ସକାଳେ ରେଢାଖୋଲ ପୋଲିସ ବୌଦ୍ଧ ରାସ୍ତାରେ ଚେକିଂ କରୁଥିଲା। ଏତିକିବେଳେ ପ୍ରବୀଣ ଏକ ହିରୋହୁଣ୍ଡା ବାଇକ୍ (ନଂ. ଓଆର୧୫ ୦୯୯୧ )ଧରି ଆସିଥିଲେ। ପୋଲିସ ଚେକିଂ କରିବା ବେଳେ ଏହାର ନମ୍ବର, ଇଞ୍ଜିନ ନଂ, ଚେଚିସ ନଂ. ମିଶି ନ ଥିଲା। ଫଳରେ ପୋଲିସ ସନ୍ଦେହ କରି ପଚରାଉଚୁରା କରିବା ପରେ ତାହା ଏକ ଚୋରି ବାଇକ୍ ବୋଲି ଜଣାପଡିଥିଲା।

### ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଜଣେ ଗିରଫ

**ରେଢାଖୋଲ,୨୬।୧୦(ଡି.ଏନ.ଏ.):** ରେଢାଖୋଲ ଥାନା ଅଙ୍ଗାରପଡା ଗ୍ରାମରେ ବଡିଆଳ ଗଛ କାଟିବାକୁ କେନ୍ଦ୍ର କରି ୨ ଜଣଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏହି ଘଟଣାରେ ପୋଲିସ ଏହି ଗ୍ରାମର ବାବୁଲାଲ ରଣା (୨୧) ନାମକ ଜଣେ ଯୁବକଙ୍କୁ ଗିରଫ କରିଛି। ପୋଲିସ କହିଛି ଯେ, ବାବୁଲାଲ ଓ ଗଙ୍ଗା ରଣା (୩୦) ଉଭୟେ ପଡୋଶୀ। ଶୁକ୍ରବାର ସନ୍ଧ୍ୟାରେ ଗଙ୍ଗା ବାବୁଲାଲଙ୍କ ଘର ବାଡିକୁ ଲାଗି ଥିବା ଏକ ବଡିଆଳ ଗଛକୁ କାଟି ଦେଇଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ବାବୁଲାଲ ଏକ ଠେଙ୍ଗାରେ ଗଙ୍ଗାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଗଙ୍ଗାଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଛି। ଗଙ୍ଗାଙ୍କ ଅଭିଯୋଗ କ୍ରମେ ପୋଲିସ ଦଫା ୩୦୭ରେ ଏକ ମାମଲା (ନଂ. ୨୪୪/୧୯) ରୁଜୁ କରି ବାବୁଲାଲଙ୍କୁ ଶନିବାର କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ନା ମଞ୍ଜୁର ହେବାରୁ ବାବୁଲାଲଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ସମ୍ବଲପୁର ରାଜଘାଟରେ ସମସ୍ୟା: କାଠ ମିଳୁନି, ବିଦ୍ୟୁତ୍ ଚୁଲ୍ଲା କାମ କରୁନି

**ସମ୍ବଲପୁର,୨୬।୧୦(ବ୍ୟୁରୋ):** ସମ୍ବଲପୁର କମଲିବଜାରସ୍ଥିତ ରାଜଘାଟ (ସ୍ୱର୍ଗଦ୍ୱାର) ମହାନଗର ନିଗମ ଦ୍ୱାରା ପରିଚାଳିତ। ହେଲେ ଏଠାକୁ କାଠ ଯୋଗାଇ ଦିଆଯାଉ ନାହିଁ। ଅନ୍ୟପଟେ ବିଦ୍ୟୁତ୍ ଚୁଲା ନିର୍ମାଣ କରାଯାଇଛି। ହେଲେ କିଛି ଦିନ ଚାଲିବା ପରେ ତାହା ବନ୍ଦ ହୋଇ ପଡିଛି । ଏଣୁ ସହରବାସୀ ସେମାନଙ୍କ ସମ୍ପର୍କୀୟଙ୍କ ମୃତଦେହ ସତ୍କାର କରିବା ପାଇଁ ସମସ୍ୟା ହେଉଛି। ତେଣୁ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ରତିକାନ୍ତ ମହାନ୍ତି ନାମକ ଜଣେ ବ୍ୟକ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ଅଭିଯୋଗ କରିଛନ୍ତି। ନ ନା ମଞ୍ଜୁର ହେବାରୁ ବାବୁଲାଲଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ସୁବଳାୟା ହାଇସ୍କୁଲରେ ବିଶ୍ୱ ହାତଧୁଆ ଦିବସ

**ଅମରପାଲି, ୨୬।୧୦ (ଡି.ଏନ.ଏ):** ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳାୟା ଉଚ୍ଚ ବିଦ୍ୟାଳୟରେ ବିଶ୍ୱହାତ ଧୁଆ ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ସଦାନନ୍ଦ ରଥଙ୍କ ସଭାପତିତ୍ୱରେ ପରାମର୍ଶଦାତା ଚନ୍ଦ୍ରମଣୀ ବାଘ ହାତ ଧୋଇବାର ଉପାୟ ପ୍ରଦର୍ଶନ କରିଥିଲେ। ଛାତ୍ରୀ ମଞ୍ଜୁ ନାଏକ ହାତ ଧୋଇବାର ଉପକାରିତା ବର୍ଣ୍ଣନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

# କାମ ସରିନି, ଫାଇନାଲ୍ ବିଲ୍

**ସମ୍ବଲପୁର,୨୬।୧୦(ବ୍ୟୁରୋ)**

ଗ୍ରାମାଞ୍ଚଳରେ ଗମନା ଗମନ ସୁବିଧା ପାଇଁ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ବିଭିନ୍ନ ଯୋଜନାରେ ରାସ୍ତା ନିର୍ମାଣ କରୁଛନ୍ତି। ହେଲେ ବାସ୍ତବରେ ରାସ୍ତା ନିର୍ମାଣରେ କୋଟି କୋଟି ଟଙ୍କା ଲୁଟ୍ ହେଉଛି । ଅପହଞ୍ଚ ଗାଁକୁ ରାସ୍ତା ନିର୍ମାଣ ବେଳେ ସ୍ଥାନୀୟ ଅଞ୍ଚଳର ସରଳ ବିଶ୍ୱାସୀ ଲୋକେ ସରକାରଙ୍କ ଯୋଜନା ଓ କାମର ସୂଚନା ଉପରେ ଗୁରୁତ୍ୱ ଦେଇ ନ ଥାନ୍ତି । କେହି ବିରୋଧ କରନ୍ତି ନାହିଁ। ତେଣୁ ବିଭାଗୀୟ ଅଧିକାରୀ ଓ ଠିକାଦାର ଭାଗ ବାଣ୍ଟି ନେବାକୁ ସୁବିଧା ହୁଏ। ଅନୁଦାନର ସିଂହଭାଗ କାମ ନ କରି ମିଛ ବିଲ୍ ପ୍ରସ୍ତୁତ କରାଯାଇଥାଏ। ଗ୍ରାମ୍ୟ ଉନ୍ନୟ ବିଭାଗର ସମ୍ବଲପୁର ଅଧିକ୍ଷଣଯନ୍ତ୍ରୀଙ୍କ ଅଧୀନରେ ହୋଇଥିବା କସଂର-ଜମନକିରା ପ୍ରଧାନମନ୍ତ୍ରୀ ରାସ୍ତା କାମରେ ଏଭଳି ଅଭିଯୋଗ ହୋଇଛି।

କଂସର-ଜମନକିରା ରାସ୍ତା କାମ ସମ୍ପୂର୍ଣ୍ଣ ନ କରି ୨୦୧୯ମେରେ ସମ୍ପୂର୍ଣ୍ଣ ବିଲ୍ ଉଠାଯାଇଛି । ପ୍ରାୟ ୧ କୋଟି ଟଙ୍କାରୁ ଅଧିକ ଦୁର୍ନୀତି ହୋଇଛି। ଠିକାଦର ଜଣେ ପ୍ରତିଷ୍ଠିତ ବ୍ୟକ୍ତି । ତାଙ୍କର ଉତ୍ତମ ରାଜନୈତିକ ସମ୍ପର୍କ ରହିଛି । ଏଥିରେ ବିଭାଗର ଜଣେ ବରିଷ୍ଠ



କଂସର- ଜନକିରା ରାସ୍ତା ।

ଅଧିକାରଙ୍କ ହାତ ରହିଛି । ଠିକାଦର ଓ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ଭାଗ ବଣ୍ଟା କରାଯାଉଛି। ମୋଟ ୧୪ କି.ମି. ରାସ୍ତା ଲାଗି ବ୍ୟୟ ଅଟକଳ ଥିଲା, ମାତ୍ର ୮ କି.ମି. ରାସ୍ତା ନିର୍ମାଣ କରାଯାଇଛି । ବାକି ୬ କି.ମି. ରାସ୍ତା କାମ ହୋଇ ନାହିଁ। ଯେତିକି ପରିମାଣରେ କାମ ହୋଇଛି ସେଥିରେ ମଧ୍ୟ ବ୍ୟାପକ ଅନିୟମିତତା ହୋଇଛି। ନିୟମ ଅନୁସାରେ ପ୍ରଥମେ ମାଟି ପକାଇ ତା ପରେ ମୋରମ ବିଛାଯିବ। ଏହାପରେ ୨ ସ୍ତରରେ ମେଟାଲ ଦେବା ପରେ ପିଚୁ କରିବାର ନିୟମ ରହିଛି । ହେଲେ ଆବଶ୍ୟକ ପରିମାଣର ସମାଗ୍ରୀ ବ୍ୟବହାର କରାଯାଇ ନାହିଁ। ଗତ ସପ୍ତାହରେ ରାସ୍ତା କାମ ଯାଞ୍ଚ କରିବା ପାଇଁ କେନ୍ଦ୍ରୀୟ ଟିମ୍ ତଦନ୍ତ କରିବାକୁ ଆସିଥିବା ସମୟରେ ଏହି ଘଟଣା ଲୋକ ଲୋଚନକୁ ଆସିଛି। କେନ୍ଦ୍ରୀୟ ଟିମ୍ ଦୁର୍ନୀତି ହୋଇଥିବା ଜାଣି ଠିକାଦାରଙ୍କୁ ତାଗିଦ କରଛନ୍ତି। ସମ୍ବଲପୁର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ରିପୋର୍ଟ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କାହିଁକି ଅସମ୍ପୂର୍ଣ୍ଣ କାମର ବିଲ୍ କରାଗଲା ବୋଲି ପ୍ରଶ୍ନ କରିବାରୁ ଠିକାଦାର କିଛି ଦିନ ସମୟ ମାଗି କାମ ସାରିଦେବେ





- ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ଦୁର୍ନୀତି
- ମିଳିମିଶି ୧ କୋଟିରୁ ଅଧିକ ଟଙ୍କା ନେଇ ଯାଇଛନ୍ତି
- କେନ୍ଦ୍ରୀୟ ଟିମ୍ ହାତରେ ଧରାପଡିଲା
- ଚପାଇଦେବାକୁ ଉଦ୍ୟମ
- ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ

ବୋଲି କହିଥିଲେ। ଅନ୍ୟପଟେ ଏହି ଘଟଣା ପ୍ରଚାର ହେବା ପରେ ଅଞ୍ଚଳରେ ଅସନ୍ତୋଷ ଦେଖା ଦେଇଛି । ଠିକାଦର ମଧ୍ୟ ଘଟଣାକୁ ଚାପି ଦେବାକୁ ଉଦ୍ୟମ କରୁଛନ୍ତି । ରାଜନୈତିକ ସମ୍ପର୍କ ଥିବାରୁ ରାଜ୍ୟସ୍ତରରେ ଅଧିକାରୀମାନଙ୍କ ସହ ଆଲୋଚନା କରି ରଫା ଦଫା କରିବାକୁ ପ୍ରୟାସ କରୁଛନ୍ତି । ହେଲେ କୋଟିଏ ଟଙ୍କାର ଦୁର୍ନୀତିକୁ ନେଇ ଏବେ ବିଭାଗ ଅଡୁଆରେ ପଡିଯାଇଛି । ରାଜ୍ୟସ୍ତରୀୟ କମିଟି କିଭଳି ଭାବେ ଯାଞ୍ଚ କଲା, ଜେଇ, ଏସ୍‌ଡିଓ, ନିର୍ବାହୀ ଯନ୍ତ୍ରୀ କିଭଳି ଭାବେ ଅସମ୍ପୂର୍ଣ୍ଣ କାମ ଉପରେ ଫାଇନାଲ୍ ବିଲ୍ ପାସ୍ କଲେ ବୋଲି ବଡ ପ୍ରଶ୍ନ ହେଉଛି। ତେଣୁ ଏହି ଦୁର୍ନୀତିରେ ତଳ ଉପର ଯାଏ ସମ୍ପୃକ୍ତି ରହିଛି ବୋଲି ସ୍ପଷ୍ଟ ହେଉଛି। ତେବେ ଏ ସମ୍ପର୍କରେ ଦେବଗଡ ଜିଲା ନିର୍ବାହୀଯନ୍ତ୍ରୀ ପ୍ରଦୀପ ମହାନ୍ତିଙ୍କୁ ପଚାରିବାରୁ ସେ କିଛି ଦିନ ହେବ ଯୋଗ ଦେଇଛନ୍ତି। ଏହି ଘଟଣା ତାଙ୍କ ପୂର୍ବରୁ ଥିବା ଅଧିକାରୀଙ୍କ ସମୟର। ଅବଶ୍ୟ ଏ ସମ୍ପର୍କରେ ସେ ଅବଗତ ଅଛନ୍ତି। ଅସମ୍ପୂର୍ଣ୍ଣ କାମ ତୁରନ୍ତ ସାରିବାକୁ ଠିକାଦରଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହଛନ୍ତି। ସୂଚନାଯୋଗ୍ୟ, ୨୦୧୭-୧୮ ଆର୍ଥିକ ବର୍ଷରେ କସଂର-ଜମନକିରା ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ରାସ୍ତାକୁ ସାମିଲ କରାଯାଇଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଟେଣ୍ଡର (ପ୍ୟାକେଜ ନଂ.ଓଆର-୦୮) ଡକାଯାଇଥିଲା। ମୋଟ ୧୪ କି.ମି. ରାସ୍ତା ନିର୍ମାଣ ଲାଗି ୫ କୋଟି ୭୩ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଥିଲା । ଏହି କାମକୁ ଦେବଗଡ ଜିଲାର ତୁଳସୀ କନଷ୍ଟ୍ରକ୍ସନ ନାମକ ଠିକା କମ୍ପାନୀ ଟେଣ୍ଡର ମାଧ୍ୟମରେ ପାଇଥିଲା।

### ବାର୍‌ହା ମାଂସ ଜବତ, ଜଣେ ଗିରଫ

**ରେଢାଖୋଲ୨୬।୧୦ (ଡି.ଏନ.ଏ.)**

ରେଢାଖୋଲ ବନଖଣ୍ଡର ବଡବାହାଳ ବନାଞ୍ଚଳ ଅଧୀନ ସାନ-ନୂଆପଡା ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ଶନିବାର ବନ ବିଭାଗ ଚଢାଉ କରି ୧କେଜି ବାର୍‌ହା ମାଂସ ଜବତ କରିଛି। ଏହି ଘଟଣାରେ ଗାଁର ଲକ୍ଷ୍ମଣ ଦେହୁରୀ (୬୦) ଗିରଫ ହୋଇଛନ୍ତି। ଏ ନେଇ ବଡବାହାଳ ରେଞ୍ଜ ଅଫିସରେ ଏକ ମାମଲା ରୁଜୁ କରାଯାଇଛି।

ରେଢାଖୋଲ ବନଖଣ୍ଡର ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ବନ୍ୟଜନ୍ତୁ ଶିକାର ନିତିଦିନିଆ ଘଟଣାରେ ପରିଣତ ହେଲାଣି। କାଁ ଭାଁ ସୂଚନା ପାଇ ବନ ବିଭାଗ ଚଢାଉ କରୁଛି। ସଂରକ୍ଷିତ ଜଙ୍ଗଲରୁ ବାରହା, କୁଟୁରା, ହରିଣ ଶିକାର କରି ରେଢାଖୋଲ ସହରରେ ଖୋଲାଖୋଲି ବିକ୍ରି କରାଯାଉଛି। ଏପରିକି ୫୫ ନଂ ଜାତୀୟ ରାଜପଥ କଡରେ ଥିବା ଢାବା ଗୁଡିକରେ ମଧ୍ୟ ବିକ୍ରି ହେଉଛି। ଜୀବଜନ୍ତୁଙ୍କ ମାଂସ ମିଳୁଥିବା ଢାବା ଗୁଡିକର ଚାହିଦା ମଧ୍ୟ ବୃଦ୍ଧି ପାଉଛି। ତେବେ ଶନିବାର ଜବତ ହୋଇଥିବା ବାର୍‌ହା ମାଂସ କେଉଁଠୁ ଆସିଥିଲା, କେଉଁ ଜଙ୍ଗଲରୁ ଶିକାର ହୋଇଥିଲା ତାହା ବନବିଭାଗ ତଦନ୍ତ ନ କରି କେବଳ ମାଂସ ରଖିଥିବା ଅଭିଯୋଗରେ ଅଭିଯୁକ୍ତ ଲକ୍ଷ୍ମଣଙ୍କୁ ଗିରଫ କରି ନିଜ ଦାୟିତ୍ୱ ସାରି ଦେଇଛି।





ଅତିଥିଙ୍କଠାରୁ ଅଭିକର ଆର୍ଯ୍ୟଦେବ ମହାପାତ୍ର ସ୍ୱର୍ଣ୍ଣ ପଦକ ଗ୍ରହଣ କରୁଛନ୍ତି ।

### ଜାତୀୟ କିକ୍ ବକ୍ସିଂ ଚାମ୍ପିୟନଶିପ୍

## ଅଭିକରଙ୍କୁ ସ୍ୱର୍ଣ୍ଣ ପଦକ

**ସମ୍ବଲପୁର, ୨୬।୧୦ (ବ୍ୟୁରୋ)**

ଡେରାଡୁନସ୍ଥିତ ମହାରାଣା ପ୍ରତାପ ଷ୍ଟାଡିୟମଠାରେ ଜାତୀୟ କିକ୍ ବକ୍ସିଂ ଚାମ୍ପିୟନଶିପ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁର ସେଣ୍ଟ ଜୋସେଫ୍ କନଭେଣ୍ଟ ସ୍କୁଲ ଚତୁର୍ଥ ଶ୍ରେଣୀ ଛାତ୍ର ଅଭିକର ଆର୍ଯ୍ୟଦେବ ମହାପାତ୍ର ୩୭ କେଜି ବର୍ଗରେ ଭାଗ ନେଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ କିକ୍ ବକ୍ସିଂ ପ୍ରଶିକ୍ଷକ ନାରାୟଣ ବାରିକଙ୍କଠାରୁ ପ୍ରଶିକ୍ଷଣ ନେଉଛନ୍ତି । ଏହି ସଫଳତା ପାଇଁ ସ୍କୁଲ କର୍ତ୍ତୃପକ୍ଷ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

### ଯୁଯୁମୁରା ବ୍ଲକସ୍ତରୀୟ ଶିଶୁ ମହୋତ୍ସବ

## ପ୍ରତିଭା ପ୍ରଦର୍ଶନ କଲେ ୨୧୭ ଛାତ୍ରୀଛାତ୍ର

**ସମ୍ବଲପୁର,୨୬।୧୦(ବ୍ୟୁରୋ)**

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକସ୍ତରୀୟ ଶିଶୁ ମହୋତ୍ସବ କେଜିଏମ୍ଏନ୍ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ହୋଇଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୁଯୁମୁରା ବିଡିଓ ସରୋଜ ବିଶ୍ୱାଳ, ବିରସିଂଗଡ ସମିତି ସଭ୍ୟା ମୈଥିଳି ପ୍ରଧାନ ଯୋଗ ଦେଇଥିଲେ। ୧୬ଟି କ୍ଲଷ୍ଟରର ମୋଟ ୨୧୭ ଜଣ ଛାତ୍ରୀଛାତ୍ର ଭାଗ ନେଇ ପ୍ରତିଭା ପ୍ରଦର୍ଶନ କରିଥିଲେ। ପୁରସ୍କାର ବିତରଣ ସଭାରେ ଅତିଥି ଭାବେ ବିରସିଂଗଡ ସରପଞ୍ଚ ରିଫାରାଣି ବେହେରା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସନ୍ତୋଷ ମିଶ୍ର, ଝାଙ୍କରପାଲି ସରପଞ୍ଚ ସୁରେଶ୍ୱରୀ ମାଝି ଯୋଗ ଦେଇଥିଲେ । ମୋନାଲିସା ଭୋଇ, ପ୍ରୀତି ରଣା, ବବଲି ବିଶ୍ୱାଳ, ମଞ୍ଜରୀ ଭଏନା, ନନ୍ଦିତା ଭୋଇ, ଶ୍ରଦ୍ଧାଞ୍ଜଳି ସୋହେଲା, ରାଜଶ୍ରୀ ଖମାରୀ, ମଧୁସୂଧନ ଭୋଇ, ଡେଜିରାଣୀ ଖଣ୍ଡା, ରବିନାରାୟଣ ଘିବେଲା, ରୂପେଶ ଧରୁଆ, ମିତାଲି ସାହାଣୀ, ରୌପ୍ୟ ପାୟଲ ବିଶ୍ୱାଳ, ରେସମା ବାଗ, ପ୍ରୀତି ବିଶ୍ୱାଳ, ପୁଷ୍ପିତା ଭୋଇ, ଦିବ୍ୟ କିଶୋର ସାହୁ ପ୍ରମୁଖ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷକ କୁଳଧର ପ୍ରଧାନ ସଭା ପରିଚାଳନା କରିଥିଲେ। ବନବାସ ପ୍ରଧାନ, ଗିରିଧାରୀ ନାଏକ, ରାଜୀବ ଲୋଚନ ପ୍ରଧାନ, ଧନଞ୍ଜୟ ପ୍ରଧାନ, ତ୍ରିଲୋଚନ ନାୟକ ସହଯୋଗ କରିଥିଲେ ।



ଯୁଯୁମୁରା ବ୍ଲକ କେଜିଏମ୍ଏନ୍ ହାଇସ୍କୁଲରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବରେ ପୁରସ୍କୃତ ଛାତ୍ରୀଛାତ୍ରମାନେ ଅତିଥିଙ୍କ ସହ ।

### ପୂର୍ବଭାରତ ସୌନ୍ଦର୍ଯ୍ୟ ପ୍ରତିଯୋଗିତା-୨୦୧୯

## ଅନୁଷ୍କାପଲ୍ଲବୀ ଦ ପ୍ରିନ୍ସେସ୍ ମୁକୁଟ ବିଜୟିନୀ

**ସମ୍ବଲପୁର, ୨୬।୧୦ (ବ୍ୟୁରୋ)**

ଝାଡ଼ଖଣ୍ଡ ଜାମସେଦପୁରଠାରେ ଷ୍ଟାର ହଙ୍ଗାମା ପକ୍ଷରୁ ଆୟୋଜିତ ପୂର୍ବଭାରତ ସୌନ୍ଦର୍ଯ୍ୟ ପ୍ରତିଯୋଗିତା-୨୦୧୯ରେ ହୀରାକୁଦର ଅନୁଷ୍କା ପଲ୍ଲବୀ ହୋତା ଭାଗ ନେଇ ଦ ପ୍ରିନ୍ସେସ୍ ମୁକୁଟ ବିଜୟିନୀ ହୋଇଛନ୍ତି। ଅନୁଷ୍କା ବୁର୍ଲା ଡିଏଭି ସ୍କୁଲର ନବମ ଶ୍ରେଣୀ ଛାତ୍ରୀ। ସେ ହୀରାକୁଦ ଶବ୍ଦ ସାଂସ୍କୃତିକ ଅନୁଷ୍ଠାନର ଜଣେ ଅଭିନେତ୍ରୀ ମଧ୍ୟ। ଲୋକନୃତ୍ୟ ଶିଳ୍ପୀ ଭାବେ ଜାତୀୟ ସ୍ତରରେ ମଧ୍ୟ ସେ ପୁରସ୍କୃତ ହୋଇଛନ୍ତି। ସେ ହୀରାକୁଦ ବାସିନ୍ଦା ନିଳିମା ପଣ୍ଡା ଓ ପିୟୁଷ ହୋତାଙ୍କ ଝିଅ। ସୂଚନାଯୋଗ୍ୟ ଯେ, ନାଟ୍ୟକାର ବୀରୁପାକ୍ଷ ପ୍ରଧାନଙ୍କ ବିଭିନ୍ନ ନାଟକରେ ଶିଶୁ କଳାକାର ଭାବେ ଅଭିନୟର ପାରଦର୍ଶିତା ଦେଖାଇ ସେ ସଫଳତା ହାସଲ କରିଛି। ଗୋଆଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ନାଟକ ପ୍ରତିଯୋଗିତାରେ 'ଅମୃତ ସାଗର ବିନ୍ଦୁ' ସକାଶେ ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ହାସଲ କରିଥିଲେ । ସେହିପରି ସର୍ବେ ଭବନ୍ତୁ ସୁଖିନଃ, ରାଜନନ୍ଦିନୀ, ପବିତ୍ର ସମ୍ପର୍କ, ଜାଇଫୁଲ ପ୍ରଭୃତି ନାଟକରେ ସେ ଅଭିନୟ କରିଛନ୍ତି।





ମୁକୁଟ ସହ ଅନୁଷ୍କାପଲ୍ଲବୀ ହୋତା ।

### ଜାତୀୟ ଆୟୁର୍ବେଦ ଦିବସ, ଧନ୍ୱନ୍ତରି ଜୟନ୍ତୀ

**ପଡିଆବାହାଲ, ୨୬।୧୦ (ଡି.ଏନ.ଏ.)**

ପଡିଆବହାଲରେ ଧନ୍ୱନ୍ତରୀ ଜୟନ୍ତୀ ପାଳିତ ହୋଇଯାଇଛି । ରାଧାମୋହନ ଷଡଙ୍ଗୀଙ୍କ ନେତୃତ୍ୱ ତଥା ଶାଶ୍ୱତ କୁମାର ବଡପଣ୍ଡାଙ୍କ ପୌରହିତ୍ୟରେ ପୂଜାର୍ଚ୍ଚନା ଓ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଦେବଦତ୍ତ ପଣ୍ଡା, ଗୀତାରାଣୀ ପଣ୍ଡା, ମେଘପାଳ ସରପଞ୍ଚ ମମତା ପ୍ରଧାନ, ରାଜକୁମାର ମିଶ୍ର, ଯୋଗ ଶିକ୍ଷକ ରାଜାରାମ ନାୟକ, କବରାପାଲି ୟୁଜିଏମଇ ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଲୀଳାବତୀ ଷଡଙ୍ଗୀ, ଜିଲା ପରିଷଦ ସଦସ୍ୟ ବିଭୀଷଣ ପ୍ରଧାନ, ବାହାମ ସରପଞ୍ଚ ମିତ୍ରଭାନୁ ପ୍ରଧାନ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ । ଝାରମୁଣ୍ଡା ଗ୍ରାମର ଭାଗବତ ମଣ୍ଡଳୀ ଦ୍ୱାରା ଭାଗବତ ଅନୁଷ୍ଠିତ ହୋଇଥିଲା।

## ମାନେଶ୍ୱର ବ୍ଲକରେ ନିଯୁକ୍ତି ମେଳା

### ୩୪୪ ନାଁ ପଞ୍ଜୀକୃତ, ୧୮୭ ଜଣ ତାଲିମ ପାଇଁ ଚୟନ





ମୋ ଦକ୍ଷତା ମୋ ପରିଚୟ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

**ଧମା, ୨୬।୧୦ (ଡି.ଏନ.ଏ.)**

ମାନେଶ୍ୱର ବ୍ଲକରେ ଅନୁଷ୍ଠିତ ନିଯୁକ୍ତି ମେଳାରେ ୩୪୪ ଜଣ ଯୁବତୀ ଯୁବକ ନାଁ ପଞ୍ଜୀକୃତ କରିଛନ୍ତି। ଏଥିରୁ ୧୮୭ ଜଣଙ୍କୁ ତାଲିମ ପାଇଁ ଚୟନ କରାଯାଇଛି। ଏହି ଶିବିରରେ ବିଭିନ୍ନ ସଂସ୍ଥାର ଅଧିକାରୀ ଓ କର୍ମକର୍ତ୍ତା ଯୋଗଦେଇ ଯୋଗ୍ୟତା ଅନୁଯାୟୀ ଯୁବତୀ ଯୁବକଙ୍କୁ ତାଲିମ ପାଇଁ ଚୟନ କରିଥିଲେ । ହେଲେ ଏଠାରେ ତାଲିମ ପାଇଁ କେତେକ କ୍ଷେତ୍ରରେ ଯୁବତୀ ଯୁବକଙ୍କୁ ବାହାର ରାଜ୍ୟକୁ ଯିବାକୁ ପଡୁଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଅନୁଷ୍ଠିତ ହୋଇଥିଲା। ମାନେଶ୍ୱର ବିଡିଓ ଚିନ୍ମୟୀ କଅଁର ତତ୍ତ୍ୱାଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଶିବିରରେ ବ୍ଲକ ଚେୟାରମ୍ୟାନ ସୁରେସିନୀ ଓରାମ, ଭାଇସ୍ ଚେୟାରମ୍ୟାନ ରାହାସ ମିର୍ଦ୍ଧା, ଡିଆର୍‌ଏମ୍‌ଏସ୍ ଅଧିକାରୀ ଶ୍ରୀମନ୍ତ ଭୁକ୍ତା, ଜୀବନ ଜୀବିକା ସଂଯୋଜକ ଜପାମାଳି ଭରାସାଗର, ଜିପିଇଓ ବିଦ୍ୟାଧର ଭାରତ ପ୍ରମୁଖ ସହଯୋଗ କରିଥିଲେ ।

## ରେଙ୍ଗାଲି ସରକାରୀ ପଲିଟେକନିକ୍‌ରେ ଭ୍ରାମ୍ୟମାଣ ସ୍ପେସ୍ ମ୍ୟୁଜିୟମ୍

**ରେଙ୍ଗାଲି, ୨୬।୧୦ (ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲିସ୍ଥିତ ସରକାରୀ ପଲିଟେକନିକଠାରେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା ପକ୍ଷରୁ ଏକ ଭ୍ରାମ୍ୟମାଣ ମହାକାଶ ସଂଗ୍ରହାଳୟ ପହଞ୍ଚିବା ପରେ ଛାତ୍ରୀଛାତ୍ର ପରିଦର୍ଶନ କରିଛନ୍ତି। ବିଶିଷ୍ଟ ମହାକାଶ ବୈଜ୍ଞାନୀ ଡ. ବିକ୍ରମ ସରାଭାଇଙ୍କର ଜନ୍ମ ଶତବାର୍ଷିକ ଉପଲେକ୍ଷ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତିଶ ଧବନ ମହାକାଶ ଗବେଷଣା ଓ ଉପଗ୍ରହ ଉତ୍‌କ୍ଷେପଣ କେନ୍ଦ୍ରରୁ ଏହି ଭ୍ରାମ୍ୟମାଣ ସଂଗ୍ରାହାଳୟ ଏଠାକୁ ଆସିଥିଲା। ଟେକ୍‌ନିକାଲ ଅଫିସର ଅର୍ଜୁନ କୁମାର ସାହୁଙ୍କ ନେତୃତ୍ୱରେ ଆସିଥିବା ଏହି ଭ୍ରାମ୍ୟମାଣ ସଂଗ୍ରହାଳୟକୁ ଅଧ୍ୟକ୍ଷ ସୁରଜିତ ବିଶ୍ୱାଳ ସ୍ୱାଗତ କରିଥିଲେ । ଅନୁଷ୍ଠାନର ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଭ୍ରାମ୍ୟମାଣ ଯାନ ମଧ୍ୟରେ ପ୍ରଦର୍ଶିତ ମଡେଲ ଜରିଆରେ ଆଇଏସଆରଓ(ଇସ୍‌ରୋ)ର ମହାକାଶ ଗବେଷଣାରେ ଭୂମିକା, ଚନ୍ଦ୍ରୟାନ, ମଙ୍ଗଳୟାନ ଭଳି ମିଶନ ବିଷୟରେ ଅବଗତ ହୋଇଥିଲେ । ଅଧ୍ୟାପକ ସରୋଜକାନ୍ତ ରାୟ, ମିଳନ କୁମାର ସାହୁ, ସଞ୍ଜୀବ ମେହେର, ଅଧ୍ୟାପିକା ଲିପ୍‌ସାରାଣୀ ବାଗ, ପ୍ରତିମା ଭୋଇ, ରୀତା ପରିଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ରେଙ୍ଗାଲି ସରକାରୀ ପଲିଟେକ୍‌ନିକରେ ଇସ୍ରୋର ଏକ ଭ୍ରାମ୍ୟମାଣ ମହାକାଶ ସଂଗ୍ରହାଳୟ ପହଞ୍ଚିବା ପରେ ଛାତ୍ରୀଛାତ୍ର ପରିଦର୍ଶନ କରୁଛନ୍ତି।

## 'ସୁରଭି' ଦେଇଛି ପ୍ରତିଭା ପ୍ରଦର୍ଶନର ସୁଯୋଗ

**ଜମନକିରା, ୨୬।୧୦ (ଡି.ଏନ୍.ଏ)**

ଜମନକିରା ପଞ୍ଚାୟତ ହାଇସ୍କୁଲରେ ଶୁକ୍ରବାର 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁରଭି ଛାତ୍ରୀଛାତ୍ରଙ୍କୁ ପ୍ରତିଭା ପ୍ରଦର୍ଶନ ପାଇଁ ସୁଯୋଗ ଦେଇଛି। ଫଳରେ ପିଲାଙ୍କ ଭିତରେ ଥିବା ପ୍ରତିଭାର ବିକାଶ ହେଉଛି ବୋଲି ଅତିଥିମାନେ ମତବ୍ୟକ୍ତି କରିଛନ୍ତି। ୨୧ଟି ପଞ୍ଚାୟତର ୧୯ଟି କ୍ଲଷ୍ଟରରୁ ୪ଶହରୁ ଅଧିକ ଛାତ୍ରୀଛାତ୍ର ଯୋଗ ଦେଇ ରଚନା, ବିତର୍କ, ଗୀତ, କୁଇଜ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଉତ୍ସବରେ ସ୍କୁଲର ପ୍ରଧାନ ଶିକ୍ଷକ ବିରେନ୍ଦ୍ର ପଟେଲ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଷମା ନାୟକ, ପଞ୍ଚାୟତ ସମିତି ସଭ୍ୟ ସରୋଜ ସେଠ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଦୀପ୍ତ ନାୟକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦେବକୀ ନାଏକ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ କୁମାର ନାଏକ, ଆଦିପ୍ରସାଦ ମହାକୁଳ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଦୀପ୍ତ ନାୟକ, ଦେବକୀ ନାଏକ, ଟିକିଲିପଡ଼ା ବାଳିକା ସେବାଶ୍ରମ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ମହନ୍ତ ପ୍ରମୁଖ ଯୋଗ ଦେଇଥିଲେ।





ଜମନକିରା ପଞ୍ଚାୟତ ହାଇସ୍କୁଲରେ ଶୁକ୍ରବାର 'ସୁରଭି' କାର୍ଯ୍ୟକ୍ରମରେ ଅତିଥିମାନେ।

ଧରିତ୍ରୀ DHARITRI
ସମ୍ବଲପୁର, ରବିବାର, ୨୭ ଅକ୍ଟୋବର, ୨୦୧୯



ଲୋକମାନେ ଅନେକ ପ୍ରକାରରେ ଈଶ୍ୱରଙ୍କୁ ସ୍ମରଣ କରୁଥାନ୍ତି । କିନ୍ତୁ ତାଙ୍କୁ ବୁଝିବା ଓ ଅନୁଭବ କରିବା ମାର୍ଗ ସମସ୍ତଙ୍କର ଏକ ଅଟେ।
- ଟଲଷ୍ଟୟ୍



## ସଂକ୍ଷେପରେ

### ଖୋଲିଲା ପୋଲିସ ସହାୟତା କେନ୍ଦ୍ର

ବରଗଡ଼ ଅଫିସ୍,୨୬।୧୦
ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଶନିବାର ପୋଲିସ ସହାୟତା କେନ୍ଦ୍ର ଖୋଲିଛି । ଏହି ସହାୟତା କେନ୍ଦ୍ର ସବୁଦିନ ୨୪ ଘଣ୍ଟା ଖୋଲା ରହିବ । ଏସପି ପଦ୍ମିନୀ ସାହୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ଯାଇ ସେଠାରେ କାର୍ଯ୍ୟରତ କର୍ମଚାରୀ, ରୋଗୀ ଓ ସେମାନଙ୍କ ଆଟେଣ୍ଡାଣ୍ଟଙ୍କୁ ସୁବିଧା ଅସୁବିଧା ପଚାରି ବୁଝିଛନ୍ତି। ଏସପିଙ୍କ ଏହି ପରିଦର୍ଶନ ସମୟରେ ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଝାରୀ ଉପସ୍ଥିତ ଥିଲେ ।

### ନିଲମ୍ବନ ପ୍ରତ୍ୟାହାର ଦାବି

ବରଗଡ଼ ଅଫିସ୍,୨୬।୧୦
ଜିଲା ମୁଖ୍ୟ ଡାକ୍ତରଖାନାର ଏଡ଼ିଏମଓ ଡା. ଭୀମ ସାହୁଙ୍କ ନିଲମ୍ବନ ଘଟଣାକୁ ଇଣ୍ଡିଆନ ମେଡ଼ିକାଲ ଆସୋସିଏଶନ ବରଗଡ଼ ଶାଖା ନିନ୍ଦା କରିବା ସହିତ ଆଦେଶ ପ୍ରତ୍ୟାହାର ପାଇଁ ଦାବି କରିଛି। ଶନିବାର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଏକ ସ୍ମାରକପତ୍ର ପଠାଯାଇଥିବା ସୂଚନା ଦିଆଯାଇଛି। ଡା. ସାହୁଙ୍କୁ ସ୍ପଷ୍ଟୀକରଣ ଦେବାର ସୁଯୋଗ ଦିଆ ନ ଯାଇ ହଠାତ୍ ତାଙ୍କୁ ନିଲମ୍ବନ କରାଯିବା ଦୁର୍ଭାଗ୍ୟଜନକ। ତାଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରାଯାଇଛି ।

# ନାଚଗୀତରେ ଜମିଲା 'ସୁରଭି'





ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକରେ ସୁରଭି କାର୍ଯ୍ୟକ୍ରମରେ ନୃତ୍ୟ ପରିବେଷଣ କରାଯାଉଛି (ବାମ) । କୁଚିଣ୍ଡା ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ 'ସୁରଭି'ରେ ଅତିଥିମାନେ।

ସମ୍ବଲପୁର,୨୬।୧୦(ବ୍ୟୁରୋ)

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଫିସ ପରିସରରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଇଓ ସନାତନ ବିଶ୍ୱାଳଙ୍କ ଅଧକ୍ଷତାରେ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା। ମାନଧାତା ବାବା ମହାବିଦ୍ୟାଳୟ ଅଧ୍ୟାପକ ତୁଷାର ରଞ୍ଜନ ବାରିକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ବିଭିନ୍ନ ବିଭାଗରେ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମୋଟ ୩୯୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରମୋଦ ତ୍ରିପାଠୀଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଭାରତ ଗୌରବ ଦାସ, ରଞ୍ଜିତ ସାହୁ, ମହେଶ ପଟେଲ ବିଚାରକ ରହିଥିଲେ । ଶେଷରେ ରୋହତି କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

**କୁଚିଣ୍ଡା,(ଡି.ଏନ.ଏ.)**–ସ୍ଥାନୀୟ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ମଧ 'ସୁରଭି' ଓ ମଧ୍ୟାହ୍ନ ଭୋଜନ ସଚେତନ ମେଳା ଆୟୋଜିତ ହୋଇ ଯାଇଛି। ଏଥିରେ କୁଚିଣ୍ଡା ବ୍ଲକର ୧୩ଟି କ୍ଲଷ୍ଟରରୁ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରୀଛାତ୍ର, ମଧ୍ୟାହ୍ନ ଭୋଜନରେ ସହାୟତା କରୁଥିବା ପାଚିକା, ସହାୟିକା ଯୋଗ ଦେଇଥିଲେ। ସ୍ଥାନୀୟ ସମଲେଇ ମନ୍ଦିରରୁ ଏକ ବିରାଟ କଳସ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ବିଦ୍ୟାଳୟ ପରିସରରେ ପହଞ୍ଚିଥିଲା। ଏହି ଶୋଭାଯାତ୍ରାରେ ଦୁଲଦୁଲି, ଘୁମୁରା, ମହିଳା କରମା ନୃତ୍ୟ ଦଳ ସାମିଲ ହୋଇଥିଲେ। କୁଚିଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍ଥାନୀୟ ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବଲେ। ସମ୍ମାନିତ ଅତିଥି ରୂପେ ବିଆରସିସି ଗୌରାଙ୍ଗ କୁସୁମ, ଏବିଓ ତେଜରାଜ ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବା ଏବିଓ ପ୍ରଫୁଲ୍ଲ ଦଣ୍ଡସେନା, ସରକାରୀ ମୁଖ୍ୟ ଉଚ୍ଚ ବାଳକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଞ୍ଜିତ କୁମାର ବେହେରା ଯୋଗ ଦେଇଥିଲେ। ସଭାକୁ ସିଆରସିସି ଭୁବନେଶ୍ୱର ବେହେରା ପରିଚାଳନା କରିଥିଲେ । ଶେଷରେ ଛାତ୍ରୀଛାତ୍ରଙ୍କୁ ନେଇ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

## ହାର୍ ମାନିଲା ଜିଲା ପ୍ରଶାସନ

### ବନ୍ଦ ହେଲା ଟୋଲ୍ ଗେଟ୍, ଗିରଫ ହେଲେ ଠିକାଦାର

ବ୍ରଜରାଜନଗର, ୨୬।୧୦ (ଡି.ଏନ.ଏ.)

ଝାରସୁଗୁଡା ଜିଲା ନୂଆଡିହିଠାରେ ୪୯ ନମ୍ବର ଜାତୀୟ ରାଜପଥରେ ଥିବା ଟୋଲ୍ ଗେଟ୍‌ରେ ଶୁକ୍ରବାର ମଧ ରାତିରୁ ଟୋଲ୍ ଟ୍ୟାକ୍ସ ଆଦାୟ ବନ୍ଦ ହୋଇଛି। ଅଞ୍ଚଳବାସୀଙ୍କ ଜିଦ୍ ଆଗରେ ଜିଲା ପ୍ରଶାସନ ମୁଣ୍ଡ ନୂଆଇଁ ଟୋଲ୍ ଗେଟ୍ ଠିକାଦାରଙ୍କୁ ଗିରଫ କରିଛି। ଟୋଲ୍ ଗେଟ୍ ଠିକାଦାର ଗିରଫ ହେବା ପରେ ଅଞ୍ଚଳବାସୀ ଆନ୍ଦୋଳନ ପ୍ରତ୍ୟାହାର କରିଛନ୍ତି। ବର୍ତ୍ତମାନ ଟୋଲ୍ ଟ୍ୟାକ୍ସ ଆଦାୟ ପୂରା ବନ୍ଦ ରହିଛି । ବ୍ରଜରାଜନଗର ଥାନାରେ ଏକ ମାମଲା (ନଂ.୨୪୪) ରୁଜୁ ହୋଇଛି। ଠିକାଦାରଙ୍କୁ ଗିରଫ କରାଯାଇଥିବା ଥାନା ପ୍ରଭାରୀ ବିଶ୍ୱମିତ୍ର ହରପାଲ ପ୍ରକାଶ କରିଛନ୍ତି। ତେବେ ଏହି ଟୋଲ୍ ଗେଟ୍‌କୁ ଏଠାରୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବା ନେଇ ଜାତୀୟ ରାଜପଥ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

## ମୃତ୍ୟୁଞ୍ଜୟଙ୍କୁ କୋଳେଇ ନେଲେ ଇଟାଲୀୟ ଦମ୍ପତି



ପୌଷ୍ୟ ସନ୍ତାନ ଗ୍ରହଣ ପାଇଁ ଆସିଥିବା ଇଟାଲୀୟ ଦମ୍ପତି।

ଧମା, ୨୬।୧୦ (ଡି.ଏନ.ଏ.)

ମାନେଶ୍ୱର ବ୍ଲକ ବରଗାଁସ୍ଥିତ ରୁକ୍ମିଣୀ ଲାଠ ବାଳାଶ୍ରମରୁ ଇଟାଲୀର ଏକ ନିଃସନ୍ତାନ ଦମ୍ପତି ଜଣେ ଶିଶୁଙ୍କୁ ପୌଷ୍ୟ ସନ୍ତାନ ଭାବେ ଗ୍ରହଣ କରିଛନ୍ତି । ଇଟାଲୀର ଆନ୍ଦ୍ରା ମାର୍ଲିକେଟ ଏବଂ ସ୍ତ୍ରୀ ଏଲିନା ପିୟା ଏଠାରୁ ପୌଷ୍ୟସନ୍ତାନ ଗ୍ରହଣ ପାଇଁ ଆବେଦନ କରିଥିଲେ। ସମସ୍ତ ସରକାରୀ ଔପଚାରିକତା ସଂପୂର୍ଣ୍ଣ ହେବା ପରେ ଶନିବାର ବାଳ ନିକେତନ ପରିସରରେ ସମ୍ବଲପୁର ଉପଜିଲାପାଳଙ୍କ ଉପସ୍ଥିତିରେ ୨ବର୍ଷର ଶିଶୁ ମୃତ୍ୟୁଞ୍ଜୟଙ୍କୁ ତାଙ୍କୁ ହସ୍ତାନ୍ତର କରାଯାଇଛି। ଏହି ଅବସରରେ ଅଧକ୍ଷା ନଳିନି ପ୍ରଧାନ, ସମ୍ପାଦକ ରାଧେକୃଷ୍ଣ ପଣ୍ଡା, ଜୀବର୍ଦ୍ଧନ ଭୋଇ, ସଦସ୍ୟ ସଂଗ୍ରାମ ପଧାନ, ହେମନ୍ତ ପଧାନ ଓ ଇତିକାନ୍ତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏହି ବାଳାଶ୍ରମରୁ ୧୦୧ ଶିଶୁ ଏବେ ପର୍ଯ୍ୟନ୍ତ ପୌଷ୍ୟ ସନ୍ତାନ ହୋଇ ସାରିଲେଣି। ମୃତ୍ୟୁଞ୍ଜୟଙ୍କୁ ମିଶାଇ ଏଠାରୁ ବିଦେଶକୁ ୧୩ ଜଣ ପୌଷ୍ୟ ସନ୍ତାନ ଗଲେଣି।

## ବିକାଶ ଛାତ୍ରୀଛାତ୍ର ପାଳିଲେ ଦୀପାବଳି

ବରଗଡ଼ ଅଫିସ୍,୨୬।୧୦

ବରଗଡ଼ ସିମେଣ୍ଟନଗରସ୍ଥିତ ବିକାଶ ଇଂଲିସ ମିଡ଼ିୟମ ସ୍କୁଲରେ ଶନିବାର ଦିପାବଳୀ ଉତ୍ସବ ସମାରୋହରେ ପାଳିତ ହୋଇଛି । ଏହି ଅବସରରେ ଅଧ୍ୟକ୍ଷ ସନାତନ ମହାପାତ୍ରଙ୍କ ସମେତ ଶିକ୍ଷୟିତ୍ରୀ, ଶିକ୍ଷକ ଲକ୍ଷ୍ମୀଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ସହିତ ପୂଜାର୍ଚ୍ଚନା କରିଥିଲେ। ଛାତ୍ରୀ ଧନେଶ୍ୱରୀ ଭୋଇ ଦୀପାବଳିର ମହତ୍ତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ନବୀନ ପାଣ୍ଡେଙ୍କ ତତ୍ତ୍ୱାବଧାନରେ ଛାତ୍ରୀମାନେ ପ୍ରଭୁ ରାମଚନ୍ଦ୍ରଙ୍କ ଆଗମନ ଭିତ୍ତିକ ଗୀତ ପରିବେଷଣ କରିଥିଲେ। ଛାତ୍ରୀମାନେ ଦୀପ ପ୍ରଜ୍ୱଳନ କରିଥିଲେ। ଛାତ୍ର ଚିରଞ୍ଜୀବ ମୁଦୁଲି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ଓଡ଼ିଶା ରାଜ୍ୟ ସ୍କୁଲ ସମୂହ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍

## ସମ୍ବଲପୁର, ସୁନ୍ଦରଗଡ଼, ଭୁବନେଶ୍ୱର ଚାମ୍ପିୟନ

ସମ୍ବଲପୁର, ୨୬।୧୦ (ବ୍ୟୁରୋ)

୬୫ତମ ଓଡିଶା ରାଜ୍ୟ ସ୍କୁଲ ସମୂହ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍- ୨୦୧୯ ଶନିବାର ଭିଏସ୍ଏସ୍ ଇନ୍‌ଡୋର ହଲଠାରେ ଉଦ୍‌ଯାପିତ ହୋଇଯାଇଛି । ବାଳିକା ୧୪ ବର୍ଷରୁ କମ ବିଭାଗରେ ସମ୍ବଲପୁର ଚାମ୍ପିୟନ ହୋଇଥିବାବେଳେ ରାୟଗଡା ରନର୍ସ ଅପ ହୋଇଛି। ୧୭ ବର୍ଷରୁ କମ୍ ବର୍ଗରେ ଭୁବନେଶ୍ୱର ଚାମ୍ପିୟନ ଓ ସମ୍ବଲପୁର ରନର୍ସ ଅପ୍ ଟ୍ରଫି ହାସଲ କରିଛି। ସେହିପରି ବାଳକ ବିଭାଗ ୧୪ ବର୍ଷରୁ କମ୍‌ରେ ସୁନ୍ଦରଗଡ ଚାମ୍ପିୟନ ଓ ସମ୍ବଲପୁର ରନର୍ସ ଅପ୍ ଏବଂ ୧୭ ବର୍ଷରୁ କମ୍ ବର୍ଗରେ ଭୁବନେଶ୍ୱର ଚାମ୍ପିୟନ ଓ କଟକ ରନର୍ସ ଅପ୍ ହୋଇଛି । ଜିଲା ଶିକ୍ଷା ଅଧିକାରୀ ସୁବୋଧ ଦାଶଙ୍କ ପରିଚାଳନାରେ ପୁରସ୍କାର ବିତରଣ ଉତ୍ସବ ହୋଇଥିଲା । ପଞ୍ଚମ ଓଡିଶା ବେଟାଲିୟନ୍ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଲେଫ୍‌ଟନାଣ୍ଟ କଲୋନେଲ କେ.ଏସ. ବିଷ୍ଟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସର୍ବ ଶିକ୍ଷା ଅଭିଯାନର (ଡିପିସି) କଳ୍ପନା ପଣ୍ଡା, ଜିଲା କ୍ରୀଡା ଅଧିକାରୀ ଉପେନ୍ଦ୍ର ଶତପଥୀ, ବ୍ୟାଡମିଣ୍ଟନ ସମ୍ପାଦକ ନିଲିନ କୁମାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ଶାରରରିକ ଶିକ୍ଷା ନିରୀକ୍ଷକ ସତ୍ୟନାରାୟଣ ରାୟଗୁରୁ ଅତିଥି ପରିଚୟ ଓ ବିବରଣୀ ପାଠ କରିଥିଲେ। ଦୀପାଳି ଚୌଧୁରୀ ସଭା କାର୍ଯ୍ୟ ସଂଯୋଜନା କରିଥିଲେ। ଶେଷରେ ବରିଷ୍ଠ ଶିକ୍ଷକ ହରିନାରାୟଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । କ୍ରୀଡା ଶିକ୍ଷକ ଜଗବନ୍ଧୁ ବେହେରା ଓ ନରେନ୍ଦ୍ର ଦେହୁରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ରାଜ୍ୟର ୨୬ଟି ଜିଲାର ୨୯୮ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ୫୮ ଜଣ ଅଫିସିଆଲ ଇଭେଣ୍ଟ ପରିଚାଳନା କରିଥିଲେ । ଜିଲାସ୍ତରୀୟ ସମିତିର ରମଣୀରଞ୍ଜନ ସାହୁ, ଲକ୍ଷ୍ମଣ ନାଥ, ନରେନ୍ଦ୍ର ଦେହୁରୀ, କୁଳଧର ପ୍ରଧାନ, ଦୀପ୍ତିମୟୀ ମିଶ୍ର, ସୁଲୋଚନା ପଣ୍ଡା, ପ୍ରଦୀପ କୁମାର ସାହୁ, ସରସ୍ୱତୀ ସେଠୀ, ମହେଶ୍ୱର ଖଣ୍ଡେଲ, ବେଣୁଧର ନାୟକ, ତ୍ରିବିକ୍ରମ ରଣା ପ୍ରମୁଖ ଇଭେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।




ଭିଏସ୍ଏସ୍ ଇନ୍‌ଡୋର ହଲ୍‌ଠାରେ ରାଜ୍ୟ ସ୍କୁଲ ସମୂହ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍‌ରେ ଅତିଥି, ଆୟୋଜକ ପ୍ରତିଯୋଗୀମାନେ।

## ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର୍ସ ସେବା ସଂଘର ବୈଠକ




ଓଡିଶା ଡିପ୍ଲୋମା ଇଞ୍ଜିନିୟର୍ସ ସେବା ସଂଘ ସମ୍ବଲପୁର ଶାଖାର ବୈଠକରେ ମଞ୍ଚାସୀନ ଅତିଥିମାନେ ।

ସମ୍ବଲପୁର, ୨୬।୧୦ (ବ୍ୟୁରୋ)

ଓଡିଶା ଡିପ୍ଲୋମା ଇଞ୍ଜିନିୟର୍ସ ସେବା ସଂଘ ସମ୍ବଲପୁର ଶାଖାର ବାର୍ଷିକ ସାଧାରଣ ସଭା ଓ ନୂତନ କର୍ମକର୍ତ୍ତା ଶନିବାର ଅନୁଷ୍ଠିତ ହୋଇଯାଇଛି । ବୁଦ୍ଧହିଲ୍‌ଠାରେ ସ୍ୱରୂପ ପଣ୍ଡାଙ୍କ ଅଧକ୍ଷତାରେ ସଭା ହୋଇଥିଲା । କେନ୍ଦ୍ରୀୟ ସଭାପତି ପ୍ରଦୀପ କୁମାର ପାତ୍ର ମୁଖ୍ୟଅତିଥି ଓ ଦେବ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପଶ୍ଚିମାଞ୍ଚଳ ମହାମଣ୍ଡଳ ସମ୍ପାଦକ ହେମନ୍ତ କୁମାର ମହାପାତ୍ର, ଅତିରିକ୍ତ ମହାମଣ୍ଡଳ ସମ୍ପାଦକ ସଞ୍ଜୀବ କୁମାର ପାତ୍ର ଯୋଗ ଦେଇଥିଲେ । ଇଞ୍ଜିନିୟର ଇନ୍ଦ୍ରମଣୀ ସାହୁ ବିବରଣୀ ପାଠ କରିଥିଲେ । ପୂର୍ବତନ ମହାମଣ୍ଡଳ ସମ୍ପାଦକ ପ୍ରସନ୍ନ କୁମାର ସାମନ୍ତରାୟ ସୂଚନା ପ୍ରଦାନ କରିଥିଲେ । ସଂଘ ଉପଦେଷ୍ଟା କିଶୋର କୁମାର ପଣ୍ଡା ସ୍ୱାଗତ କରିଥିବା ବେଳେ ଅଶୋକ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

## ବେଲପାହାଡ଼ରେ ଅସ୍ଥାୟୀ ଫଟକା ବଜାର

ବେଲପାହାଡ଼,୨୬।୧୦ (ଡି.ଏନ୍.ଏ.)

ରବିବାର ଆଲୋକର ପର୍ବ ଦୀପାବଳି। ଏଥିପାଇଁ ଝାରସୁଗୁଡ଼ା ଜିଲା ବେଲପାହାଡ଼ରେ ସମସ୍ତ ଦୋକାନ ବଜାର ଚଳଚଞ୍ଚଳ ହୋଇଉଠିଛି। ଏଥିସହିତ ବ୍ୟବସାୟ ପ୍ରତିଷ୍ଠାନ ଗୁଡ଼ିକରେ ସାଜସଜ୍ଜା ଓ ସଫେଇ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ପୂର୍ବ ବର୍ଷ ଭଳି ଚଳିତ ବର୍ଷ ବାଣ ବିକ୍ରି ପାଇଁ ପୌର ପରିଷଦ ପକ୍ଷରୁ ଆହାର କେନ୍ଦ୍ର ନିକଟରେ ଅସ୍ଥାୟୀ ଫଟକା ବଜାର ବସିଛି। ଏହି ବଜାରରେ ୧୧ଜଣ ଲାଇସେନ୍ସ ପ୍ରାପ୍ତ ବ୍ୟବସାୟୀ ଫଟକା ବିକ୍ରି କରୁଛନ୍ତି। ପ୍ରତ୍ୟେକ ବାଣ ଦୋକାନରେ ବିଭିନ୍ନ କିସମର ଫଟକା, ଫୁଲଝରି, ଦୀପ, ମହମବତୀ ଓ ତେଲ ବିକ୍ରି ହେଉଛି। ପୂର୍ବ ବର୍ଷ ତୁଳନାରେ ଏଥର ବଜାରରେ ଫଟକା ମୂଲ୍ୟ ଅଧିକ ବୃଦ୍ଧି ପାଇଛି। ତଥାପି ଲୋକେ ଆଗ୍ରହର ସହିତ ଫଟକା କିଣି ଘରକୁ ନେଉଛନ୍ତି। ରବିବାର ରାତି ଦୀପାବଳି ପର୍ବ ସହିତ ବିଭିନ୍ନ ପୂଜା ମଣ୍ଡପ ଓ ଦେବୀ ମନ୍ଦିରରେ ମା' କାଳୀଙ୍କ ପୂଜା ଅନୁଷ୍ଠିତ ହେବ। ଏଥିପାଇଁ ପ୍ରସ୍ତୁତି କାର୍ଯ୍ୟ ଜୋରସୋରରେ ଚାଲିଛି। ପୂର୍ବ ବର୍ଷ ଭଳି ଏଥର ଗୁମାଡ଼େରା ବାଟମଙ୍ଗଳା ମନ୍ଦିର, ଜାମକାନି ଶ୍ୟାମାକାଳୀ ମନ୍ଦିର, ଟିଆର୍‌ଏଲ ଏମ୍ପ୍ଲୋଇଜ ଦୁର୍ଗା ପୂଜା ମଣ୍ଡପ, ଗୁମାଡ଼େରା ଦୁର୍ଗା ପୂଜା ମଣ୍ଡପ, ବେଲପାହାଡ଼ ଫାଟକ ଦୁର୍ଗା ପୂଜା ମଣ୍ଡପ ଓ ଷ୍ଟେଶନ ଦୁର୍ଗା ପୂଜା ମଣ୍ଡପରେ କାଳୀ ପୂଜା ଅନୁଷ୍ଠିତ ହେବ। ବଙ୍ଗାଳି ସମାଜ ଯୁବକମାନଙ୍କୁ ନେଇ ଗଠିତ ଯୁବସଂଘ କାଳୀ ପୂଜା ପକ୍ଷରୁ ପୌରପରିଷଦ କାର୍ଯ୍ୟାଳୟ ପଛ ପାର୍ଶ୍ୱରେ କାଳୀ ପୂଜା ପାଇଁ ଆୟୋଜନ ଚାଲିଛି।

## ଫଟୋରେ ଖବର



ଶନିବାର ସମ୍ବଲପୁର ରୁକ୍ମିଣୀ ଲାଠ ବାଳ ନିକେତନରେ ଆହ୍ୱାନ ପକ୍ଷରୁ ପାଠ୍ୟ ସାମଗ୍ରି ବଣ୍ଟନ କରାଯାଉଛି ।




ଶନିବାର ସମ୍ବଲପୁର ରୋଟାରି ଇନରହ୍ୱିଲ କ୍ଲବ ପକ୍ଷରୁ ଡ. ଆଇଜାକ ସାନ୍ତ୍ରା ବାଳ ନିକେତନରେ ମିଶନ ମମତା କାର୍ଯ୍ୟକ୍ରମରେ ଅନ୍ତେବାସୀଙ୍କ ସହ କର୍ମକର୍ତ୍ତା ।



ଶନିବାର ସମ୍ବଲପୁର ହୀରାକୁଦ ଲରପଙ୍କ ନିକଟସ୍ଥ କଳ୍ପତରୁ ସେବାଶିକ୍ଷା ଆଶ୍ରମରେ ରେଲୱେ ଭାରତ ସ୍କାଉଟ ଓ ଗାଇଡ୍ ପକ୍ଷରୁ ଖେଳ ସାମଗ୍ରୀ ବଣ୍ଟନ କରାଯାଉଛି ।



ତିନୋଟି ଜିନିଷକୁ ଦୀର୍ଘଦିନ ଧରି ଲୁଚାଇ ହେବନାହିଁ। ସେଗୁଡ଼ିକ ହେଲା ସୂର୍ଯ୍ୟ, ଚନ୍ଦ୍ର ଓ ସତ୍ୟ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ଗୃହସ୍ଥି ଉଦ୍ୟୋଗ ସମ୍ମୁଖରେ ଶ୍ରମିକ ସଂଘର ବିକ୍ଷୋଭ

**ରାଉରକେଲା ଅଫିସ,୨୬।୧୦-**ମସଲା କମ୍ପାନୀ ଗୃହସ୍ଥି ଉଦ୍ୟୋଗରେ କାମ କରୁଥିବା ଶ୍ରମିକଙ୍କୁ ନ୍ୟାୟୋଚିତ ପ୍ରାପ୍ୟ ମିଳୁ ନ ଥିବାରୁ ସୁନ୍ଦରଗଡ଼ ଶ୍ରମିକ ସଂଘ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ଶ୍ରମିକଙ୍କ ୪ ଦଫା ଦାବି ନେଇ ଶ୍ରମିକ ସଂଘ ଓ ଗାଙ୍ଗପୁର ମଜଦୁର ମଞ୍ଚ ପକ୍ଷରୁ ମିଳିତ ଭାବେ ଏହାର ଛେଣ୍ଡ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଉଦ୍ୟୋଗର ମୁଖ୍ୟ ଫାଟକ ସମ୍ମୁଖରେ ଆୟୋଜିତ ବିକ୍ଷୋଭ ପ୍ରଦର୍ଶନ ବେଳେ ଉଭୟ ୟୁନିୟନର ନେତୃମଣ୍ଡଳୀ ଉପସ୍ଥିତ ଥିଲେ। ସଂଘ କାର୍ଯ୍ୟକାରୀ ସଭାପତି ଅକ୍ଷୟ ଜେନା ଏଥିରେ ଅଧକ୍ଷତା କରିଥିଲେ। ତୁରନ୍ତ ଏ ଦିଗରେ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ଜେନା ଦାବି କରିଥିଲେ। ଗାଙ୍ଗପୁର ମଜଦୁର ମଞ୍ଚ ସାଧାରଣ ସମ୍ପାଦକ ଗୋପାଳ ଦାସ ଶ୍ରମିକଙ୍କ ସମସ୍ତ ପ୍ରାପ୍ୟ ପ୍ରଦାନ ନ କଲେ ଆନ୍ଦୋଳନକୁ ଜୋର୍‌ଦାର କରାଯିବ ବୋଲି ଚେତାବନୀ ଦେଇଥିଲେ ।

■ ଥିଲାବାଲାଙ୍କୁ ମିଳୁଛେ, ଗରିବ୍ ବୁଢ଼ାବୁଢ଼ୀଙ୍କୁ ନାଇଁ

# ଶହେ ବଛ୍‌ରିଆ ବୁଢ଼ା ଭତାରୁ ବଁଚିତ୍

**ଚିପିଲିମା, ୨୬।୧୦ (ଡି.ଏନ୍.ଏ.)**

ରାଏଜ୍ ସରକାର ଗରିବ୍‌ଦୁଖି ବୁଢ଼ାବୁଢ଼ି, ବିଧବା, ଭିନ୍ନକ୍ଷମଙ୍କର ଲାଗି ଅନେକ ଯୋଜନା କାଯ୍‌କାରି କରି କୋଟି କୋଟି ଟଁକା ସାରୁଛନ୍। ଏନ୍‌ତା କି ରାଏଜେ କେହେନ୍‌ସି ଗରିବ୍ ହିତାଧିକାରୀ ଭତାରୁ ବଁଚିତ୍ ନାଇଁ ରହନ୍ ବଲି ଡିଂଗ୍ରା ପିଟୁଛନ୍। ହେଲେ ଅନେକ ବ୍ଲକ, ପଁଚେତ୍‌ରେ ସରକାରୀ ନୀତି ନିୟମକେ ବେଖାତିର କରି ହିତାଧିକାରୀ ବଛା ହେଉଥିବାର ଅଭିଯୋଗ ହେଉଛେ। କେନ୍‌ଠାନେ ଥିଲାବାଲା, କମ୍ ବଏସିଆ ଲୋକ୍ ଭତା ପାଉଛନ୍‌ତ ଆର କେନ୍‌ନେ ଲଡୋଥପୋ ବୁଢ଼ାବୁଢ଼ି ମଲା ସମିଆ ତକ୍ ଭତା ନାଇଁ ପାଇକରି ଗୁଲ୍‌ଗୁଲା ହେଉଛନ୍। ଏନ୍‌ତାକି ହକ୍‌ଦାର ହିତାଧିକାରୀ ଭତାର ଲାଗି କାଗଜପତର ଦେଇ ବଛର ବଛର ବିତିଯାଉଛେ। ପଁଚେତ୍‌ରୁ ବ୍ଲକ ତକ୍ ନରଦି ନରଦି ନିହାଲ ହେଇଯାଉଛନ୍, ହେଲେ ଭତା ନାଇଁ ପାଏବାର। ଏନ୍‌ତା ଗୁଟେ ଉଦାହରନ୍ ଦେଖିବାକେ ମିଳିଛେ ସମ୍ବଲପୁର ଜିଲା ଧନକଉଡ଼ା ବ୍ଲକ କର୍ଡୋଲା ପଁଚେତ୍‌ରେ। ଇ ପଁଚେତରେ ଅନେକ ଥିଲାବାଲା, ପକାଘର, ଜମିବାଡ଼ି ଥାଇ ଅଏନ୍‌ରେ ଚଲୁଥିଲା ଲୋକ୍ ଭତା ପାଉଥିଲାବେଳେ ଅନେକ୍ ଲଡୋଥପୋ ବୁଢ଼ାବୁଢ଼ି ଭତା ପାଏବାରୁ ବଁଚିତ୍ ହେଇ ରହିଛନ୍। ଏନ୍‌ତାକି ଇ ପଁଚେତ୍‌ର ଅନେକ ହକ୍‌ଦାର ଗରିବ୍ ବୁଢ଼ାବୁଢ଼ି ଭତାର ଲାଗି ଆବେଦନ କରି ନିରାଶ ହେଇଥିବାର କହିଛନ୍। ବନ୍ଦପାଲି ବାଜୋଟିକ୍ରାର ଗରିବ୍ ବୁରୁଧ୍ ବେଢ଼ା ସେଠ୍(୧୦୦) ଆର ତାକର ମାଏକିନା ଯମୁନା ସେଠ୍(୭୦) ଭତାରୁ ଆଏଜ୍ ବି ବଁଚିତ୍ ହେଇ ରହିଛନ୍। ସେନ୍‌ତା ତୁଲଣ୍ଡି ଗାଁର ଅସରପି ଗର୍ଡିଆ(୮୫), ବନ୍ଦପାଲିର ଯମୁନା ସେଠ(୬୭), କହଁର ମିର୍ଦ୍ଧା(୬୫), ମନିକର ନାଗ(୬୫), ହରି ମିର୍ଦ୍ଧା(୬୫) ପରମୁଖ ଭତାରୁ ବଁଚିତ୍ ହେଇ ରହିଛନ୍। ହେଲେ ଇ ଗାଁର ଅନେକ ଥିଲାବଲା ଲୋକ୍ ଭତା ପାଉଥିବାର ଇ ହକ୍‌ଦାର ହିତାଧିକାରୀମାନେ କାହାରି ନାଁ ନାଇଁ ନେଇକରି କହିଛନ୍। ସେନ୍‌ତା କର୍ଡୋଲା ଗାଁର ପୁରୋଷଉମ ସେଠ୍ ଝନେ ପକ୍ଷାଘାତ ରୁଗୀ। ଭତାର ଲାଗି ସେ ଅନେକ ଥର ଆବେଦନ କରି ନିରାଶ ହେଇଥିବାର କହିଛନ୍। ଏନ୍‌ତାକି ଇ ଗାଁରେ ଅନେକ୍ ଦଲାଲ ଭତାର ଲାଗି ଲୁକ୍‌କରନୁ ହଜାର ହଜାର ଟଁକା ନେଇ ଭତା କରଉଥିବାର ବି ଅଭିଯୋଗ ହେଉଛେ। ଇ ଦିଗେ ଜିଲା ଆର ବ୍ଲକ ପରଶାସନ ଦୁରୁଷ୍‌ଟି ଦେଇ ହକ୍‌ଦାରଙ୍କୁ ତାକର ହକ୍ ଦେବାର ସଂଗେ ବେଆଇନ୍ ଭତା ପାଉଥିବାର ଲୋକ୍, ଦଲାଲ୍‌ମାନକର ବିରୋଧନେ କଡ଼ା ପଦକ୍ଷେପ ନେବାକେ ଭତାରୁ ବଁଚିତ୍ ହକ୍‌ଦାର ହିତାଧିକାରୀମାନେ ଦାବି କରିଛନ୍। ଇ ବାବ୍‌ଦେ ଏବିଡିଓ ସୁଶାନ୍ତ ପଣ୍ଡାଙ୍କୁଁ ପଚରାଲାରୁ ଘଟ୍‌ନା ବାବ୍‌ଦେ ମୋର୍ ପାଶେ ଖବର ନାଇଁଥାଇ। ବହୁତ୍ ଜଲ୍‌ଦି ସେମାନଙ୍କୁ ଭତା ଯୁଗେଇ ଦେବାର୍ ବେବସତା କରାଯିବା। ସେନ୍‌ତା ଯଦି କେହି ହିତାଧିକାରୀ ଭତା ପାଉଥିବେ ଘଟ୍‌ନା ତଦଁତ୍ କରି ତାକର ବିରୋଧନେ କଡ଼ା ପଦକ୍ଷେପ ନିଆଯିବା ବଲି ସେ କହିଥିଲେ।



ଏନ୍‌ଏସ୍‌ସିବି କଲେଜରେ ବାଣିଜ୍ୟ କୁଇଜ ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀ ।

# ବାଣିଜ୍ୟ କୁଇଜ୍ ପ୍ରତିଯୋଗିତା

**ସମ୍ବଲପୁର, ୨୬।୧୦ (ବ୍ୟୁରୋ)**

ନେତାଜୀ ସୁବାଷ ଚନ୍ଦ୍ର ବୋଷ କଲେଜ (ଏନ୍‌ଏସ୍‌ସିବି)ଠାରେ ଓଡିଶା କମର୍ସ ସଂଘ ଓ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶନିବାର ବାଣିଜ୍ୟ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଡ. ବିଶ୍ୱମୋହନ ଜେନା, କୌଶିକ ଦାଶ, ଆଲୋକ ସାହୁ, ପି.କେ. ସ୍ୱାଇଁ, କଲେଜ ଅଧକ୍ଷ ହରିଶଙ୍କର ସାହୁଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ବରଗଡ, ସମ୍ବଲପୁର, ସୁନ୍ଦରଗଡ ଜିଲାର ୬୪ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ ।

# ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମର ପୁରସ୍କାର ବିତରଣୀ ଉତ୍ସବ

**ଦେବଗଡ଼,୨୬।୧୦ (ଡି.ଏନ.ଏ.)**

ଦେବଗଡ଼ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ଜିଲା ପୋଲିସରେ କାର୍ଯ୍ୟରତ କର୍ମଚାରୀଙ୍କ ଝିଅ, ପୁଅମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ପୂର୍ବରୁ ହୋଇଥିବା ୨ ଦିନିଆ ପ୍ରତିଭା ଅନ୍ୱେଷଣ ଶିବିରର କୃତୀ ପ୍ରତିଭାମାନଙ୍କୁ ଶନିବାର ପୁରସ୍କାର ପ୍ରଦାନ କରାଯାଇଛି। ସନ୍ଧ୍ୟାରେ ସ୍ଥାନୀୟ ପୋଲିସ ରିଜର୍ଭଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପୋଲିସ ବିଭାଗର ଅଧିକାରୀ, କର୍ମଚାରୀ ଓ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ରଙ୍ଗାରଙ୍ଗ ନୃତ୍ୟ ଓ ସଂଗୀତ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଦେବଗଡ ଏସ୍‌ପି ରାହୁଲ ଜୈନ, ଅତିରିକ୍ତ ଏସ୍‌ପି ରବିନାରାୟଣ ସି, ଡିଏସ୍‌ପି(ଡି.ଆଇ.ବି.)ଶିବ ପ୍ରସାଦ ବିଶ୍ୱାଳ, ଡିଏସ୍‌ପି(ଏଚ୍.ଆର୍.ପି.ସି.) ରବୀନ୍ଦ୍ର କୁମାର ରାଉତ ଓ ଡେପୁଟି କମାଣ୍ଡାଣ୍ଟ ବସନ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ହୋଇଥିବା ପ୍ରବନ୍ଧ, ସାଧାରଣ ଜ୍ଞାନ, ବିତର୍କ, ମ୍ୟୁଜିକ ଚେୟାର, କୌତୁକ ପୋଷାକ, ସଂଗୀତ ଏବଂ ନୃତ୍ୟ ପ୍ରତିଯୋଗିତାର ମୋଟ ୬୬ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ ପ୍ରଦାନ କରାଯାଇଥିଲା। ସେହିପରି ସବ୍‌ଜୁନିୟର ବିଭାଗରେ ଶ୍ରେଷ୍ଠ ହୋଇଥିବା ମନସ୍ୱୀ ପ୍ରଧାନ, ଜୁନିୟର ବିଭାଗରେ ଶ୍ରେଷ୍ଠ ହୋଇଥିବା ଶ୍ରୀଓଁ ସ୍ୱରୂପ ଦେହୁରୀ ଓ ପ୍ରଜ୍ଞା ପ୍ରିୟଦର୍ଶିନୀ ବେହେରା ଏବଂ ସିନିୟର ବିଭାଗରେ ଶ୍ରେଷ୍ଠ ହୋଇଥିବା ତାଜ ତନ୍ମୟୀ ବିଶ୍ୱାଳଙ୍କୁ ମାନପତ୍ର ସହ ଅର୍ଥ ରାଶି ପୁରସ୍କାର କରାଯାଇଥିଲା। କାର୍ଯ୍ୟକ୍ରମରେ ରିଜର୍ଭ ଇନ୍‌ସପେକ୍ଟର କାଳୀଚରଣ ମାଝି, ଇନ୍‌ସପେକ୍ଟର ମଳୟ କିଶୋର ନାୟକ, ସୁରେନ୍ଦ୍ର କୁମାର ନାୟକ, ଏଏସ୍‌ଆଇ ଦିଲୀପ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



ଏସ୍‌ପି ରାହୁଲ ଜୈନ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

# ମୋ ସରକାର ଯୋଜନା ରୂପାୟନ ପରଖିଲେ ଏସ୍‌ପି

**ବଲାଙ୍ଗୀର ଅଫିସ, ୨୬।୧୦**

ରାଜ୍ୟ ସରକାର ମୋ ସରକାର ଯୋଜନା ଲାଗୁ କଲାପରେ ବଲାଙ୍ଗୀର ଜିଲାରେ ଏହି ଯୋଜନା କିଭଳି ରୂପାୟନ ହେଉଛି ଅଭିଯୋଗକାରୀଙ୍କ ନିକଟକୁ ଯାଇ ପରଖିଛନ୍ତି ଏସ୍‌ପି ମଡକର ସନ୍ଦୀପ ସମ୍ପଦ। ଶନିବାର ଅପରାହ୍ନରେ ଟାଉନ ଥାନା ଅନ୍ତର୍ଗତ ଗାନ୍ଧୀନଗର ପଡାର ରାଜେଶ ପଟେଲଙ୍କ ଘରେ ପହଞ୍ଚିଥିଲେ ଏସ୍‌ପି ସମ୍ପଦ । ଟାଉନ ଥାନା ଅଧିକାରୀ ସଂଗ୍ରାମ କେଶରୀ ପଟ୍ଟନାୟକ, ସଦର ଏସ୍‌ଡିପିଓ ଶ୍ରୀମନ୍ତ ବାରିକଙ୍କ ଉପସ୍ଥିତିରେ ଅଭିଯୋଗକାରୀଙ୍କୁ ଫୁଲତୋଡା ସହ ଥାନା ଅଧିକାରୀ, ଏସଡିପି ଓ ଏବଂ ଏସ୍‌ପିଙ୍କ ମୋବାଇଲ୍ ନମ୍ବର ଥିବା ଏକ ଭିଜିଟିଂ କାର୍ଡ ପ୍ରଦାନ କରାଯାଇଥିଲା । କିଛି ଦିନ ତଳେ ବଡଭାଇ ମୋହନ ପଟେଲ ଏକ ବାଇକ ଦୁର୍ଘଟଣାର ସମ୍ମୁଖୀନ ହେବା ପରେ ଟାଉନ ଥାନାରେ ଅଭିଯୋଗ କରିଥିଲେ ରାଜେଶ । ଥାନାକୁ ଅଭିଯୋଗ କରିବାକୁ ଯାଇଥିବା ସମୟରେ ପୋଲିସ ପକ୍ଷରୁ ତାଙ୍କୁ କିଭଳି ବ୍ୟବହାର ପ୍ରଦର୍ଶନ କରାଯାଇଥିଲା, ପିଇବାକୁ ପାଣି ଓ ବସିବାକୁ ଚୌକି ଦିଆଯାଇଥିଲା ନା ନାହିଁ, ଅଭିଯୋଗ ଉପରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ନେଇ ଅଭିଯୋଗକାରୀ ସନ୍ତୁଷ୍ଟ ହୋଇଛନ୍ତି ନା ନାହିଁ ପଚାରି ବୁଝିଥିଲେ। ଏହି ଘଟଣାରେ ଟାଉନ ଥାନାକୁ ୫ ମାର୍କରୁ କେତେ ମାର୍କ ଦେବେ ବୋଲି ପଚାରିଥିଲେ ଏସ୍‌ପି । ପୋଲିସର ବ୍ୟବହାର ଓ କାର୍ଯ୍ୟରେ ସନ୍ତୋଷ ପ୍ରକାଶ କରିବା ସହ ଟାଉନ ଥାନା ପୋଲିସକୁ ସେ ୫ମାର୍କ ଦେଉଥିବା ନେଇ ରାଜେଶ ଏସପିଙ୍କୁ ଜଣାଇଥିଲେ । ସେହିପରି ବେହେରାପାଲିର ରୀନା କୁମ୍ଭାର ନାମକ ଜଣେ ଅଭିଯୋଗକାରିଣୀଙ୍କ ଘରକୁ ଯାଇଥିଲେ ଏସ୍‌ପି । ବଡଭାଇ ବିଭିନ୍ନ ସମୟରେ ଗାଳିଗୁଲଜ ଓ ମାରଧର କରୁଥିବା ନେଇ ଟାଉନ ଥାନାରେ ଅଭିଯୋଗ କରିଥିଲେ ରୀନା । ବରିଷ୍ଠ ପୋଲିସ ଅଧିକାରୀମାନେ ଘରକୁ ଆସି ତାଙ୍କ ଅଭିଯୋଗ ଉପରେ ପଚାରି ବୁଝିଥିବାରୁ ରୀନା ସନ୍ତୋଷ ପ୍ରକାଶ କରିଛନ୍ତି । ରାଜ୍ୟ ସରକାରଙ୍କ ମୋ ସରକାର ଯୋଜନା ଲାଗୁ ପରେ କେବଳ ବଲାଙ୍ଗୀର ଟାଉନ ଥାନା ଅଞ୍ଚଳ କାହିଁକି ଜିଲାର ସମସ୍ତ ଥାନା ଅଞ୍ଚଳକୁ ଗସ୍ତ କରି ଅଭିଯୋଗକାରୀଙ୍କ ନିକଟରେ ପହଞ୍ଚି ପୋଲିସ କାର୍ଯ୍ୟକଳାପ ସମ୍ପର୍କରେ ପଚାରିବ ବୋଲି ଏସପି ସମ୍ପଦ ସୂଚନା ଦେଇଛନ୍ତି ।



ବେହେରାପାଲିର ରୀନା କୁମ୍ଭାରଙ୍କୁ ଏସ୍‌ପି ମଡକର ସନ୍ଦୀପ ସମ୍ପଦ ଫୁଲତୋଡ଼ା ଦେଉଛନ୍ତି ।

# କୁତ୍ରା ଥାନା ଅଞ୍ଚଳରୁ ଚୋରା ବୋଲେରୋ ଉଦ୍ଧାର

**ବେଦବ୍ୟାସ, ୨୬।୧୦ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ କଲୁଙ୍ଗା କରତକଲ ଛକ ଚାଉମିନ ଦୋକାନ ନିକଟରେ ଠିଆ ହୋଇଥିବା ବୋଲେରୋ ଗତ ୨୩ ତାରିଖ ରାତି ସାଢ଼େ ୯ଟାବେଳେ ଚୋରି ହୋଇଥିଲା। ଶନିବାର ଅପରାହ୍ନ ୨ଟାରେ ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ବିଶେଷସୂତ୍ରରୁ ଖବରପାଇ କୁତ୍ରା ଥାନା ଅଞ୍ଚଳରୁ ଉଦ୍ଧାର କରିଛି। ସୂଚନା ଥାଉକି ଗତ ୨୩ ତାରିଖ ବୋଲେରୋ ଗାଡି ନଂ. ଓଡି ୧୪ ଏନ- ୭୧୬୬ କଲୁଙ୍ଗା କରତକଲ ଛକ ଚାଉମିନ ଦୋକାନ ନିକଟରେ ଠିଆ କରି ଗାଡି ମାଲିକଙ୍କ ପୁଅ ପ୍ରକାଶ କିଷାନ ଶୌଚ ପାଇଁ ଯାଇ ଫେରି ଦେଖିଲେ ସେହି ସ୍ଥାନରେ ଗାଡି ନାହିଁ। ଏନେଇ ୨୪ ତାରିଖ ଗାଡି ମାଲିକ ଶିବ କିଷାନ ବ୍ରାହ୍ମଣୀତରଙ୍ଗ ଥାନାରେ ଚୋରିକୁ ନେଇ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ମାମଲା (ନଂ. ୨୫୬/୧୯) ରୁଜୁ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ବିଶେଷ ସୂତ୍ରରୁ ଖବରପାଇ ନୂତନ ଭାରପ୍ରାପ୍ତ ଅଧିକାରୀ ଭାବେ ଯୋଗଦେଇଥିବା ସଂଗ୍ରାମ ବିଶ୍ୱାଳ, ଏସଆଇ ବିକାଶ କଲେଟ, ଏସଆଇ ସୁବ୍ରତ ପଣ୍ଡା ପ୍ରମୁଖ ସଦଳବଳେ ବୋଲେରୋ ଗାଡିକୁ ଉଦ୍ଧାର କରି ଗାଡି ମାଲିକ ଶିବ କିଷାନଙ୍କୁ ହସ୍ତାନ୍ତର କରିଥିଲେ। ଏନେଇ ବ୍ରାହ୍ମଣୀତରଙ୍ଗ ଥାନା ଭାରପ୍ରାପ୍ତ ଅଧିକାରୀ ସଂଗ୍ରାମ ବିଶ୍ୱାଳଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ ସର୍ବସାଧାରଣଙ୍କ ଧନ ଜୀବନ ରକ୍ଷା କରିବା ପୋଲିସର ପ୍ରଥମ କର୍ତ୍ତବ୍ୟ । କର୍ତ୍ତବ୍ୟ ଅନୁଯାୟୀ ପୋଲିସ ନିଜର କର୍ତ୍ତବ୍ୟ ପାଳନ କରିଛି। ଏନେଇ ଗାଡି ମାଲିକ ଶିବ କିଷାନଙ୍କୁ ଯୋଗାଯୋଗକରିବାରୁ ସେ କହିଲେ, ପୋଲିସ ପ୍ରଶାସନର ଉଦ୍ୟମ ଯୋଗୁ ମୋର ଚୋରି ଗାଡିକୁ ପାଇଲି ।

# ଅଭିଯୋଗକାରୀଙ୍କ ଘରେ ପହଞ୍ଚିଲେ ଥାନା ଅଧିକାରୀ

■ ମତାମତ ସଂଗ୍ରହ କଲେ

**ସମ୍ବଲପୁର,୨୬।୧୦ (ଡି.ଏନ.ଏ.)**

ମୋ ସରକାର କାର୍ଯ୍ୟକ୍ରମକୁ ଲୋକାଭିମୁଖୀ କରିବା ପାଇଁ ରାଜ୍ୟ ସରକାର ଡାକ୍ତରଖାନା ଏବଂ ଥାନାକୁ ଟାର୍ଗେଟ କରିଛନ୍ତି। ଥାନାକୁ ଆସୁଥିବା ଅଭିଯୋଗକାରୀଙ୍କୁ ପୋଲିସ କିଭଳି ବ୍ୟବହାର ପ୍ରଦର୍ଶନ କରୁଛି ଏବଂ ତାଙ୍କୁ ସହଯୋଗ କରୁଛି ନା ନାହିଁ ତାହା ନିଜେ ପୋଲିସ ଡିଜି ବି.କେ. ଶର୍ମା ଅଭିଯୋଗକାରୀଙ୍କୁ ଫୋନ କରି ବୁଝିବା ନଜିର ରହିଛି। ଏହାଦ୍ୱାରା ଅଭିଯୋଗକାରୀ ଥାନାକୁ ସିଧାସଳଖ ମାର୍କ ଦେବାର ବ୍ୟବସ୍ଥା ରହିଛି। ଏହି କ୍ରମରେ ସମ୍ବଲପୁର ଟାଉନ ଥାନା ଅଧିକାରୀ ରମେଶ ଚନ୍ଦ୍ର ଦୋରା ନିଜ ଥାନା ଅଞ୍ଚଳର ୩ଜଣ ଅଭିଯୋଗକାରୀଙ୍କ ଘରେ ପହଞ୍ଚି ଆଲୋଚନା କରିଛନ୍ତି। ସେମାନଙ୍କୁ ଦୀପାବଳି ଶୁଭେଚ୍ଛା ଜଣାଇବା ସହ ଫୋଟକା ଫୁଟାଇବାବେଳେ ସତର୍କ ଓ ସଚେତନ ରହିବାକୁ ପରାମର୍ଶ ଦେଇଛନ୍ତି। ତେବେ ଏହି ୩ ଅଭିଯୋଗକାରୀ ଯେଉଁସବୁ ଅଭିଯୋଗ ନେଇ ଥାନାକୁ ଆସିଥିଲେ ସେଥିରେ ସେମାନେ କିଭଳି ସନ୍ତୁଷ୍ଟ ହୋଇଛନ୍ତି, ପୋଲିସ ସେମାନଙ୍କୁ ସହଯୋଗ କରିଛି ନା ନାହିଁ, ଉତ୍ତମ ବ୍ୟବହାର ପ୍ରଦର୍ଶନ କରିଛି ନା ନାହିଁ ସେସବୁ ଦିଗ ପ୍ରତି ଥାନା ଅଧିକାରୀ ଦୋରା ଅଭିଯୋଗକାରୀଙ୍କଠାରୁ ପଚାରି ବୁଝିଛନ୍ତି। ଅଭିଯୋଗକାରୀଙ୍କ ଏହି ମତାମତକୁ ଆଧାର କରି ଥାନାକୁ ମାର୍କ ମିଳିବ। ଏଣୁ ଯେଉଁ ଅଭିଯୋଗକାରୀଙ୍କ ଘରକୁ ଥାନା ଅଧିକାରୀ ଯାଇଥିଲେ ସେମାନେ ଯେତିକି ଆଶ୍ଚର୍ଯ୍ୟ ପୋଲିସ ମଧ୍ୟ ଅଭିଯୋଗକାରୀଙ୍କ ମତାମତକୁ ନେଇ ଅନେକ ଆଶାବାଦୀ। ସକରାତ୍ମକ ମତାମତ ମିଳିଥିଲେ ଥାନାକୁ ମାର୍କ ମିଳିବା ପାଇଁ ଏହା ସହାୟକ ହେବ। ଯଦି ନକାରାତ୍ମକ ମତାମତ ମିଳିଥାଏ ତେବେ ପୋଲିସର ବ୍ୟବହାର ନେଇ ମଧ୍ୟ ପ୍ରଶ୍ନ ଉଠିପାରେ।



ସମ୍ବଲପୁର ଟାଉନ ଥାନା ଅଧିକାରୀ ରମେଶ ଚନ୍ଦ୍ର ଦୋରା ଜଣେ ଅଭିଯୋଗକାରୀଙ୍କ ଘରେ ପହଞ୍ଚି ମତାମତ ସଂଗ୍ରହ କରୁଛନ୍ତି।

୫ମ ଦିନରେ ଚାଷୀଙ୍କ ଅନଶନ

# ଧାରଣାରେ ବସିଲେ ଜିଲା ଓକିଲ ସଂଘ କର୍ମକର୍ତ୍ତା

**ସମ୍ବଲପୁର, ୨୪।୧୦ (ବ୍ୟୁରୋ)**

ସମ୍ବଲପୁର ଜିଲାପାଳଙ୍କ ଅଫିସ ନିକଟରେ ଚାଷୀଙ୍କ ରିଲେ ଅନଶନ ଶନିବାର ୫ମ ଦିନରେ ପହଞ୍ଚିଛି । ଜିଲା ଓକିଲ ସଂଘ ପକ୍ଷରୁ ଏହାକୁ ସମର୍ଥନ ମିଳିଛି। ସଂଘ ସଭାପତି ବିଜିତେନ୍ଦ୍ରୀୟ ପ୍ରଧାନ, ସତ୍ୟ ନାରାୟଣ ପଣ୍ଡା, ରତନ ଅଗ୍ରୱାଲ ପ୍ରମୁଖ ଯୋଗ ଦେଇ ଧାରଣାରେ ବସିଥିଲେ। ବାମରା, କୁଚାରୀମାଳ, କେଶେଇବାହାଲ, ଜମନକିରା, ବଡମାଳ, କେନାଡିପା, କତରବଗା, ଝାଙ୍କରପାଲି, ତବଡାବାହାଲ ପ୍ରମୁଖ ଅଞ୍ଚଳର ଶତାଧିକ ମହିଳା ଓ ପୁରୁଷ ଚାଷୀମାନେ ଆନ୍ଦୋଳନରେ ବସିଥିଲେ। ସୂଚନାଯୋଗ୍ୟ, ଅକ୍ଟୋବର ୨୨ ତାରିଖଠାରୁ ଚାଷୀମାନେ ବିଭିନ୍ନ ଦାବି ନେଇ ୨୪ ଘଣ୍ଟିଆ ରିଲେ ଅନଶନ ଆରମ୍ଭ କରିଛନ୍ତି । ୨୦୧୮ ଖରିଫ ଋତୁରେ ବର୍ଷା ଓ ରୋଗପୋକରେ ଫସଲ ନଷ୍ଟ ହୋଇଯାଇଥିଲା । ତେଣୁ ବୀମା ଓ ଇନପୁଟ ସବ୍‌ସିଡି ଦେବାକୁ ଘୋଷଣା ହୋଇଥିଲା । ଘୋଷଣା ପରେ ମଧ ବୀମା ଟଙ୍କା ଚାଷୀଙ୍କୁ ଦିଆଯାଇନାହିଁ । ସେହିପରି ଧାନର ସର୍ବନିମ୍ନ ମୂଲ୍ୟ ବୃଦ୍ଧି, ଚାଷୀଙ୍କୁ ବନୋସ ଓ ସମ୍ପୂର୍ଣ୍ଣ ଋଣ ଛାଡ, କୀଟନାଶକ ରିହାତି ମୂଲ୍ୟରେ ଯୋଗାଇ ଦେବାରେ ସରକାର ବିଫଳ ହୋଇଛନ୍ତି। ରାଜ୍ୟ ସରକାର ବୀମା ଟଙ୍କା ପାଇଁ କେନ୍ଦ୍ର ଉପରେ ଦୋଷ ଲଦି ଦେଉଛନ୍ତି । ଚାଷୀମାନେ ଦୀର୍ଘ ୯ ମାସ ଧରି ବିଭିନ୍ନ ସ୍ଥାନରେ ଆନ୍ଦୋଳନ କରିଛନ୍ତି । ମହାବନ୍ଦ ଓ ରେଳରୋକ କରିଛନ୍ତି। ହେଲେ ସରକାରଙ୍କ ନିଦ ଭାଙ୍ଗି ନାହିଁ । ତେଣୁ ଶେଷରେ ରିଲେ ଅନଶନ ଜାରି ରହିଛି।



ସମ୍ବଲପୁର ଜିଲାପାଳଙ୍କ ଅଫିସ ନିକଟରେ ଚାଷୀଙ୍କ ରିଲେ ଅନଶନର ଶନିବାର ୫ମ ଦିନରେ ଓକିଲମାନେ ସାମିଲ ହୋଇଛନ୍ତି।

# ଆଜି ଦୀପାବଳି: ଦେବଗଡ଼ ଚଳଚଞ୍ଚଳ

## ଧନତେରସରେ ୨କୋଟିରୁ ଊର୍ଦ୍ଧ୍ୱ ସୁନା ବେପାର

**ଦେବଗଡ଼,୨୬।୧୦ (ଡି.ଏନ.ଏ)**

ପବିତ୍ର ଧନତେରସ ଏବଂ ଆଲୋକର ପର୍ବ ଦୀପାବଳି ପାଇଁ ଦେବଗଡ଼ ସହର ଚଳଚଞ୍ଚଳ ହୋଇପଡିଛି। ବ୍ୟବସାୟିକ ଅନୁଷ୍ଠାନ, ଦୋକାନ, ବଜାରଗୁଡିକ ରଙ୍ଗିନ ଆଲୋକମାଳାରେ ଝଲସି ଉଠୁଛି। ସହରର ଶନି ମନ୍ଦିର ନିକଟରେ ଖୋଲାଯାଇଥିବା ଅସ୍ଥାୟୀ ବାଣ ଦୋକାନରେ ଲୋକଙ୍କ ଭିଡ ଜମିବା ସହ ବ୍ୟବସାୟୀମାନେ ମଧ ଭଲ ରୋଜଗାର କରୁଥିବା ଦେଖିବାକୁ ମିଳିଛି। ସେହିପରି ଧନନ୍ତ୍ୱରୀଙ୍କ ପୂଜା ପାଇଁ ମହିଳା ଓ ପୁରୁଷ ସହରରେ ପ୍ରତିଷ୍ଠିତ ସୁନା ଦୋକାନରେ ଭିଡ ଜମାଉଥିବା ଦେଖିବାକୁ ମିଳୁଛି। କେତେକ ସୁନା ଦୋକାନରେ ଭିଡକୁ ଦୃଷ୍ଟିରେ ରଖି ଟୋକନ ବ୍ୟବସ୍ଥା କରାଯାଇଛି। ଗ୍ରାହକମାନେ ଟୋକନ ଧରି ଲାଇନରେ ଆସି ସୁନା ଅଳଙ୍କାର କିଣୁଥିବା ଦେଖିବାକୁ ମିଳିଛି। ସହରରେ ଥିବା ସୁନା ଦୋକାନରେ ପ୍ରାୟ ୨କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବେପାର ହୋଇଥିବା ଅନୁମାନ କରାଯାଉଛି। ଅନ୍ୟପକ୍ଷେ ବଜାରରେ ମାଟି ଦୀପ କିଣିବା ପାଇଁ ଲୋକଙ୍କ ଗହଳି ଲାଗି ରହିଥିଲା। ଦୀପାବଳି ପାଳନ ପାଇଁ ଲୋକଙ୍କ ମଧ୍ୟରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଛି।





ଅସ୍ଥାୟୀ ବାଣ ଦୋକାନରେ ଲୋକଙ୍କ ଭିଡ।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୨୪ ଅକ୍ଟୋବର, ୨୦୧୯



"ଅତୀତ ମନୁଷ୍ୟ ବିଷୟରେ ବହୁ କଥା ଜାଣିଲେ,
ଭବିଷ୍ୟତ ମନୁଷ୍ୟ ଗଢ଼ିବା ଦିଗରେ ସହାୟତା ମିଳେ ।
- ବିନୋଦ କାନୁନ୍‌ଗୋ



## ସଂକ୍ଷେପରେ

### କ୍ଲଷ୍ଟରସ୍ତରୀୟ ସୁରଭି ଉଦ୍‌ଯାପିତ

ପଦ୍ମପୁର, ୨୬।୧୦ (ଡି.ଏନ.ଏ)
ରାଜବୋଡାସମ୍ବର ବ୍ଲକ ପୁରେନା ସ୍କୁଲରେ ପୁରେନା କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଶନିବାର ଉଦଯାପିତ ହୋଇଯାଇଛି । ଏଥିରେ ଦେଉଳି ହାଇସ୍କୁଲର ପ୍ରଧାନଶିକ୍ଷକ ସୁବାଷ ଚନ୍ଦ୍ର ଝଗରା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ । ଉଦଯାପନୀ ସଭାରେ ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ମନୋଜ କୁମାର ସାହୁ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କ୍ଲଷ୍ଟରର ସମସ୍ତ ଶିକ୍ଷୟତ୍ରୀ, ଶିକ୍ଷକଙ୍କ ସହାୟତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସିଆରସିସି ମନୋଜ କୁମାର ସାହୁ ସଂଯୋଜନା କରିଥିଲେ । ଏଥିରେ ପ୍ରଧାନଶିକ୍ଷକ ମିତ୍ରଭାନୁ ସାହୁ, ଶିକ୍ଷୟିତ୍ରୀ ନନ୍ଦିନୀ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ ।

### ଧସିଲା ସ୍କୁଲ ପାଚେରି

ଜହ୍ନାପଙ୍କ, ୨୬।୧୦ (ଡି.ଏନ.ଏ)
ଲଘୁଚାପ ଜନିତ ଲଗାଣ ବର୍ଷାରେ ବୌଦ୍ଧ ବ୍ଲକ ତେଲିବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟର ୨୦ ଫୁଟ ଲମ୍ବର ପାଚେରୀ ଭୁଶୁଡି ପଡିଛି । ଏହାସହ ଆଉ ପ୍ରାୟ ୫୦ ଫୁଟ ପାଚେରୀ ବିପଦସଙ୍କୁଳ ଅବସ୍ଥାରେ ଅଛି । ପୂର୍ବରୁ ଏହି ପାଚେରୀ ବିପଦସଙ୍କୁଳ ଥିବା ପ୍ରଧାନଶିକ୍ଷକ ଉଚ୍ଚକର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ ଏହାର ପ୍ରତିକାର କରାଯାଇ ନ ଥିଲା । ତେବେ ଗତ୨୩ ତାରିଖ ରାତିରେ ଏହି ଘଟଣା ଘଟିଥିବାରୁ ଏକ ବଡ ଦୁର୍ଘଟଣାରୁ ଛାତ୍ରୀଛାତ୍ରମାନେ ବର୍ତ୍ତି ଯାଇଥିଲେ । ପୁନଶ୍ଚ ଏହି ପାଚେରୀ ପାଖଦେଇ ଚାଷ ଜମିକୁ ପାଣି ଯାଉଥିବାରୁ ପାଚେରୀ ମୂଳ ଦୁର୍ବଳ ହୋଇଥିବା ଗ୍ରାମବାସୀ କୁହନ୍ତି । ତେଣୁ ପାଚେରୀ ସହିତ ପାଣି ଯିବା ପାଇଁ ଏକ ଡ୍ରେନ ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

### ଖୋଲିଲା ପୋଲିସ ସହାୟତା କେନ୍ଦ୍ର

ବରଗଡ଼ ଅଫିସ୍,୨୬।୧୦
ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଶନିବାର ପୋଲିସ ସହାୟତା କେନ୍ଦ୍ର ଖୋଲିଛି । ଏହି ସହାୟତା କେନ୍ଦ୍ର ସବୁଦିନ ୨୪ ଘଣ୍ଟା ଖୋଲା ରହିବ ଏବଂ ଆବଶ୍ୟକସ୍ଥଳେ ପୋଲିସ ସେବା ଯୋଗାଇବ । ସହାୟତା କେନ୍ଦ୍ରରେ ଜଣେ ଲେଖାଏଁ ପୋଲିସ ଷ୍ଟାଫ ମଧ୍ୟ ଉପସ୍ଥିତ ରହିବେ । ଶନିବାର ବରଗଡ଼ ଏସପି ପଦ୍ମିନୀ ସାହୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ଯାଇଥିଲେ ଏବଂ ସେଠାରେ କାର୍ଯ୍ୟରତ କର୍ମଚାରୀ, ରୋଗୀ ଓ ସେମାନଙ୍କ ଆଟେଣ୍ଡାଣ୍ଟଙ୍କୁ ସୁବିଧା ଅସୁବିଧା ପଚାରି ବୁଝିଥିଲେ । ଏସପି ସାହୁଙ୍କ ପରିଦର୍ଶନ ସମୟରେ ସ୍ଥାନୀୟ ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଝାରୀ ମଧ୍ୟ ଉପସ୍ଥିତ ଥିଲେ ।

■ ଦଶ ଦିନ ହେଲା ବୌଦ୍ଧ ଦୂରଦର୍ଶନ କେନ୍ଦ୍ରରେ ତାଲା

# ପ୍ରସାରଣ ବନ୍ଦ, ଥାନାରେ ଏତଲା

ବୌଦ୍ଧ,୨୬।୧୦(ସ୍ୱ.ପ୍ର)

୧୦ ଦିନ ହେଲା ବୌଦ୍ଧ ଦୂରଦର୍ଶନ ପ୍ରସାରଣ ବନ୍ଦ ରହିଛି । କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରାଳୟ ଅଧୀନ ଏହି କାର୍ଯ୍ୟାଳୟରେ ଏବେ ତାଲା ଝୁଲୁଥିବା ଜଣାଯାଇଛି। ଫଳରେ ଗ୍ରାମାଞ୍ଚଳର ଲକ୍ଷ ଲକ୍ଷ ଲୋକ ଦୂରଦର୍ଶନ କାର୍ଯ୍ୟକ୍ରମ ଦେଖିବାରୁ ବଞ୍ଚିତ ହୋଇଛନ୍ତି ।

ସୂଚନା ଅନୁସାରେ, ଏହି ଦୂରଦର୍ଶନ କେନ୍ଦ୍ର ୧୯୯୮ ମସିହା ନଭେମ୍ବର ୨୭ ତାରିଖରେ କାର୍ଯ୍ୟକ୍ଷମ ହୋଇଥିଲା । ବୌଦ୍ଧ ରାଜପ୍ରାସାଦ ପରିସରରେ ଏକ ଭଡା ଜାଗାରେ ଏହି କେନ୍ଦ୍ର ଚାଲୁଥିବା ବେଳେ ୨୦୧୬ ମସିହାରୁ ଜାଗାର ମାଲିକାନା ଅନ୍ୟ ଜଣଙ୍କ ପାଖକୁ ଚାଲିଯିବା ପରେ ଦୂରଦର୍ଶନ କେନ୍ଦ୍ର ପକ୍ଷରୁ ଭଡା ପାଇଁ ନୂଆ ଚୁକ୍ତି କରିବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯାଇଥିଲା । ବର୍ତ୍ତମାନ ସେହି ଚୁକ୍ତିର ମିଆଦ ସରିଯିବା ପରେ ଜାଗାର ମାଲିକ ବର୍ତ୍ତମାନ ସେଠାରୁ ଦୂରଦର୍ଶନ କେନ୍ଦ୍ରକୁ ଉଠାଇ ନେବାକୁ ବିଭାଗକୁ ଅନୁରୋଧ କରିଥିବା ଜଣାପଡିଛି । ଇତିମଧ୍ୟରେ ତିନିଜଣ ଜିଲାପାଳଙ୍କ ବଦଳି ହୋଇସାରିଥିବା ବେଳେ ଦୂରଦର୍ଶନ କର୍ତ୍ତୃପକ୍ଷ ଜାଗା ପାଇଁ ପ୍ରଶାସନ ନିକଟକୁ ବାରମ୍ବାର ଧାଇଁ ବିଫଳ ହେବା ପରେ ଏଠାରୁ ସମସ୍ତ ଯନ୍ତ୍ରପାତି ଉଠାଇ ନେବାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇଛନ୍ତି । କିନ୍ତୁ ଦୂରଦର୍ଶନ ପ୍ରସାରଣ କେନ୍ଦ୍ର ଚାଲୁଥିବା ଘରଟି ବର୍ତ୍ତମାନ ୩ ଜଣଙ୍କୁ ବିକ୍ରି ହୋଇ ସାରିଥିବାବେଳେ ତୁରନ୍ତ ସେହି ସ୍ଥାନରୁ ଏହି କେନ୍ଦ୍ରକୁ ହଟାଇବା ପାଇଁ କର୍ମଚାରୀମାନଙ୍କ ଉପରେ ଚାପ ପଡିଥିଲା। କିଛିଦିନ ତଳେ ପ୍ରସାରଣ କେନ୍ଦ୍ରର ଗୋଟିଏ ଅଂଶ କିଣିଥିବା ଜଣେ ଶିକ୍ଷକ ତାଙ୍କ ପଟେ ଥିବା ପ୍ରସାରଣ କେନ୍ଦ୍ରର ଥ୍ରି ଫେଜ ବିଦ୍ୟୁତ ମିଟର ବକ୍ସକୁ ବିନା ସୂଚନାରେ ଉପାଡି ବାହାର କାନ୍ଥରେ ଝୁଲାଇ ଦେବା ସହିତ ସେହି ଅଂଶକୁ ବୌଦ୍ଧର ଜଣେ ବ୍ୟବସାୟୀଙ୍କୁ ବିକ୍ରି କରିଦେଇଥିଲେ। ବ୍ୟବସାୟୀ ଜଣକ କିଣିଥିବା ଜାଗାର ଗେଟରେ ତାଲା ପକାଇଦେବାରୁ ଦୂରଦର୍ଶନ କର୍ମଚାରୀମାନଙ୍କ ଭିତରକୁ ଯିବାକୁ ଆଉ ରାସ୍ତା ନ ଥିବା ଜଣାଯାଇଛି। ବାହାରେ ମିଟର ବକ୍ସଟି ବିପଦ ସଙ୍କୁଳ ଅବସ୍ଥାରେ ଝୁଲୁଥିବାରୁ କର୍ମଚାରୀମାନେ ଅନ୍ୟ ଉପାୟ ନ ପାଇ ଏ ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ସୂଚନା ଦେବା ସହିତ ଥାନାରେ ଅଭିଯୋଗ କରିଥିବା ଜଣାପଡିଛି। ଦୂରଦର୍ଶନ ପ୍ରସାରଣ କେନ୍ଦ୍ରର ରିସିଭର ଛତା ଗୁଡିକ ଜଣେ ମାଲିକଙ୍କ ସ୍ଥାନରେ ବସାଯାଇଥିବାବେଳେ ମୁଖ୍ୟ ଯନ୍ତ୍ରପାତି ଓ ବିଦ୍ୟୁତ ମିଟର ଆଉ ଦୁଇଜଣ ମାଲିକଙ୍କ ଘରେ ଲାଗିଥିବା ଜଣାପଡିଛି। ତେବେ ମାଲିକମାନଙ୍କ ବିବାଦରୁ ୨୧ବର୍ଷ ଧରି ଚାଲିଥିବା ଏହି ଦୂରଦର୍ଶନ କେନ୍ଦ୍ରରେ ତାଲା ପଡିଥିବାବେଳେ ଏହାକୁ କାର୍ଯ୍ୟକ୍ଷମ କରାଇବାକୁ ପ୍ରଶାସନ ପକ୍ଷରୁ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ଏବେ ଏକାଧିକ ଘର ମାଲିକ ଯୋଗୁ ପ୍ରସାରଣ କେନ୍ଦ୍ରରେ ତାଲା ପକାଇ ଦିଆଯାଇଛି। ତେଣୁ ଏହି ମାମଲାରେ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରିବା ସହିତ ଦୂରଦର୍ଶନ କେନ୍ଦ୍ରକୁ ପୁନଃ କାର୍ଯ୍ୟକ୍ଷମ କରାଇବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଜିଲା ପ୍ରଶାସନ କିମ୍ବା ବିଭାଗୀୟ କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରିନାହିଁ ।

## ତିନିଦିନିଆ ତାଲିମ ଶିବିର ଉଦ୍‌ଯାପିତ



ତାଲିମ ଶିବିରରେ ଯୋଗ ଦେଇଥିବା ଶିକ୍ଷୟିତ୍ରୀ ଶିକ୍ଷକ ।

ପାଇକମାଳ, ୨୬।୧୦ (ଡି.ଏନ.ଏ)
ପାଇକମାଳ ବ୍ଲକ ନୃସିଂହନାଥ ଏସଏସଡି ହାଇସ୍କୁଲ ପରିସରରେ ଚାଲିଥିବା ୩ ଦିନିଆ ଭୂଗୋଳ ଓ ବିଜ୍ଞାନ ଭିତ୍ତିକ ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇ ଯାଇଛି । ସରକାରଙ୍କ ଅନୁସୂଚୀତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ତରଫରୁ ଅନୁଷ୍ଠିତ ଏହି ଶିବିରକୁ ଗୁରବାର ସମ୍ବଲପୁର ମଣ୍ଡଳ ଶିକ୍ଷା ନିରୀକ୍ଷକ ଗୌରୀ ରାଣୀ ଦେଈ ଉଦ୍‌ଘାଟନ କରିଥିଲେ । ଶିବିରରେ ବରଗଡ, ସମ୍ବଲପୁର, ବଲାଙ୍ଗୀର ଓ ଦେବଗଡ ଜିଲ୍ଲା ହାଇସ୍କୁଲଗୁଡିକର ୭୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇ ତାଲିମ ଗ୍ରହଣ କରିଥିଲେ। ରାଜେଶ କୁମାର ଖମାରୀ, ପ୍ରେମାନନ୍ଦ ବେହେରା, କାର୍ତ୍ତିକ ଚନ୍ଦ୍ର ଦାସ, ରାଧାକାନ୍ତ ସୁଆର, ଶାନ୍ତନୁ କୁମାର ଧଳ, ମାନସ ରଞ୍ଜନ ଶତପଥୀ, ବଳରାମ ସାହୁ, ରେଣୁଧର ସାହୁ, ଲକ୍ଷ୍ମୀନାରାୟଣ ସାହୁ, ଫକିର ମୋହନ ବାରିକ, ଅଶ୍ୱିନୀ କୁମାର ବେହେରା ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ନାୟକ ସଭାପତିତ୍ୱ କରିଥିଲେ। ଗୌରୀରାଣୀ ଦେଈ ମୁଖ୍ୟଅତିଥି, ଗିରି ଚରଣ ଦାସ ମୁଖ୍ୟବକ୍ତା, ବଡ ସତପଥୀ ସମ୍ମାନିତ ଅତିଥି ଯୋଗ ଦେଇଥିଲେ । ତାଲିମାର୍ଥୀ ମାନଙ୍କୁ ମୁଖ୍ୟ ଅତିଥି ପ୍ରମାଣ ପତ୍ର ବଣ୍ଟନ କରିଥିଲେ । ଦୈତାରୀ ବିଶ୍ୱାଳ ସଭା ପରିଚାଳନା ଓ ଆନନ୍ଦ ଚନ୍ଦ୍ର ପତି ଧନ୍ୟବାଦ ଅର୍ପଣ କରିଥିଲେ ।



ଛାତ୍ରୀଛାତ୍ର ଦୀପାବଳି ପାଳନ କରୁଛନ୍ତି ।

## ବିକାଶ ଛାତ୍ରୀଛାତ୍ର ପାଳିଲେ ଦୀପାବଳି

ବରଗଡ଼ ଅଫିସ୍,୨୬।୧୦

ବରଗଡ଼ ସିମେଣ୍ଟନଗରସ୍ଥିତ ବିକାଶ ଇଂଲିସ ମିଡ଼ିୟମ ସ୍କୁଲରେ ଶନିବାର ଦିପାବଳୀ ଉତ୍ସବ ସମାରୋହରେ ପାଳିତ ହୋଇଛି । ଏହି ଅବସରରେ ଅଧ୍ୟକ୍ଷ ସନାତନ ମହାପାତ୍ରଙ୍କ ସମେତ ଶିକ୍ଷୟିତ୍ରୀ, ଶିକ୍ଷକ ଲକ୍ଷ୍ମୀଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ସହିତ ପୂଜାର୍ଚ୍ଚନା କରିଥିଲେ । ଛାତ୍ରୀ ଧନେଶ୍ୱରୀ ଭୋଇ ଦୀପାବଳିର ମହତ୍ତ୍ୱ ଉପରେ ବକ୍ତବ୍ୟ ରଖିଥିଲେ । ଶିକ୍ଷକ ନବୀନ ପାଣ୍ଡେଙ୍କ ତତ୍ତ୍ୱାବଧାନରେ ଛାତ୍ରୀମାନେ ପ୍ରଭୁ ରାମଚନ୍ଦ୍ରଙ୍କ ଆଗମନ ଭିତ୍ତିକ ଗୀତ ପରିବେଷଣ କରିଥିଲେ । ଛାତ୍ରୀମାନେ ଦୀପ ପ୍ରଜ୍ୱଳନ କରିଥିଲେ। ଛାତ୍ର ଚିରଞ୍ଜୀବ ମୁଦୁଲି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ହୀରାକୁଦକୁ ହରାଇ ବରପାଲି ଚାମ୍ପିୟନ

ବରଗଡ଼ ଅଫିସ୍,୨୬।୧୦
ବରଗଡ଼ ଜିଲା ବରମକେଲାରେ ରତନ ସ୍ମାରକୀ ଏକଦିବସୀୟ ଫୁଟବଲ ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାରେ ବରପାଲି, ବିଲେଇସର୍ଡ଼ା, ବୌଦ, ସହଲା, ସମ୍ବଲପୁର, ଝାରସୁଗୁଡ଼ା, ହୀରାକୁଦ, ବ୍ରଜରାଜନଗର ଫୁଟବଲ ଟିମ୍ ଅଂଶଗ୍ରହଣ କରିଥିଲେ । ହୀରାକୁଦ ଓ ବରପାଲି ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ଏଥିରେ ବରପାଲି ପ୍ରତିପକ୍ଷକୁ ୧–୦ ଗୋଲରେ ହରାଇ ଚାମ୍ପିୟନ ହୋଇଥିଲା। ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ପୁରସ୍କୃତ କରିଥିଲେ। ଯୁବନେତା ଉମେଶ ପଣ୍ଡା, ପୂର୍ବତନ ସରପଞ୍ଚ କ୍ଷୀରୋଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରନର୍ସ ଅପ୍ ଓ ଅନ୍ୟ କୃତୀ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ।

■ ମଧ୍ୟାହ୍ନଭୋଜନ ଖାଇ ଛାତ୍ରୀଛାତ୍ର ଅସୁସ୍ଥ ଘଟଣା

# ସ୍କୁଲକୁ ଯାଇ ସ୍ୱାସ୍ଥ୍ୟ ପରୀକ୍ଷା କଲେ ଡାକ୍ତରୀ ଟିମ୍

ମନମୁଣ୍ଡା, ୨୬।୧୦ (ଡି.ଏନ.ଏ)




ଡାକ୍ତରୀ ଟିମ୍ ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି ।

ଶୁକ୍ରବାର କନ୍ଧମାଳ ବ୍ଲକ ଲୋକାପଡା ଟିଓୟୁପି ସ୍କୁଲରେ ମଧ୍ୟାହ୍ନ ଭୋଜନ ଖାଇ ଛାତ୍ରୀଛାତ୍ର ଅସୁସ୍ଥ ହେବା ସହ ଅନେକ ଗୁରୁତର ହୋଇ ମନମୁଣ୍ଡା ଓ ସୋନପୁର ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣା ଜିଲାରେ ହଇଚଇ ସୃଷ୍ଟି କରିଛି। ଜିଲାପାଳ ଲଲାଟେନ୍ଦୁ ମିଶ୍ର, ସିଡିଏମଓ ଲକ୍ଷ୍ମୀଧର ସାହୁ, କନ୍ଧମାଳ ବିଧାୟକ ମହୀଧର ରଣା, ଡିପିସି ବେନ୍ଦ୍ରା କୁଜୁର, ବିଇଓ ଦଶରଥ ମେହେର, କରୁଣାକର ଭୋଏ ପ୍ରମୁଖ ଉଭୟ ଡାକ୍ତରଖାନାକୁ ଆସି ଛାତ୍ରୀଛାତ୍ରମାନଙ୍କ ଅବସ୍ଥା ପଚାରି ବୁଝିଥିଲେ । ଡା. ମନୋଜ କୁମାର ନାଏକ, ଡା. ମାନସ ତ୍ରିପାଠୀ ସମସ୍ତ ଛାତ୍ରୀଛାତ୍ରମାନଙ୍କୁ ଚିକିତ୍ସା କରିଥିଲେ। ସିଡିଏମଓ ସାହୁଙ୍କ ନିର୍ଦ୍ଦେଶକ୍ରମେ ମନମୁଣ୍ଡା ସିଏଚସି ଏମଓ ମାନସ ତ୍ରିପାଠୀ ଶନିବାର ଉକ୍ତ ସ୍କୁଲକୁ ମୋବାଇଲ ହେଲଥ ଟିମକୁ ପଠାଇଥିଲେ। ଏମଏଚଟି ଡା. ଅଶୋକ ସାହୁ ଏବଂ ଏଏନଏମ ସ୍ୱର୍ଣ୍ଣାକ୍ଷିନୀ ତ୍ରିପାଠୀ ଉକ୍ତ ସ୍କୁଲକୁ ଯାଇ ଛାତ୍ରୀଛାତ୍ରମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ ଏବଂ ଆବଶ୍ୟକ ଔଷଧ ଦେଇଥିଲେ। ୧୨୧ ଛାତ୍ରୀଛାତ୍ର ଥିବା ଉକ୍ତ ସ୍କୁଲରେ ଆଜି ମାତ୍ର ୬୫ ଜଣ ଛାତ୍ରୀଛାତ୍ର ଉପସ୍ଥିତ ଥିବାର ସିଆରସିସି ମନୋରଞ୍ଜନ ନାଏକ ଜଣାଇଛନ୍ତି । କମ ଉପସ୍ଥାନ ହେତୁ ମେଡିକାଲ ଟିମ୍ ଘର ଘର ଯାଇ ସମସ୍ତ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ଦେଇଥିଲେ ।

ସୋୟାବିନ ବଡିରେ ପୋକ ବାହାରିବା ଓ ନିମ୍ନମାନର ଖାଦ୍ୟ ଯୋଗୁଁ ଖାଦ୍ୟ ବିଷାକ୍ତ ହେଲା ବୋଲି ଗତକାଲି ଅଭିଭାବକମାନେ ଅଭିଯୋଗ କରିଥିବାରୁ ସିଆରସିସି ନାଏକ ସ୍କୁଲ କମିଟି ସଭାପତି ଦୁର୍ଲ୍ଲଭ ନାଗ, ସଦସ୍ୟ ସୁରଭି ବାରିକ, ମାଧବୀ ନାଏକ, ରାଜୀବ ବିଶ୍ୱାଳ, ଫକିର ବାଘ, ସଂକିର୍ତ୍ତନ ସାହୁଙ୍କୁ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ପାଇଁ ଦାୟିତ୍ୱ ଦେଇଥିଲେ। କମିଟି ନିଜେ ଜିନିଷ କିଣି ରାନ୍ଧିଥିଲେ । ରାନ୍ଧିବା ପରେ ମେଡିକାଲ ଟିମ ଖାଦ୍ୟ ପରୀକ୍ଷା କରିଥିଲା ବେଳେ ସିଆରସିସି, ଶିକ୍ଷକ, କମିଟି ସଦସ୍ୟମାନେ ତାକୁ ଖାଇଥିଲେ ଏବଂ ସେମାନଙ୍କ ଖାଇବାର ୩୦ ମିନିଟ ପରେ ଛାତ୍ରୀଛାତ୍ରମାନଙ୍କୁ ଖାଦ୍ୟ ପରସା ଯାଇଥିଲା । ଛାତ୍ରୀଛାତ୍ରମାନେ ପୂର୍ବପରି ଯେପରି ସ୍କୁଲକୁ ଆସିବେ ସିଆରସିସି ନିଜେ ଘର ଘର ଯାଇ ଅଭିଭାବକମାନଙ୍କୁ ବୁଝାଇବେ ଏବଂ ଖାଦ୍ୟର ମାନ ଯେପରି କମ ନ ହେବ, ଭଲ ପାଣି ପିଇବାକୁ ଦିଆଯିବ ତାହା ଉପରେ ନିର୍ଦ୍ଦେଶ ଦିଆଯାଇଛି। ଖିଲାପ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଆରସିସି ନାଏକ କହିଛନ୍ତି । ସେହିପରି ମେଡିକାଲ ଟିମ ପୁନର୍ବାର ଆସି ସ୍ୱାସ୍ଥ୍ୟବସ୍ଥା ପରଖିବେ ବୋଲି ସେ କହିଛନ୍ତି ।

# କଳାମନ୍ଦିରରେ ୧୦ଲକ୍ଷର ଉପହାର ଭଣ୍ଡାର

ବରଗଡ଼ ଅଫିସ୍,୨୬।୧୦

ବରଗଡ଼ ସହରରେ ରହିଥିବା ସୁନା ଗହଣା ପ୍ରତିଷ୍ଠାନ ମଧ୍ୟରୁ ସ୍ଥାନୀୟ ଥାନା ଛକରେ ରହିଥିବା କଳାମନ୍ଦିର ଏକ ଅଗ୍ରଣୀ ଓ ନିର୍ଭରଯୋଗ୍ୟ ଅଳଙ୍କାର ପ୍ରତିଷ୍ଠାନ। ସବୁବେଳେ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ଉପହାର ଯୋଜନା ରଖି ଆସୁଥିବା ଏହି ଅଳଙ୍କାର ପ୍ରତିଷ୍ଠାନ ଏଥର ମଧ୍ୟ ଧନତେରସ୍ ଓ ଦୀପାବଳି ଉପଲକ୍ଷେ ମନଛୁଆଁ ତଥା ବମ୍ପର ଉପହାର ରଖିଛି । ଏହି ଉପହାର ଯୋଜନାରେ ୧୦ଲକ୍ଷ ଟଙ୍କାର ଉପହାର ରହିଛି । ସେଥିମଧ୍ୟରେ ମେଗା ଗିଫ୍ଟ ମାରୁତି ସୁଜୁକି ଏସ–ପ୍ରେସୋ ୧ଟି, ଭିଭୋ ସ୍ମାର୍ଟଫୋନ ୫ଟି, ଥାଇଲାଣ୍ଡ ଯାତ୍ରା ପାଇଁ ଜଣଙ୍କୁ ସୁଯୋଗ ଏବଂ ଡିନର ସେଟ୍ ୫ଟି ରହିଛି । ସେହିପରି କ୍ୱାର୍ଟରଲି ଗିଫ୍ଟରେ ୩ଟି ଏକ୍ଟିଭା, ୩ଟି ମୋବାଇଲ, ୩ଟି ଡିନର୍ ସେଟ୍ ରହିଥିବାବେଳେ ପ୍ରତ୍ୟେକ ୫ହଜାର ଟଙ୍କାର ଗହଣା କ୍ରୟ ଉପରେ ସ୍କ୍ରେଚ୍ କାର୍ଡ଼ ସହିତ ଶହେ ଗ୍ରାମ ପର୍ଯ୍ୟନ୍ତ ଚାନ୍ଦି କଏନ ମିଳିବାର ସୁଯୋଗ ରହିଛି ଏବଂ ଆସନ୍ତା ୧୫ ଜାନୁୟାରୀ ପର୍ଯ୍ୟନ୍ତ ଏହାର ବୈଧତା ରହିଛି । ଏହା ସହିତ ୧୫ଜାନୁୟାରୀ ପର୍ଯ୍ୟନ୍ତ ସୁନାରେ ଚାନ୍ଦି ଫ୍ରି ଏବଂ କେବଳ ଚୟନ ବସ୍ତୁ ଉପରେ ମେକିଙ୍ଗ ଚାର୍ଜ ପ୍ରତି ଗ୍ରାମ ୨୭୫ରୁ ଆରମ୍ଭ ହୋଇଛି ଏବଂ ଏହାର ବୈଧତା ମଧ୍ୟ ଆସନ୍ତା ଜାନୁୟାରୀ ୧୫ ତାରିଖ ପର୍ଯ୍ୟନ୍ତ ରହିଛି ।

ଏଭଳି ୧୦ଲକ୍ଷର ଧମାକା ଉପହାର ଯୋଗୁ କଳାମନ୍ଦିରର ସୁନା ଗହଣା ପ୍ରତିଷ୍ଠାନରେ ଗ୍ରାହକଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଛି । କେବଳ ସେତିକି ନୁହେଁ, ଗ୍ରାହକମାନେ ନିରନ୍ତର ଲାଭବାନ ହେଉଛନ୍ତି । ଏହା ସହିତ ଆକର୍ଷଣୀୟ ଉପହାର ମଧ୍ୟ ଲାଭ କରୁଛନ୍ତି । ଇତିମଧ୍ୟରେ ଯୋଜନା ଆରମ୍ଭରୁ ଜଣେ ଗ୍ରାହକ ୩୫୯ ଗ୍ରାମର ରୁପା ଉପହାର ପାଇଥିବାବେଳେ ବରଗଡ଼ର ଅନ୍ୟ ଜଣେ ଗ୍ରାହକ ୧୦୯ ଗ୍ରାମର ରୁପା ଉପହାର ପାଇଛନ୍ତି । ସେହିପରି ଆହୁରି ଅନେକ ଗ୍ରାହକ ଏଠାରୁ ୮୫, ୭୨, ୩୪୦ ଗ୍ରାମର ରୁପା ଉପହାର ପାଇଥିବା ସୂଚନା ମିଳିଛି । ଗତ ୧୫ ଅକ୍ଟୋବରରୁ ଆରମ୍ଭ ହୋଇଥିବା ଏହି ଉପହାର ଯୋଜନା ୨୦୨୦ ମସିହା ସେପ୍ଟେମ୍ବର ୧୫ତାରିଖ ପର୍ଯ୍ୟନ୍ତ ଦୀର୍ଘ ଏକ ବର୍ଷ ଧରି ଚାଲୁ ରହିବ । ସେଥିପାଇଁ ଧନତେରସ୍ ଓ ଦୀପାବଳିରେ କଳାମନ୍ଦିର ପ୍ରତି ବହୁ ଗ୍ରାହକ ଆକର୍ଷିତ ହେଉଥିବା ପରିଲକ୍ଷିତ ହୋଇଛି ।



କଳାମନ୍ଦିରର ଉପହାର ଯୋଜନାରେ ଜଣେ ଗ୍ରାହକ ଉପହାର ଗ୍ରହଣ କରୁଛନ୍ତି ।

### ପ୍ରତିଷ୍ଠାନ ମାଲିକ କୁହନ୍ତି



"ଏହି ପ୍ରତିଷ୍ଠାନ ପ୍ରତି ଗ୍ରାହକମାନଙ୍କର ବଢୁଥିବା ନିରନ୍ତର ବିଶ୍ୱାସ ଆମର ସଫଳତା । ନୂଆ ଓ ଆଧୁନିକ ଡିଜାଇନ ତଥା ଶୁଦ୍ଧ ଓ ହଲମାର୍କଯୁକ୍ତ ଅଳଙ୍କାର ଯୋଗାଇ ଏହି ଅନୁଷ୍ଠାନ ଗ୍ରାହକମାନଙ୍କର ପ୍ରିୟ ହୋଇ ପାରିଛି । ଆମେ ଗ୍ରାହକ ମାନଙ୍କର ମନ ପସନ୍ଦକୁ ଠିକ୍ ବୁଝିଥାଉ ଏବଂ ତାଙ୍କ ଚାହିଦା ମୁତାବକ ଅଳଙ୍କାର ଯୋଗାଇଥାଉ । ଫଳରେ କଳାମନ୍ଦିର ଏକ ପାରିବାରିକ ଗହଣା ଦୋକାନଭାବେ ଗ୍ରାହକଙ୍କ ମନକୁ ଛୁଇଁ ପାରିଛି ।
-ରମେଶ ଅଗ୍ରୱାଲ

## ନିଲମ୍ବନ ପ୍ରତ୍ୟାହାର ଦାବି

ବରଗଡ଼ ଅଫିସ୍,୨୬।୧୦
ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାର ଏଡ଼ିଏମଓ ଡା. ଭୀମ ସାହୁଙ୍କ ନିଲମ୍ବନ ଘଟଣାକୁ ଇଣ୍ଡିଆନ ମେଡ଼ିକାଲ ଆସୋସିଏଶନ ବରଗଡ଼ ଶାଖା ନିନ୍ଦା କରିଛି । ସାହୁଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର ପାଇଁ ଆସୋସିଏଶନ ଦାବି କରିଛି। ଶନିବାର ଆସୋସିଏଶନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଏକ ସ୍ମାରକପତ୍ର ପଠାଯାଇଥିବା ସୂଚନା ଦିଆଯାଇଛି। ଡା. ସାହୁଙ୍କୁ ସ୍ପଷ୍ଟୀକରଣ ଦେବାର ସୁଯୋଗ ଦିଆ ନ ଯାଇ ହଠାତ୍ ତାଙ୍କୁ ନିଲମ୍ବନ କରାଯିବା ଦୁର୍ଭାଗ୍ୟଜନକ। ତାଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରାଯାଇଛି ।

## ବିଜୁ ଯୁବବାହିନୀର ସଫେଇ କାର୍ଯ୍ୟକ୍ରମ

ମନମୁଣ୍ଡା, ୨୬।୧୦ (ଡି.ଏନ.ଏ)

ମନମୁଣ୍ଡା ଏବଂ କସୁରବନ୍ଧ ଗ୍ରାମପଞ୍ଚାୟତ ବିଜୁ ଯୁବ ବାହିନୀ ପକ୍ଷରୁ ସଫେଇ ଏବଂ ରକ୍ଷକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମନମୁଣ୍ଡା ତେଲନଦୀ ପୋଲ ଉପରେ (ଦୁଇ କଡରେ) ପ୍ରଚୁର ବାଲି ଓ ଗୋବର ଜମା ହୋଇଥିବାରୁ ବର୍ଷା ପାଣି ନିଷ୍କାସନ ହୋଇ ନ ପାରି ପାଣି ଜମି ରହୁଥିଲା । ଫଳରେ ଯିବା ଆସିବା ବେଳେ ଲୋକଙ୍କ ଶରୀରରେ ଗୋବର ପାଣି ଛିଟିକି ଅସୁବିଧା ସୃଷ୍ଟି କରୁଥିଲା ଓ ଶୁଖିଲା ପାଗରେ ପବନରେ ଆଖିରେ ଧୂଳି ଉଡି ଅସୁବିଧା ହେଉଥିଲା । ଏହାକୁ ଦୃଷ୍ଟିରେ ରଖି ଯୁବ ବାହିନୀ ବରିଷ୍ଠ ସଦସ୍ୟ ଚିତ୍ତରଞ୍ଜନ କର୍ମୀଙ୍କ ନେତୃତ୍ୱରେ ରାଜକୁମାର ହାତୀ, କପିଳେଶ୍ୱର ପ୍ରଧାନ, ରଞ୍ଜିତ ଷଡଙ୍ଗୀ, ଯୁବରାଜ ପ୍ରଧାନ, ଶତୃଘନ ସେଠୀ, କମଳ ଲୋଚନ ଦିଶିରୀ, ଶାନ୍ତନୁ ମାଝୀ, ବ୍ରହ୍ମାନନ୍ଦ ଦିଶିରୀ, ସୁରେନ୍ଦ୍ର ମହଲା, ଥାଟି ସାହୁ, ସୁବଳ ମେଣ୍ଡିଲି, ଜୟୀ କୁମାର ହାତୀ ଶନିବାର ପୂର୍ବାହ୍ନ ୧୦ଟାରୁ ୪ଟା ପର୍ଯ୍ୟନ୍ତ କୁଡି, ବେଲଚା ସାହାର୍ଯ୍ୟରେ ପୋଲର ଉଭୟ ପାର୍ଶ୍ୱରେ ପ୍ରାୟ ଦେଢ଼ ଫୁଟ ଉଚ୍ଚ ଜମା ବାଲି ଏବଂ ଗୋବର ସବୁକୁ ସମ୍ପୂର୍ଣ୍ଣ ସଫା କରିଥିଲେ । ୮୬୪ ମିଟର ଲମ୍ବ ବିଶିଷ୍ଟ ଏହି ପୋଲର ମଇଳାକୁ ବିଜୁ ଯୁବ ବାହିନୀ ସଫା କରିଥିଲା । ସେହିପରି କସୁରବନ୍ଧ ପଞ୍ଚାୟତ ବିଜୁ ଯୁବ ବାହିନୀ ସଭାପତି ଅଶାଡୁ ଜାଲଙ୍କ ନେତୃତ୍ୱରେ କୋଷାଧ୍ୟକ୍ଷ ସରୋଜ କର୍ଣ୍ଣ, ସୁଶୀଲ କୁମ୍ଭାର, ଚିକେଶ୍ୱର କୁମ୍ଭାର, କୁନାଲ ପ୍ରଧାନ, ପ୍ରଭାତ ଜାଲ, ଜନ୍ମ ଜାଲ, ସୁମନ୍ତ କର୍ଣ୍ଣ, ଜଗନ୍ନାଥ ମଲିକ, ବୁଲୁ କର୍ଣ୍ଣ, ହିମାଂଶୁ କର୍ଣ୍ଣ, କୁମର କ୍ଷେତି ସଡକ ସୁରକ୍ଷା 'ରକ୍ଷକ' କାର୍ଯ୍ୟକ୍ରମ କରିଥିଲେ। ରାସ୍ତାରେ ସେମାନେ ଗାଡି, ବାଇକ ଚାଳକମାନଙ୍କୁ ଅଟକାଇ ଗାଡି ଚଳାଇବା ବେଳେ ସିଟ ବେଲ୍ଟ ବାନ୍ଧିବା, ହେଲମେଟ ପିନ୍ଧିବା, ମଦ୍ୟପାନ ନ କରିବା, ବାଇକରେ ୨ଜଣରୁ ଅଧିକ ବସି ନ ଯିବା, ଅଯଥା କର୍କଶ ହର୍ଣ୍ଣ ନ ବଜାଇବା, ଟ୍ରାଫିକ ନିୟମ ମାନି ଧୀରେ ଧୀରେ ଗାଡି ଚଳାଇବା ଉପରେ ସଚେତନ କରାଇଥିଲେ ।

# ଏଡିଏମ୍‌ଓଙ୍କୁ ନିଲମ୍ବନର ଅଭିନବ ପ୍ରତିବାଦ

ବରଗଡ଼ ଅଫିସ୍,୨୬।୧୦



ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଡାକ୍ତର, ସ୍ୱାସ୍ଥ୍ୟ କର୍ମଚାରୀମାନେ ଏଡ଼ିଏମଓଙ୍କୁ ନିଲମ୍ବନର ଅଭିନବ ପ୍ରତିବାଦ କରୁଛନ୍ତି ।

ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ପରିବାର ନିୟୋଜନ ଅସ୍ତ୍ରୋପଚାର ପାଇଁ ଆସିଥିବା ମହିଳାଙ୍କୁ ପ୍ରି ମେଡିକେଶନ ଦେବା ସତ୍ତ୍ୱେ ବିନା ଅସ୍ତ୍ରୋପଚାରରେ ଘରକୁ ପଠାଇ ଦେବା ଘଟଣାର ବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି । ଏହି ଘଟଣାରେ ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦାୟିତ୍ୱରେ ରହିଥିବା ଏଡ଼ିଏମଓ ଡା. ଭୀମ ସାହୁଙ୍କୁ ଶୁକ୍ରବାର ନିଲମ୍ବନ କରିଥିବାବେଳେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପୁଷ୍ପାଂଶୁ ସାହୁ ପରିବାର ନିୟୋଜନ ଅସ୍ତ୍ରୋପଚାରରେ ନିୟୋଜିତ ଅନ୍ୟ ଡାକ୍ତର, ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି । ଶନିବାର ଜିଲା ମୁଖ୍ୟ ଡାକ୍ତରଖାନାରେ କାର୍ଯ୍ୟରତ ଡାକ୍ତର, ସ୍ୱାସ୍ଥ୍ୟ କର୍ମଚାରୀମାନେ ଏଡ଼ିଏମଓ ଡା. ସାହୁଙ୍କୁ କରାଯାଇଥିବା ନିଲମ୍ବନର ଅଭିନବ ପ୍ରତିବାଦ କରିଥିଲେ । ପ୍ଲିଜ୍ ସସପେଣ୍ଡ ମି ଲେଖାଥିବା ବ୍ୟାଚ୍ ପିନ୍ଧି ସେମାନେ କାର୍ଯ୍ୟ କରିଥିଲେ । ଏଠାରେ ପ୍ରକାଶଥାଉକି, ଗତ ବୁଧବାର ପରିବାର ନିୟୋଜନ ଅସ୍ତ୍ରୋପଚାର ପାଇଁ ପ୍ରାୟ ଶହେ ଜଣ ମହିଳାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ଡକାଯାଇଥିଲା। ସମସ୍ତଙ୍କୁ ଅସ୍ତ୍ରୋପଚାର ପୂର୍ବରୁ ପାଇଁ ଉଦ୍ଦିଷ୍ଟ ପ୍ରି ମେଡିକେଶନ ଇଞ୍ଜେକ୍ସନ ଦିଆଯାଇ ଥିବାବେଳେ ସେମାନଙ୍କ ମଧ୍ୟରୁ ୭୩ ଜଣଙ୍କ ଅସ୍ତ୍ରୋପଚାର କରାଯାଇ ବାକି ୨୭ଜଣଙ୍କୁ ଘରକୁ ଫେରାଇ ଦିଆଯାଇଥିଲା। ଖବର ପାଇ ଘଟଣା ଦିନ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଜିଲା ମୁଖ୍ୟ ଡାକ୍ତରଖାନାକୁ ପହଞ୍ଚିଥିଲେ ।



ଯେଉଁ ଲୋକ କାମ ପ୍ରବୃତ୍ତି ଓ ନିଦ୍ରାକୁ ଜୟ କରିଛି, ସେ ପ୍ରକୃତ ଅର୍ଥରେ ଅମର ହୋଇଯାଇଛି।
-ଆରିଷ୍ଟଟଲ୍



# ବାରପାହାଡ଼ ମୁହାଁ ହାତୀପଲ

## ବିଦ୍ୟାଳୟ ପାଚେରି ଭାଙ୍ଗିଲେ, ଖେତରେ ପାକଳ ଧାନ ନଷ୍ଟ କଲେ



ହାତୀପଲ ସ୍କୁଲ ପାଚେରୀ ଭାଙ୍ଗି ଦେଇଛନ୍ତି ।



ବାରପାହାଡ ଜଙ୍ଗଲରେ ହାତୀ ।

**ଭଟଲି,୨୬।୧୦(ଡି.ଏନ.ଏ)**

ଦୀର୍ଘଦିନ ଧରି ଛତିଶଗଡ଼ ଜଙ୍ଗଲକୁ ଚାଲିଯାଇଥିବା ହାତୀପଲ ଶନିବାର ପୁଣିଥରେ ବରଗଡ ଜିଲା ଭଟଲି ନିକଟସ୍ଥ ବାରପାହାଡ଼ ଜଙ୍ଗଲକୁ ଫେରିଛନ୍ତି। ଏହି ହାତୀପଲ ମଧ୍ୟରୁ ୨ଟି ହାତୀ ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଦୁଆରି, ନାକଟିଛପର, କନକବିରା, ନୂଆଁଗଡ଼, ଗୋପାଳପୁର ଦେଇ ଭଟଲି ବ୍ଲକ ବାରପାହାଡ଼ ପାଦଦେଶରେ ଥିବା ଜିରାତରା ନିକଟରେ ରହିଥିବା ଜଣାପଡିଛି । ସେହି ୨ଟି ହାତୀ ଆସିବା ସମୟରେ ନୂଆଗଡ଼ ଗ୍ରାମରେ ଥିବା ହାଇସ୍କୁଲର ପ୍ରାୟ ୨୦ଫୁଟ ପାଚେରୀ ଭାଙ୍ଗିଦେଇଛନ୍ତି। ସେହିପରି ଅନେକ ରୋପଣ ହୋଇଥିବା ଚାରାକୁ ନଷ୍ଟ କରିଦେଇଛନ୍ତି। ଏହାସହିତ ଗ୍ରାମର ଭୋଜରାଜ ସା ଏବଂ ସୁଦାମ ସାହୁଙ୍କ ଧାନ ଫସଲ ନଷ୍ଟ କରିଥିବା ଜଣାପଡ଼ିଛି। ସେମାନେ ଭଟଲି ନିକଟସ୍ଥ ଗୋପାଳପୁର ଗ୍ରାମ ଦେଇ ଯିବା ସହିତ ଜିରାତରା ପର୍ଯ୍ୟନ୍ତ ଅନେକ ବିଲରେ ଥିବା ପାକଳ ଧାନ ଫସଲ ନଷ୍ଟ କରିଥିବା ଖବର ମିଳିଛି । ଏ ସମ୍ପର୍କରେ ଭଟଲି ବନ ବିଭାଗର ରେଞ୍ଜର ରାଜେନ୍ଦ୍ର ଭୋଇଙ୍କ ପଚାରିବାରୁ ସେ କହିଲେ, ବର୍ତ୍ତମାନ ଦୁଇଟି ହାତୀଙ୍କୁ ଠାବ କରାଯାଇଛି ଏବଂ ଅନ୍ୟ ହାତୀପଲ ଓଡ଼ିଶା–ଛତିଶଗଡ଼ ସୀମାରୁ ପ୍ରାୟ ୫୦ କିମି ଦୂରରେ ଥିବା ଖବର ମିଳିଛି। ବନ ବିଭାଗ ସେମାନଙ୍କ ଗତିବିଧି ଉପରେ ନଜର ରଖିଥିବା ସେ ପ୍ରକାଶ କରିଛନ୍ତି । ଗତ ରାତିରେ ସେହି ହାତୀ ଦେଖୁଲିଆ ଜଙ୍ଗଲ ମଧ୍ୟରେ ରହିଥିବା ବନ ବିଭାଗ ଜାଣି ପାରିବା ସହିତ ସେମାନଙ୍କ ପ୍ରତି ନଜର ରଖିଥିଲା । ତେବେ ହାତୀମାନେ ଶନିବାର ଭୋର ପ୍ରାୟ ୪ଟାରେ ନୂଆଗଡ଼ ଅତିକ୍ରମ କରିଥିବା ବେଳେ ୫ଟାରେ ଗୋପାଳପୁର ଅତିକ୍ରମ କରିଥିବା ଜଣାପଡ଼ିଛି । ବର୍ତ୍ତମାନ ହୀରାକୁଦ ବନ୍ୟପ୍ରାଣୀ ବିଭାଗ, ବରଗଡ଼ ବନ ବିଭାଗ ଏବଂ ଭଟଲି ବନ ବିଭାଗର ଟିମ୍ ଉକ୍ତ ହାତୀମାନଙ୍କ ଉପରେ ତିକ୍ଷ୍ଣ ନଜର ରଖିବା ସହିତ ସନ୍ଧ୍ୟା ହେଲେ ସେମାନଙ୍କୁ ଡେବ୍ରୀଗଡ଼ ଅଭୟାରଣ୍ୟ ମଧ୍ୟକୁ ଘଉଡ଼ାଇବାକୁ ଉଦ୍ୟମ କରିଥିବା ଜଣାପଡ଼ିଛି । ଏହି ଟିମ୍‌ରେ ବରଗଡ଼ ରେଞ୍ଜ ଅଫିସର ମହେନ୍ଦ୍ର ପାତ୍ର, ଭଟଲି ରେଞ୍ଜ ଅଫିସର ରାଜେନ୍ଦ୍ର ଭୋଇ, ଫରେଷ୍ଟର ସୁଶୀଲ କୁମାର ମାଝି, ଚିନ୍ମୟ ପଧାନ, ସୁଦାମ ଜଗଦଲ୍ଲା, ରମେଶ କୁମାର ପଧାନ, ବନ୍ୟପ୍ରାଣୀ ଫରେଷ୍ଟର ସୁନୀଲ ନାଏକ ପ୍ରମୁଖ ରହିଛନ୍ତି ।

■ ସୁପ୍ରିୟା ସ୍ମାରକୀ ଫୁଟବଲ

# ଧାଙ୍ଗେର, ଖେଦାପାଲି, ବରଡ଼ୋଲ, ଭେଡ଼େନ ବିଜୟୀ

**ବରଗଡ଼ ଅଫିସ୍,୨୬।୧୦**

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟେଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଫୁଟବଲ ପ୍ରତିଯୋଗିତାରେ ଶନିବାର ୪ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଧାଙ୍ଗେର ଓ କାଇଁଶିର ମଧ୍ୟରେ ପ୍ରଥମ ମ୍ୟାଚ ହୋଇଥିଲା। ଉକ୍ତ ମ୍ୟାଚରେ ନିର୍ଦ୍ଧାରିତ ସମୟ ସୁଦ୍ଧା ଧାଙ୍ଗେରର ପ୍ରହଲ୍ଲାଦ ପଟେଲ ଏବଂ ଅଶୋକ ଦେହୁରୀ ପରସ୍ପର ଦଳକୁ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଫଳରେ ମ୍ୟାଚଟି ବରାବର ସ୍ଥିତିରେ ରହିଥିଲା ଏବଂ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ଧାଙ୍ଗେର ୫–୪ ଗୋଲରେ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲା। ଖେଦାପାଲି ଓ ଘେଁସ ମଧ୍ୟରେ ଦ୍ୱିତୀୟ ମ୍ୟାଚ ହୋଇଥିଲା। ଏହି ମ୍ୟାଚରେ ଖେଦାପାଲିର ନିର୍ମଳ ଭୁଏ ଏବଂ ଘେଁସର ଭବାନୀ ମାଝୀ ପରସ୍ପର ଦଳକୁ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ ଏବଂ ନିର୍ଦ୍ଧାରିତ ସମୟ ସୁଦ୍ଧା ମ୍ୟାଚ ବରାବର ସ୍ଥିତିରେ ରହିଥିଲା। ଫଳରେ ଏହି ମ୍ୟାଚରେ ମଧ୍ୟ ଟାଇବ୍ରେକରର ସହାୟତା ନିଆଯାଇଥିଲା ଏବଂ ଖେଦାପାଲି ୩–୧ ଗୋଲରେ ବିଜୟୀ ହୋଇଥିଲା।

ସେହିପରି ବରଡ଼ୋଲ ଓ ଅମ୍ବାପାଲି ମଧ୍ୟରେ ତୃତୀୟ ମ୍ୟାଚ୍ ହୋଇଥିଲା। ଏଥିରେ ବରଡ଼ୋଲ ପ୍ରତିପକ୍ଷକୁ ୫ଟି ଗୋଲ ସ୍କୋର କରିଥିଲା। ଅନ୍ୟପଟେ ଅମ୍ବାପାଲିର ଖେଳାଳିମାନେ ଗୋଲ ସ୍କୋର କରି ପାରି ନ ଥିଲେ। ଦଳର ଝସକେତନ ସେଠ, ଅଙ୍କିତ ବେହେରା, ଅକ୍ଷୟ ବିଶି ଗୋଟିଏ ଲେଖାଏଁ ଏବଂ ଗିରିଶ ମହନ୍ତଙ୍କ ୨ଟି ଗୋଲ ଯୋଗୁ ବରଡ଼ୋଲ ୫–୦ରେ ବୃହତ ବିଜୟ ଲାଭ କରିଥିଲା। ଭେଡ଼େନ ଓ ଡୁମ୍ବେରପାଲି ମଧ୍ୟରେ ଚତୁର୍ଥ ମ୍ୟାଚ ହୋଇଥିଲା। ଏଥିରେ ଭେଡ଼େନର ମଳୟ ଡନସନା, ସାଗର ସୁନା ଏବଂ ସଞ୍ଜୟ ସେଠ ପ୍ରତିପକ୍ଷକୁ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଅପରପକ୍ଷେ ଡୁମ୍ବେରପାଲି ଦଳର ଖେଳାଳିମାନେ ଗୋଲ ସ୍କୋର କରି ପାରି ନ ଥିଲେ । ଫଳରେ ଭେଡ଼େନ ୩–୦ ଗୋଲରେ ବିଜୟୀ ହୋଇଥିଲା । ସୁରେଶ ଦାଶ, ସଞ୍ଜୟ ଦାଶ, ସନ୍ତୋଷ ପ୍ରଧାନ, ଉମେଶ ଭୋଇ, ନାରାୟଣ ପଣ୍ଡା, ଅନୀଲ ବାଗ, ରଞ୍ଜୁ ଛତ୍ରିଆ, ଶୁଭମ ପାତ୍ର, ଗୁଣବନ୍ତ ପାତ୍ର, ମନୋଜ ଭୂୟାଁ, ନିରଞ୍ଜନ ମହାକୁର, ସୁରେଶ ବେହେରା, ବିଶିକେଶନ ପ୍ରଧାନ ପ୍ରମୁଖ ମ୍ୟାଚଗୁଡ଼ିକୁ ପରିଚାଳନା କରିଥିଲେ ।

## ସଂକ୍ଷେପରେ

### ଆୟୁର୍ବେଦ କଲେଜରେ ଧନ୍ୱନ୍ତରି ପୂଜା

ପାଇକମାଳ, ୨୬।୧୦ (ଡି.ଏନ.ଏ) ନୃସିଂହନାଥ ଆୟୁର୍ବେଦ କଲେଜ ଅଡଟୋରିୟମରେ ଶନିବାର ଭଗବାନ ଧନ୍ୱନ୍ତରୀ ଦେବଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି । ଡା. ଶିବ ପ୍ରସାଦ ମହାନ୍ତି ଓ ତାଙ୍କ ସ୍ତ୍ରୀ ଡା. କ୍ଷିରାବ୍ଧି ତନୟା ରାଉତରାଏ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ରଙ୍କମଣି ଦେବତା ପୂଜାର୍ଚ୍ଚନା କରିଥିଲେ । ସତ୍ୟ ଭୂଷଣ ସାହୁ, ମନୋଜ ତ୍ରିବେଦୀ, ଡା. କାମିନୀ କର, ପରିଚାଳନା କମିଟି ସଭ୍ୟ, କର୍ମଚାରୀ ଓ ଛାତ୍ରୀଛାତ୍ର ପୂଜାରେ ଭାଗ ନେଇଥିଲେ। ନିୟତି ରଞ୍ଜନ ରାଏ, ମାନସ ରଞ୍ଜନ ଦାସ, ଅବିନାଶ ପାଣିଗ୍ରାହୀ, ଗୁଣନିଧି ସାହୁ, ଆଦିତ୍ୟ ତ୍ରିପାଠ, ଲିପ୍ସା ମହାପାତ୍ର, ଅନୁରାଧା ଦାସ, ଶିବାନୀ ମିଶ୍ର, ସର୍ମ୍ମିଷ୍ଠୀ ପ୍ରଧାନ ପ୍ରମୁଖ ଛାତ୍ରୀଛାତ୍ର ପୂଜାକାର୍ଯ୍ୟ ପରିଚାଳନା କରିଥିଲେ।

### ଅବ୍ୟବସ୍ଥା ଘେରରେ ଫଂଟାଟିକ୍ରା ପ୍ରାଥମିକ ସ୍କୁଲ

ଗଣ୍ଡତୁରୁମ, ୨୬।୧୦ (ଡି.ଏନ.ଏ) ଭେଡେନ ବ୍ଲକ ମାନପୁର ପଞ୍ଚାୟତ ଅନ୍ତର୍ଗତ ଫଂଟାଟିକ୍ରା ପ୍ରାଥମିକ ସ୍କୁଲ ବିଭିନ୍ନ ଅବ୍ୟବସ୍ଥା ମଧରେ ଚାଲିଛି । ୧୯୭୨ ମସିହାରୁ ସ୍ଥାପିତ ଏହି ସ୍କୁଲରେ ସାମାନ୍ୟ ବର୍ଷାରେ ଆଜବେଷ୍ଟସ ଛାତରୁ ପାଣି ଗଳୁଛି । ଏପରିକି ଛାତରେ ଲାଗିଥିବା କାଠ ପୁରୁଣା ହୋଇ ନଷ୍ଟ ହେବା ସହିତ ବିପଦସଙ୍କୁଳ ଅବସ୍ଥାରେ ରହିଛି । ଅପରପକ୍ଷେ ୫ଟି ଶ୍ରେଣୀକୁ ମାତ୍ର ଜଣେ ଶିକ୍ଷକ ରହିଛନ୍ତି । ସ୍କୁଲ କୋଠରୀ ବିପଦଜ୍ଜନକ ଭାବେ ରହିଥିବାରୁ ଶିକ୍ଷକ ସମସ୍ତ ଛାତ୍ରୀଛାତ୍ରଙ୍କୁ ବାରଣ୍ଡାରେ ଶିକ୍ଷାଦାନ କରୁଥିବା ଦେଖିବାକୁ ମିଳୁଛି । ଫଳରେ ଶିକ୍ଷାଦାନରେ ବ୍ୟାଘାତ ସୃଷ୍ଟି ହେଉଛି । ଏ ନେଇ ଗ୍ରାମବାସୀ ବାରମ୍ବାର ଦୃଷ୍ଟି ଆକର୍ଷଣ କଲେ ବି କିଛି ସୁଫଳ ମିଳି ପାରୁ ନ ଥିବା ଅଭିଯୋଗ କରିଛନ୍ତି । ସ୍କୁଲର ନୂତନ ଗୃହ ନିର୍ମାଣ ଏବଂ ଆଉ ଜଣେ ଶିକ୍ଷକ ଯୋଗାଇ ଦେବାକୁ ଅଂଶୁମାନ ଭୁଏ, ଆୟୁଷ ବାଗ, ଅଲିମା ଦୀପ, ଅଲିଭା ଦୀପ, ଝାରୁପତି ଜାଲ, କଏଟୁ ବାଗ, ବନମାଳି ଜାଲ, ସୁନୀଲ ବାଗ ପ୍ରମୁଖ ଦାବି କରିଛନ୍ତି । ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଗ୍ରାମବାସୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି ।

### ଝାରବନ୍ଧ ବ୍ଲକ ପୁରସ୍କୃତ

ଝାରବନ୍ଧ, ୨୬।୧୦ (ଡି.ଏନ.ଏ) ବରଗଡ ଜିଲାର ଅନୁନ୍ନତ ବ୍ଲକ ଭାବେ ପରିଗଣିତ ଝାରବନ୍ଧ ବ୍ଲକ ଗ୍ରାମାଞ୍ଚଳ ଆବାସ ତିଆରି ପାଇଁ ଜିଲାର ୧ମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛି। ଚଳିତ ବର୍ଷ ଗ୍ରାମାଞ୍ଚଳ ଆବାସ ଯୋଜନାକୁ ସୁଚାରୁ ରୂପେ ସମ୍ପାଦନ କରାଯାଇଛି । ବିଡିଓ ରୁନୁ ଲାକ୍ରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟିମ୍ ଗଠନ କରି ଏହି କାର୍ଯ୍ୟକୁ ଅଗ୍ରାଧିକାର ଦିଆଯାଇଥିଲା। କର୍ମଚାରୀମାନେ ପ୍ରତ୍ୟେକ ହିତାଧିକାରୀଙ୍କ ପାଖକୁ ଯାଇ ଠିକ୍ ସମୟରେ କାର୍ଯ୍ୟ ସମାପନ କରିବା ପାଇଁ ପରାମର୍ଶ ଦେଇଥିଲେ । ବିଡିଓ ଲାକ୍ରା, ଏପିଓ କେତନ ପ୍ରଧାନ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଟିକେଶ୍ୱର ପଟେଲ, ବିପିଏମ ବଦ୍ରିନାରାୟଣ ମହାପାତ୍ର ପୁରସ୍କାର ଗ୍ରହଣ ସମୟରେ ସାମିଲ ହୋଇଥିଲେ । ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ପୁରସ୍କୃତ କରିଥିବା ବେଳେ ବିଡିଓ ରୁନୁ ଲାକ୍ରା ପୁରସ୍କାର ଗ୍ରହଣ କରିଥିଲେ ।

### ଭାଗବତ ପାରାୟଣ ସପ୍ତାହ ଉଦ୍‌ଯାପିତ

ପଦ୍ମପୁର, ୨୬।୧୦ (ଡି.ଏନ.ଏ) ପଦ୍ମପୁର ଶାନ୍ତିନଗରଠାରେ ଚାଲିଥିବା ଶ୍ରୀମଦ ଭାଗବତ ପାରାୟଣ ଶନିବାର ଉଦଯାପିତ ହୋଇଯାଇଛି । ୨୦ ତାରିଖରେ କଳସ ସ୍ଥାପନ ଓ ୨୧ ତାରିଖଠାରୁ ପାରାୟଣ ଆରମ୍ଭ ହୋଇ ବିଭିନ୍ନ ଦିବସରେ ଭାଗବତ କଥାବସ୍ତୁ ଉପରେ ଆଲୋକପାତ କରାଯାଇଥିଲା। କଥାବାଚକ ଭାବେ ସରୋଜ କୁମାର ବେଦବାକ ଯୋଗ ଦେଇଥିବା ବେଳେ ତାଙ୍କ ସହଯୋଗୀ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ। କର୍ତ୍ତା ଭାବେ ଧର୍ମ ସାହୁ ଓ ତାଙ୍କ ସ୍ତ୍ରୀ ବବି ସାହୁ ଥିଲେ । ପ୍ରତ୍ୟେହ ବହୁ ଶ୍ରୋତା ଯୋଗ ଦେଇଥିଲେ। ପଡାର ବ୍ୟକ୍ତି ବିଶେଷ ଡା. ଗଦାଧର ରଥ, ଅଶୋକ ସାହୁ, ତୀର୍ଥବାସୀ ପଣ୍ଡା, ତାରା ଶତପଥି, ଶାନ୍ତନୁ ପାଣିଗ୍ରାହୀ, କାଳୀଚରଣ ସାହୁଙ୍କ ସମେତ ପଡାବାସୀ ଓ ମହିଳା ସହଯୋଗ କରିଥିଲେ ।

■ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

# ୧୪ ସ୍କୁଲର ୧୫୦ ଜଣ ଛାତ୍ରୀଛାତ୍ର ଯୋଗଦେଲେ

**ବରପାଲି, ୨୬।୧୦ (ଡି.ଏନ.ଏ)**

ବରପାଲି ବ୍ଲକ ଡୁଲଣ୍ଡି କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ପଧାନପାଲି ଉଚ୍ଚ ପ୍ରାଥମିକ ସ୍କୁଲ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୪ଟି ସ୍କୁଲର ୧୫୦ ଜଣ ଛାତ୍ରୀଛାତ୍ର ଯୋଗଦେଇ ଜୁନିୟର ଓ ସିନିୟର ବର୍ଗର ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଉଚ୍ଚ ପ୍ରାଥମିକ ସ୍କୁଲ ପ୍ରଧାନଶିକ୍ଷକ ମହେନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବରପାଲି ବିଇଓ ରାଜେନ୍ଦ୍ର ମିଶ୍ର ମୁଖ୍ୟଅତିଥି, ଗୌରାଙ୍ଗ ଚରଣ ପଧାନ, ହରିହର ଭୋଇ ଓ ନରେନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । ଉତ୍ସବରେ କେନ୍ଦ୍ର ସଂଯୋଜକ ପ୍ରମୋଦ ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ମୌରାରଜୀ ଭୋଇ ପରିଚୟ ପ୍ରଦାନ ଓ ଶିକ୍ଷକ ତେଜରାଜ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।



ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ଟିକାକରଣ କାର୍ଯ୍ୟକ୍ରମର ସଫଳ ରୂପାୟନକୁ ଗୁରୁତ୍ୱ

**ବରଗଡ଼ ଅଫିସ୍,୨୬।୧୦**

ବରଗଡ଼ ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଶନିବାର ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଜାପାନୀଜ୍ ଏନସେଫାଲାଇଟିସ୍ ଟିକାକରଣ କାର୍ଯ୍ୟକ୍ରମ ଉପରେ ଟାସ୍କଫୋର୍ସ ମିଟିଂ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପୁଷ୍ପାଂଶୁ ସାହୁ, ବିଭାଗୀୟ ସ୍ୱାସ୍ଥ୍ୟ ଅଧିକାରୀ, ଶିକ୍ଷା, ଶିଶୁ, ମହିଳା ବିଭାଗ, ମଙ୍ଗଳ ବିଭାଗଙ୍କ ସମେତ ଏନଜିଓର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ, ସମ୍ବଲପୁର ଡିଭିଜନର ସଙ୍ଗଠକ ଡା. ଅବନୀନ୍ଦ୍ର ସାହୁ ଯୋଗଦେଇ ଜାପାନୀଜ୍ ଏନସେଫାଲାଇଟିସ୍ ଟିକାକରଣ କାର୍ଯ୍ୟକ୍ରମ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଜିଲାର ସମସ୍ତ ୧ବର୍ଷରୁ ୧୫ବର୍ଷ ବୟସ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଜାପାନୀଜ୍ ଏନସେଫାଲାଇଟିସ୍ ଟିକାକରଣ ପ୍ରଦାନ କରାଯିବା ଏହି କାର୍ଯ୍ୟକ୍ରମର ମୂଳ



ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ ।

ଉଦ୍ଦେଶ୍ୟ ବୋଲି ସୂଚନା ଦିଆଯାଇଥିଲା। ବରଗଡ଼ ଜିଲାରେ ନିର୍ଦ୍ଦିଷ୍ଟ ତାରିଖରେ ସମସ୍ତ ସ୍କୁଲ, ଅଙ୍ଗନୱାଡ଼ି କେନ୍ଦ୍ର ଗୁଡ଼ିକରେ ପ୍ରାୟ ୩ ଲକ୍ଷରୁ ଉର୍ଦ୍ଧ୍ୱ ଶିଶୁଙ୍କୁ ଏହି ଟିକା ଦିଆଯିବାର ଲକ୍ଷ୍ୟ ରହିଛି ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସାହୁ ସୂଚନା ଦେଇଥିଲେ । ଉକ୍ତ ଟିକାକରଣ କାର୍ଯ୍ୟକ୍ରମକୁ ସଫଳ ଭାବେ ସମାପନ କରିବା ପାଇଁ ଜିଲାପାଳ ସମସ୍ତ ବିଭାଗୀୟ ଅଧିକାରୀ, କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ । ଆସନ୍ତା ନଭେମ୍ବର ୧୧ତାରିଖରୁ ଏହି ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଡିସେମ୍ବର ୧୦ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ଦିଆଯାଇଥିଲା ।

# ରାସ୍ତା ପାଲଟିଛି ଡମ୍ପିଂ ୟାର୍ଡ

**ବରପାଲି, ୨୬।୧୦ (ଡି.ଏନ.ଏ)**

ବରପାଲି ଏନଏସିର ବିଭିନ୍ନ ୱାର୍ଡର ରାସ୍ତା କଡରେ ଅଳିଆ ଗଦା ହୋଇ ରହୁଛି। ଫଳରେ ରାସ୍ତାକଡ ପାଲଟିଛି ଡମ୍ପିଂ ୟାର୍ଡ । ଆବର୍ଜନା ବୋଝ ସହରବାସୀଙ୍କୁ ଅଣନିଃଶ୍ୱାସୀ କରୁଛି । ସ୍ୱଚ୍ଛ ସବୁଜ ବରପାଲି ବାର୍ତ୍ତା ଦେବା ସହ ସହରର ସ୍ୱଚ୍ଛତା ପାଇଁ ସଭା ସମିତି କରିବା ଏବଂ ୱାର୍ଡ ପରିକ୍ରମା କରିବା ଲୋକଦେଖାଣିଆ ହୋଇଛି । ସହରର କୁଲିପଡା ମୁଖ୍ୟରାସ୍ତା ଉପରେ କୁଢ଼ କୁଢ଼ ଅଳିଆ ଜମା ହେବା ଏକ ନିତିଦିନିଆ ଘଟଣା ହୋଇଛି । ଲୋକମାନେ ଏହି ରାସ୍ତାରେ ହାଟବଜାର ଓ ଗାଧୋଇବାକୁ ଗଲାବେଳେ ନାକରେ କପଡା ଦେଇ ଯାତାୟାତ କରୁଥିବା ଦେଖାଯାଉଛି । ସହର ପରିବେଶ ଏବେ ପୂତିଗନ୍ଧମୟ ହୋଇଛି । କେବଳ ସେତିକି ନୁହେଁ ହାଟପଦା ପ୍ରାଥମିକ ସ୍କୁଲ, ଗାର୍ଲ୍ସ ହାଇସ୍କୁଲ ଓ ବଜାର ସମ୍ମୁଖ ରାସ୍ତା ଡମ୍ପିଂ ୟାର୍ଡ ପାଲଟିଛି । ସେପଟେ ଏନଏସିର ଡଷ୍ଟବିନ ଗୁଡିକ ଭାଙ୍ଗି ରାସ୍ତାରେ ଗଡୁଛି। ରାସ୍ତାରେ ଗାଈଗୋରୁ ବାନ୍ଧିବା, ଗୋବରଖତ ଗଦାଇବା ଓ ନାଳର ମଳମୂତ୍ର ଗନ୍ଧରେ ଲୋକେ ଅଣନିଃଶ୍ୱାସୀ ହୋଇ ପଡିଲେଣି। ଏ ସମ୍ପର୍କରେ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ମେହେରଙ୍କ ମତାମତ ମିଳି ପାରିନାହିଁ ।



କୁଳିପଡା ରାସ୍ତାରେ ଅଳିଆଗଦା ହୋଇଛି ।

# ଅଦିନିଆ ବର୍ଷା ଆଣିଲା ଦୁର୍ଦ୍ଦଶା



ଲଗାଣ ବର୍ଷା ପରେ ଚାଷୀମାନେ ଉଜୁଡା ଧାନ ଫସଲକୁ ଦେଖାଉଛନ୍ତି ।

**ପଦ୍ମପୁର, ୨୬।୧୦ (ଡି.ଏନ.ଏ)**

ଗତ ୩ ଦିନ ହେବ ଲଘୁଚାପ ବର୍ଷା ପ୍ରଭାବରେ ପଦ୍ମପୁର ଉପଖଣ୍ଡରେ ହଜାର ହଜାର ହେକ୍ଟର ଚାଷ ଜମିରେ ପାଣି ଜମି ରହିଛି । ଫଳରେ ପାଚିଲା ଧାନ କ୍ଷତିଗ୍ରସ୍ତ ହେବା ଆଶଙ୍କା ପ୍ରକାଶ ପାଇଛି । ଏହାକୁ ନେଇ ଚାଷୀ ମୁଣ୍ଡରେ ଚଡକ ପଡିଛି । ଏଥର ମୌସୁମୀ ବର୍ଷା ଭଲ ହୋଇଥିବାରୁ ଚାଷୀ ଭଲ ଅମଳ କରିବ ବୋଲି ବେଶ୍ ଆଶାବାଦୀ ଥିଲା । ଧାର କରଜ କରି କ୍ଷେତରେ ସାର, ଔଷଧ ବ୍ୟବହାର କରିଥିଲା। ମାତ୍ର ଅଦିନିଆ ବର୍ଷା ଚାଷୀଙ୍କୁ ଚିନ୍ତାରେ ପକାଇଛି। ଅନ୍ୟ ଚାଷ ଅପେକ୍ଷା ଚାଷୀର ସଅଳ କିସମର ଧାନ କ୍ଷେତରେ ପାଣି ଲହଡି ମାରୁଛି । ପଦ୍ମପୁର ବ୍ଲକର ଦହିତା, ଦହିଗାଁ, ଜମରତଲା, ବୁଡେନ, କଂସର, ଖଲିଆପାଲି, ବରିକେଲ ଗ୍ରାମପଞ୍ଚାୟତର ଅନେକ ଚାଷ ଜମିରେ ପାଣି ଭରି ରହିଛି । ଅନେକ ଚାଷୀ ଧାନ କାଟିସାରି ଥିଲେ ମଧ ଘରକୁ ଆଣି ପାରିନାହାନ୍ତି । କଟା ଧାନ ପାଣିରେ ଭାସୁଛି। ଚାଷ ଜମିରେ ପାଚିଲା ଧାନ ଗଛ ପଡି ନଷ୍ଟ ହେବାରେ ଲାଗିଛି । ଦହିତା ଗ୍ରାମ ପଞ୍ଚାୟତ ଆସ୍ୱବାହାନର ଚାଷୀ ପ୍ରୀତିପାଳ ପଟେଲ ତାଙ୍କର ୫ ଏକର ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ ବୋଲି କହିଛନ୍ତି । ଜମରତଲା ଗ୍ରାମ ପଞ୍ଚାୟତର ନବୀନ ଭୋଇ, ନିରାକାର ସାହୁ, ସୁରେଶ ଚାନ୍ଦ, ଦହିତାର କେଦାର ମେହେର, ଭରତ ମେହେର କୁହନ୍ତି, ଚଳିତ ବର୍ଷ ଭଲ ଅମଳ ହେବ ବୋଲି ଆଶା କରିଥିଲୁ । ମାତ୍ର ଅଦିନିଆ ବର୍ଷାରେ ଆମ ଫସଲ ମାଟି ହୋଇଗଲା । ବିଗତ ବର୍ଷ ମାନଙ୍କରେ ଚାଷୀ ମାନେ ମରୁଡି ଯୋଗୁ ବାରମ୍ବାର କ୍ଷତି ସହୁଥିବା ବେଳେ ଚଳିତ ବର୍ଷର ଅଦିନିଆ ବର୍ଷା ପାଇଁ ପୁଣି କ୍ଷତି ସହିବାକୁ ପଡିବ ବୋଲି ଚାଷୀମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ କୃଷି ଅଧିକାରୀ ନନ୍ଦକିଶୋର ଯୋଶୀ ପଚାରିବାରୁ ସେ କହିଲେ, ପଦ୍ମପୁର ବ୍ଲକରେ ବର୍ତ୍ତମାନ କ୍ଷେତ୍ର ପରିଦର୍ଶନ ଜାରି ରହିଛି ଏବଂ ଲଘୁଚାପ ବର୍ଷା ଯୋଗୁ କେତେ ଧାନ ନଷ୍ଟ ହୋଇଛି ସେ ନେଇ ବିଭାଗୀୟ ମୁଖ୍ୟଙ୍କୁ ସୋମବାର ସୁଦ୍ଧା ରିପୋର୍ଟ ଦିଆଯିବ ।



ସତ୍ୟ, ଶାନ୍ତି, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହି ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
- ଶ୍ରୀ ଅଭିରାମ ପରମହଂସ

## ସଂକ୍ଷେପରେ

### ଝାରବାହାଲି ଓଏଭିର ଅଭିଭାବକ ସଂଘ ଗଠିତ

**ଉଲୁଣ୍ଡା, ୨୬।୧୦(ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଝାରବାହାଲି ଓଡିଶା ଆଦର୍ଶ ବିଦ୍ୟାଳୟର ନୂତନ ଅଭିଭାବକ ସଂଘ ଗଠିତ ହୋଇଛି। ସଂଘ ସଭାପତିଭାବେ ରାମଗୋପାଳ ମହାପାତ୍ରଙ୍କୁ ମନୋନୀତ କରାଯାଇଛଇ। ସଞ୍ଜୟ ଭେସ୍ରା, ଅର୍ଚ୍ଚନା ତ୍ରିପାଠୀ ଏବଂ ଯଶୋଦା ପଧାନ ପ୍ରମୁଖ ସଂଘ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଏହି ଅବସରରେ ବିଦ୍ୟାଳୟ ଅଧକ୍ଷ ରାଧାମୋହନ ପୁଜାହାରୀଙ୍କ ଆବାହକତ୍ୱରେ ଶନିବାର ଏକ ଅଭିଭାବକ ସମ୍ମିଳନୀ ଡକାଯାଇଥିଲା। ଏଥିରେ ଶତାଧିକ ଅଭିଭାବକ, ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ। ତେବେ ବିଦ୍ୟାଳୟ ଉଦ୍‌ଘାଟନ ଦିନଠାରୁ ପାଣି ସମସ୍ୟା ଲାଗି ରହିଥିବା ବେଳେ ପ୍ରଶାସନ ଏହାକୁ ଅଣଦେଖା କରୁଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସେହିପରି ଛାତ୍ରୀଛାତ୍ରଙ୍କୁ କମ୍ପ୍ୟୁଟର ଶିକ୍ଷା ଦିଆଯାଉଥିବା ବେଳେ ସରକାରଙ୍କ ତରଫରୁ କମ୍ପ୍ୟୁଟର ଯୋଗାଇ ଦିଆ ନ ଯିବା ଏବଂ ଆବଶ୍ୟକ ଅଧାପକ ପଦ ଖାଲି ପଡିଥିବାରୁ ତୁରନ୍ତ ଏହାର ସମାଧାନ କରିବା ପାଇଁ ଦାବି କରାଯାଇଥିଲା। ତେବେ ସମସ୍ୟା ସବୁ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଦିଆଯିବ ବୋଲି ବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ।

ଜିଲାସ୍ତରୀୟ ଆଥ୍‌ଲେଟିକ ମିଟ୍ ଉଦ୍‌ଯାପିତ

# ଡୁଙ୍ଗୁରିପାଲି, ଉଲୁଣ୍ଡା, ସୋନପୁର ଗ୍ରୁପ୍ ଚାମ୍ପିୟନ

**ଅମରପାଲି, ୨୬।୧୦ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଦୁଇଦିନ ଧରି ଚାଲିଥିବା ଅଷ୍ଟମ ଜିଲାସ୍ତରୀୟ ଆଥେଲେଟିକ ମିଟ୍ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ବାଣିଜ୍ୟ ଓ ପରିବହନ ଏବଂ ଯୋଜନା ସଂଯୋଜକ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀନାରାୟଣ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଜିଲା ଶିକ୍ଷା ଅଧିକାରିଣୀ ପୁଷ୍ପା ମିଞ୍ଜ ଅଧକ୍ଷତା କରିଥିଲେ । ସ୍ଥାନୀୟ ଗଣପତି ଆଦର୍ଶ ଶିକ୍ଷା ନିକେତନର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ତରଭା ବିଇଓ କେଶବ ମେହେର, ବିନିକା ବିଇଓ ଶଶୀଭୂଷଣ ସେଠୀ, ସୋନପୁର ବିଇଓ ଘନଶ୍ୟାମ ମେହେର ଓ ବୀରମହାରାଜପୁର ବିଇଓ ଶାନ୍ତନୁ କୁମ୍ଭକାର, ବୀରମହାରାଜପୁର ହାଇସ୍କୁଲର ପ୍ରଧାନଶିକ୍ଷକ ବୈଦ୍ୟନାଥ କର୍ଣ୍ଣ, ଜିଲା କ୍ରୀଡା ଅଧକ୍ଷକ ଦୁର୍ଯ୍ୟୋଧନ ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଉପସ୍ଥିତ ମୁଖ୍ୟଅତିଥି ମନ୍ତ୍ରୀ ବେହେରାଙ୍କୁ ସୁବର୍ଣ୍ଣପୁର ଜିଲାରେ ଏକ କ୍ରୀଡା ଛାତ୍ରାବାସ ସ୍ଥାପନ କରିବାକୁ ଅନୁରୋଧ କରାଯାଇଥିଲା । ମନ୍ତ୍ରୀ ମଧ ଜିଲାରେ କ୍ରୀଡା ଛାତ୍ରାବାସ କରାଯିବାର ପ୍ରତିଶ୍ରୁତି ଦେଇଥିଲେ। ବୈଦ୍ୟନାଥ କର୍ଣ୍ଣ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଦୁର୍ଯ୍ୟୋଧନ ରାଉତ ବିବରଣୀ ପଠନ କରିଥିଲେ । ସଭାରେ ବିଭିନ୍ନ ପ୍ରତିଯୋଗୀତାରେ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା । ଦୁଇ ଦିନ ଧରି ହୋଇଥିବା ଉକ୍ତ କ୍ରୀଡାରେ ୧୦୦, ୨୦୦, ୪୦୦, ୬୦୦, ୧୫୦୦, ୩୦୦ ମିଟର ଦୌଡ, ସର୍ଟପୁଟ ଥ୍ରୋ, ଡିସକସ ଥ୍ରୋ, ଜେଭେଲିନ ଥ୍ରୋ, ଉଚ୍ଚଡିଆଁ, ଲମ୍ବଡିଆଁ, ଟ୍ରିପୁଲ ଜମ୍ପ ଆଦି ପ୍ରତିଯୋଗୀତା ହୋଇଥିଲା। ଜିଲାର ୬ଟି ବ୍ଲକର ପ୍ରାୟ ୨୬୩ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀ ରାଜ୍ୟସ୍ତରୀୟ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିବାକୁ ଚୟନ କରାଯାଇଥିଲା। ଗ୍ରୁପ ପର୍ଯ୍ୟାୟରେ ୧୭ ବର୍ଷରୁ କମ୍ ବାଳକ ବର୍ଗରେ ସୋନପୁର ବ୍ଲକ, ୧୪ ବର୍ଷରୁ କମ୍ ବାଳକ ବର୍ଗରେ ଉଲୁଣ୍ଡା ବ୍ଲକ, ୧୭ ବର୍ଷରୁ କମ ବାଳିକା ବର୍ଗରେ ଓ ୧୪ ବର୍ଷରୁ କମ ବାଳକ ବର୍ଗରେ ଡୁଙ୍ଗୁରିପାଲି ବ୍ଲକ ଦଳଗତ ଚାମ୍ପିୟନ ହୋଇ ସ୍ୱତନ୍ତ୍ର ଭାବେ ପୁରସ୍କୃତ ହୋଇଥିଲେ। ପୁରସ୍କାର ବିତରଣୀ ଉତ୍ସବ ପରେ କ୍ରୀଡା ପତାକା ଅବତରଣ କରାଯାଇ କ୍ରୀଡାର ପରିସମାପ୍ତି ଘୋଷଣା କରାଯାଇଥିଲା । ଶେଷରେ ଶିକ୍ଷକ ବୈକୁଣ୍ଠ ନାଥ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗୀତାଗୁଡିକୁ ଜିଲାର ସମସ୍ତ ସ୍କୁଲର ଖେଳ ଶିକ୍ଷକ ପରିଚାଳନା କରିଥିବା ବେଳେ ସମସ୍ତ ସିଆରସିସି ଓ ଶିକ୍ଷୟିତ୍ରୀ ଏବଂ ଶିକ୍ଷକମାନେ ସହଯୋଗ କରିଥିଲେ ।



ଜିଲାସ୍ତରୀୟ ଆଥ୍‌ଲେଟିକ ମିଟ୍‌ର ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ ।

### ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ପ୍ରସ୍ତୁତି ବୈଠକ

**ଡୁଙ୍ଗୁରିପାଲି, ୨୬।୧୦(ଡି.ଏନ.ଏ.)**

ଡୁଙ୍ଗୁରିପାଲି ବ୍ଲକ ରାମପୁର ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ପାଇଁ ଶନିବାର ରାମପୁରସ୍ଥିତ କଲ୍ୟାଣ ମଣ୍ଡପରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଧନୁଯାତ୍ରା କମିଟି ସଭାପତି ରମେଶ ପୂଜାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କମିଟି ସଦସ୍ୟ ଓ ଅଞ୍ଚଳବାସୀ ଉପସ୍ଥିତ ଥିଲେ । ସପ୍ତମ ବର୍ଷରେ ପଦାର୍ପଣ କରିଥିବା ଏହି ଧନୁଯାତ୍ରାକୁ ଅଧିକ ଆଡମ୍ବରପୂର୍ଣ୍ଣ କରିବାକୁ ମତପ୍ରକାଶ ପାଇଥିଲା। ଆସନ୍ତା ଡିସେମ୍ବର ୬ରୁ ୧୨ ତାରିଖ ପର୍ଯ୍ୟନ୍ତ ସାତ ଦିନ ଧରି ଆୟୋଜିତ ହେବାକୁ ଥିବା ଧନୁଯାତ୍ରାରେ ଗୋପାଳ ଚନ୍ଦ୍ର ପଣ୍ଡା କଂସ ଭୂମିକାରେ ଅଭିନୟ କରିବେ ବୋଲି ସଭାପତି ପୂଜାରୀ ସୂଚନା ଦେଇଛନ୍ତି। ଏହି ବୈଠକରେ ଡୁଙ୍ଗୁରିପାଲି ବ୍ଲକ ଅଧ୍ୟକ୍ଷ ମକରଧ୍ୱଜ ସାହୁ, ସମିତି ସଭ୍ୟ ରମେଶ ପୁରୋହିତ, ଉମେଶ ପୂଜାରୀ, ଗୁରୁଚରଣ ବେହେରା, ରାମପୁର ସରପଞ୍ଚ ସରୋଜ ମେହେର, ଜୟ କିଶନ ତାଣ୍ଡି, ରାଜେଶ ଅଗ୍ରୱାଲ, ପ୍ରଫୁଲ୍ଲ ମେହେର, ସବ୍ୟସାଚୀ ଭୋଇ ଉପସ୍ଥିତ ଥିଲେ।

## ୩୯୦ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା

**ବିନିକା,୨୬।୧୦(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୁନେତ୍ର ଯୋଜନାରେ ସିନ୍ଧୁରପୁର ଉଚ୍ଚ ବିଦ୍ୟାଳୟ, ଶଙ୍କରା ଉଚ୍ଚ ବିଦ୍ୟାଳୟ ଓ ବିନିକା ବାଳକ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଛି । ବିନିକା ସ୍ୱାସ୍ଥ୍ୟ ଗୋଷ୍ଠୀ ଅଧିକାରୀ ଜୟ ପ୍ରକାଶ ପଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରକୁ ବିନିକା ସ୍ୱାସ୍ଥ୍ୟଭିତ୍ତିକ କାର୍ଯ୍ୟକ୍ରମ ଅଧିକାରୀ ନାରାୟଣ ମେହେର ଓ ଡ. ଅମିତା ଚାନ୍ଦ ପରିଚାଳନା କରିଥିଲେ । ଚକ୍ଷୁ ଚିକିତ୍ସା ସହାୟକ ବିଦ୍ୟାଧର ସାହୁ ଓ ବିନିକା ଚକ୍ଷୁ ଚିକିତ୍ସା ସହାୟକ ଅଶୋକ କୁମାର ମଲ୍ଲିକ ଉପରୋକ୍ତ ସ୍କୁଲମାନଙ୍କରେ ପିଲାଙ୍କ ଚକ୍ଷୁ ପରୀକ୍ଷା କରିଥିଲେ । ସମୁଦାୟ ୩୮୦ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା ହୋଇଥିଲା । ସେମାନଙ୍କ ମଧ୍ୟରୁ ୧୭୦ ଜଣଙ୍କୁ ଚଷମା ପ୍ରଦାନ କରାଯାଇଥିଲା। ତିନିଦିନ ଧରି ଚାଲିଥିବା ଚକ୍ଷୁ ପରୀକ୍ଷା ଶିବିର ଆୟୋଜନରେ ଅତିରିକ୍ତ ବିନିକା ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ସାହୁ, ଡ. ଦିଲ୍ଲୀପ କୁମାର ପାଣିଆ, ଅଜିତ କୁମାର ପାତ୍ର, ପ୍ରଫୁଲ୍ଲ କୁମାର ମଲ୍ଲିକ ଓ ସୁବ୍ରତ କୁମାର ମିଶ୍ର ପ୍ରମୁଖ ସହଯୋଗ କରିଥିଲେ ।

## ମୋ ସରକାର ଯୋଜନା ରୂପାୟନ ପରଖିଲେ ଏସ୍‌ପି

**ବଲାଙ୍ଗୀର ଅଫିସ, ୨୬।୧୦**

ରାଜ୍ୟ ସରକାର ମୋ ସରକାର ଯୋଜନା ଲାଗୁ କଲାପରେ ବଲାଙ୍ଗୀର ଜିଲାରେ ଏହି ଯୋଜନା କିଭଳି ରୂପାୟନ ହେଉଛି ଅଭିଯୋଗକାରୀଙ୍କ ନିକଟକୁ ଯାଇ ପରଖିଛନ୍ତି ଏସ୍‌ପି ମଡକର ସନ୍ଦୀପ ସମ୍ପଦ। ଶନିବାର ଅପରାହ୍ନରେ ଟାଉନ ଥାନା ଅନ୍ତର୍ଗତ ଗାନ୍ଧୀନଗର ପଡାର ରାଜେଶ ପଟେଲଙ୍କ ଘରେ ପହଞ୍ଚିଥିଲେ ଏସ୍‌ପି ସମ୍ପଦ । ଟାଉନ ଥାନା ଅଧିକାରୀ ସଂଗ୍ରାମ କେଶରୀ ପଟ୍ଟନାୟକ, ସଦର ଏସ୍‌ଡିପିଓ ଶ୍ରୀମନ୍ତ ବାରିକଙ୍କ ଉପସ୍ଥିତିରେ ଅଭିଯୋଗକାରୀଙ୍କୁ ଫୁଲତୋଡା ସହ ଥାନା ଅଧିକାରୀ, ଏସଡିପି ଓ ଏବଂ ଏସ୍‌ପିଙ୍କ ମୋବାଇଲ୍ ନମ୍ବର ଥିବା ଏକ ଭିଜିଟିଂ କାର୍ଡ ପ୍ରଦାନ କରାଯାଇଥିଲା । କିଛି ଦିନ ତଳେ ବଡଭାଇ ମୋହନ ପଟେଲ ଏକ ବାଇକ ଦୁର୍ଘଟଣାର ସମ୍ମୁଖୀନ ହେବା ପରେ ଟାଉନ ଥାନାରେ ଅଭିଯୋଗ କରିଥିଲେ ରାଜେଶ । ଥାନାକୁ ଅଭିଯୋଗ କରିବାକୁ ଯାଇଥିବା ସମୟରେ ପୋଲିସ ପକ୍ଷରୁ ତାଙ୍କୁ କିଭଳି ବ୍ୟବହାର ପ୍ରଦର୍ଶନ କରାଯାଇଥିଲା, ପିଇବାକୁ ପାଣି ଓ ବସିବାକୁ ଚୌକି ଦିଆଯାଇଥିଲା ନା ନାହିଁ, ଅଭିଯୋଗ ଉପରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ନେଇ ଅଭିଯୋଗକାରୀ ସନ୍ତୁଷ୍ଟ ହୋଇଛନ୍ତି ନା ନାହିଁ ପଚାରି ବୁଝିଥିଲେ। ଏହି ଘଟଣାରେ ଟାଉନ ଥାନାକୁ ୫ ମାର୍କରୁ କେତେ ମାର୍କ ଦେବେ ବୋଲି ପଚାରିଥିଲେ ଏସ୍‌ପି । ପୋଲିସର ବ୍ୟବହାର ଓ କାର୍ଯ୍ୟରେ ସନ୍ତୋଷ ପ୍ରକାଶ କରିବା ସହ ଟାଉନ ଥାନା ପୋଲିସକୁ ସେ ୫ମାର୍କ ଦେଉଥିବା ନେଇ ରାଜେଶ ଏସପିଙ୍କୁ ଜଣାଇଥିଲେ । ସେହିପରି ବେହେରାପାଲିର ରୀନା କୁମ୍ଭାର ନାମକ ଜଣେ ଅଭିଯୋଗକାରୀଙ୍କ ଘରକୁ ଯାଇଥିଲେ ଏସ୍‌ପି । ବଡଭାଇ ବିଭିନ୍ନ ସମୟରେ ଗାଳିଗୁଲଜ ଓ ମାରଧର କରୁଥିବା ନେଇ ଟାଉନ ଥାନାରେ ଅଭିଯୋଗ କରିଥିଲେ ରୀନା । ବରିଷ୍ଠ ପୋଲିସ ଅଧିକାରୀମାନେ ଘରକୁ ଆସି ତାଙ୍କ ଅଭିଯୋଗ ଉପରେ ପଚାରି ବୁଝିଥିବାରୁ ରୀନା ସନ୍ତୋଷ ପ୍ରକାଶ କରିଛନ୍ତି । ରାଜ୍ୟ ସରକାରଙ୍କ ମୋ ସରକାର ଯୋଜନା ଲାଗୁ ପରେ କେବଳ ବଲାଙ୍ଗୀର ଟାଉନ ଥାନା ଅଞ୍ଚଳ କାହିଁକି ଜିଲାର ସମସ୍ତ ଥାନା ଅଞ୍ଚଳକୁ ଗସ୍ତ କରି ଅଭିଯୋଗକାରୀଙ୍କ ନିକଟରେ ପହଞ୍ଚି ପୋଲିସ କାର୍ଯ୍ୟକଳାପ ସମ୍ପର୍କରେ ପଚାରିବ ବୋଲି ଏସପି ସମ୍ପଦ ସୂଚନା ଦେଇଛନ୍ତି ।


ଗାନ୍ଧୀନଗର ପଡାର ମୋହନ ପଟେଲଙ୍କୁ ଏସ୍‌ପି ସାକ୍ଷାତ କରୁଛନ୍ତି।

## ମାଟିଖାଇ ଫୁଟବଲ ଟୁର୍ନାମେଣ୍ଟ : ସୋନପୁର ଚାମ୍ପିୟନ


ଅତିଥିଙ୍କ ସହ ଫାଇନାଲ ଖେଳରେ ଉଭୟ ଦଳର ଖେଳାଳିମାନେ।

**ଉଲୁଣ୍ଡା, ୨୬।୧୦ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ମାଟିଖାଇ ରାମଜୀ କ୍ଲବ ତରଫରୁ ୨୩ ତମ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଶନିବାର ଆୟୋଜିତ ହୋଇଯାଇଛି। ସ୍ଥାନୀୟ ଖେଳପଡିଆରେ ଖେଳାଯାଇଥିବା ଫାଇନାଲ ଖେଳରେ ମରାଲୋଏ ଦଳକୁ ସୋନପୁର ଟାଇବ୍ରେକର ୩-୨ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଛି। ଏହାପୂର୍ବରୁ ଖେଳାଯାଇଥିବା ଲିଗ୍ ମ୍ୟାଚରେ ଝାରବାହାଲି ଦଳ ଲସ୍ତଲାକୁ ୧-୦, ସୋନପୁର ଦଳ ଉଲୁଣ୍ଡାକୁ ୧-୦, ମରାଲୋଏ ଦଳ ସମ୍ବଲପୁରକୁ ୨-୦ ଏବଂ ବରଗଡ ଦଳ ସାହାସପୁରକୁ ୧-୦ ଗୋଲରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲେ। ପରେ ହୋଇଥିବା ପ୍ରଥମ ସେମିଫାଇନାଲ ଖେଳରେ ସୋନପୁର ଦଳ ଝାରବାହାଲିକୁ ୨-୦ ଗୋଲ ଏବଂ ଦ୍ୱିତୀୟ ସେମିଫାଇନାଲ ଖେଳରେ ମରାଲୋଏ ଦଳ ବରଗଡକୁ ୩-୨ ଗୋଲରେ ପରାସ୍ତ କରି ଫାଇନାଲ ଖେଳ ପାଇଁ ବିଜେତା ହୋଇଥିଲେ। ଖେଳସବୁକୁ ପ୍ରଶାନ୍ତ କୁମାର ସେଠୀ, ସୁଦାମ ଜଗଦଲା, ସିଦ୍ଧାର୍ଥ ପାତ୍ର, ଅଜିତ ନାଏକ ପରିଚାଳନା କରିଥିଲେ। ଆୟୋଜକ ସଭାପତି କିଶୋର ମେହେରଙ୍କ ତତ୍ତ୍ୱାବଧାନରେ ହେଉଥିବା ଏହି ଟୁର୍ନାମେଣ୍ଟର ପ୍ରାରମ୍ଭରେ ଖେଳପ୍ରେମୀ ଗରିବ ଝାଙ୍କର ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଆୟୋଜକ ସମ୍ପାଦକ ଯୁଧିଷ୍ଠିର ମେହେରଙ୍କ ସଂଯୋଜନାରେ ହୋଇଥିବା ପୁରସ୍କାର ବିତରଣୀ ଉତ୍ସବରେ ପ୍ରାକ୍ତନ ଖେଳାଳି ବୃନ୍ଦାବନ ପଂଚବିହାର, ସୁରେଶ ପଂଚବିହାର ଏବଂ ବ୍ଲକ କ୍ରୀଡା ସଂଯୋଜକ ଉରୁକ୍ରମ ପାଣ୍ଡିଆ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ବିଜେତା ଦଳକୁ ଟ୍ରଫି ସହ ୩ ହଜାର ଏବଂ ଉପବିଜେତା ଦଳକୁ ଟ୍ରଫି ସହ ୨ ହଜାର ଟଙ୍କା ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟ ପରିଚାଳନାରେ ଦିଲୀପ ମେହେର, ହରେକୃଷ୍ଣ ଭୋଇ, ବୁଲୁ ନାୟକ, ଶ୍ୟାମ ଓ ଲକ୍ଷ୍ମଣ ପଂଚବିହାର, ଶତ୍ରୁଘ୍ନ ପଂଚବିହାର ପ୍ରମୁଖ ସହଯୋଗ କରିଥିଲେ।

### ଆର୍‌ଟିଓ ପକ୍ଷରୁ ଦିନିକିଆ ଶିବିର

**ଡୁଙ୍ଗୁରିପାଲି, ୨୬।୧୦(ଡି.ଏନ.ଏ.)**

ଡୁଙ୍ଗୁରିପାଲି ବ୍ଲକ ସଭାଗୃହରେ ଶନିବାର ସୋନପୁର ଆଞ୍ଚଳିକ ପରିବହନ କର୍ମଚାରୀମାନେ ଡ୍ରାଇଭିଂ ଲାଇସେନ୍ସ ପାଇଁ ୨୫୩ ଜଣଙ୍କ ନାମ ପଞ୍ଜୀକୃତ କରଛନ୍ତି। ଆଞ୍ଚଳିକ ପରିବହନ ବିଭାଗ ଅଧିକାରୀ ରବୀନ ପଟନାୟକ, ଜୁନିଅର ଏମଭିଆ ପ୍ରତାପ କୁଲୁ, ଆନନ୍ଦ ଚନ୍ଦ୍ର ମିଶ୍ର,ଚିତ୍ତରଞ୍ଜନ ପଟନାୟକ, ଜିଲା ପ୍ରଦୂଷଣ ବିଭାଗର ରବିନ୍ଦ୍ର ଦଲେଇ, ପଞ୍ଚାନନ ଦଲେଇ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଟ୍ରକ ମାଲିକ ସଂଘ ସଭାପତି ମୃତ୍ୟୁଞ୍ଜୟ ମିଶ୍ର, ଜ୍ୟୋତିପ୍ରକାଶ ମିଶ୍ର, ପ୍ରଭୁଦତ୍ତ ନାୟକ, ଧରଜ ଶର୍ମା, ରାଜୁ ଭୁକ୍ତା ଶିବିର ପରିଚାଳନାରେ ସହଯୋଗ କରିଥିଲେ।

### ଶରଧାପାଲି କ୍ଲଷ୍ଟରସ୍ତରୀୟ ସୁରଭି

**ସୋନପୁର,୨୬।୧୦(ନି.ପ୍ର.)**

ସୋନପୁର ବ୍ଲକ ଶରଧାପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଶରଧାପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପ୍ରମିଳା କୁମ୍ଭାର ମୁଖ୍ୟ ଅତିଥିଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ତୁଷାର କଠାର ଓ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ମହେଶ୍ୱର କ୍ଷେତି ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ମୋଟ ୧୮୦ ଜଣ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଶର୍ମିଷ୍ଠା ମହାଲିକ, ସଚିନ ମଲ୍ଲିକ, ଜ୍ଞାନିକ ତାଣ୍ଡି, ଚୁମ୍‌କି ମଲ୍ଲିକ, ସୁନେଲି ବାଗ, ବିଶ୍ୱବୀର ନାଏକ, ସୁମି ନଇ, ପାୟଲ ପାଣ୍ଡେ, ଶୁଭମ ନାଏକ, ଲିପ୍‌ସା ନାଗ, ଶକ୍ତି ଜାଲ, ଗିରିଜା ସାହୁ ଓ ଦିପ୍ତିମୟୀ ପ୍ରଧାନ ପ୍ରମୁଖ କୃତି ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଅଶୋକ ମିଶ୍ର, ସତ୍ୟବତୀ ସାହୁ, ଶୁଭ୍ରକାନ୍ତି ଗୁରୁ ଓ ମୀନାକ୍ଷି ମିଶ୍ର ସହଯୋଗ କରିଥିଲେ । ଲୋକନାଥ ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ ।

### ସୁବଳୟା ହାଇସ୍କୁଲରେ ବିଶ୍ୱ ହାତଧୁଆ ଦିବସ

**ଅମରପାଲି, ୨୬।୧୦ (ଡି.ଏନ.ଏ)**

ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା ଉଚ୍ଚ ବିଦ୍ୟାଳୟରେ ବିଶ୍ୱହାତ ଧୁଆ ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ସଦାନନ୍ଦ ରଥଙ୍କ ସଭାପତିତ୍ୱରେ ପରାମର୍ଶଦାତା ଚନ୍ଦ୍ରମଣୀ ବାଘ ହାତ ଧୋଇବାର ଉପାୟ ପ୍ରଦର୍ଶନ କରିଥିଲେ। ଛାତ୍ରୀ ମଞ୍ଜୁ ନାଏକ ହାତ ଧୋଇବାର ଉପକାରିତା ବର୍ଣ୍ଣନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ । ଜୁନିୟର ରେଡକ୍ରସ ଛାତ୍ରୀ ଲିପସାମୟୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

### ନଭେମ୍ବର ୮ ପର୍ଯ୍ୟନ୍ତ ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ସୋନପୁର,୨୬।୧୦(ନି.ପ୍ର.)**

ସୁବର୍ଣ୍ଣପୁରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ଆନ୍ଦୋଳନ ତେଜିବାରେ ଲାଗିଛି। ଜିଲାର ଜନସାଧାରଣ ଓ ବୁଦ୍ଧିଜୀବୀଙ୍କ ଦାବି ପରେ ଜିଲା ଓକିଲ ସଂଘ ଖୋଲାଖୋଲି ଭାବେ ସୁବର୍ଣ୍ଣପୁରରେ ବେଞ୍ଚ ପ୍ରତିଷ୍ଠା ପାଇଁ ନିଜର ମତ ସ୍ପଷ୍ଟ କରିଛି । ଶନିବାର ଜିଲା ଓକିଲ ସଂଘ ବୈଠକ ସଭାପତି ସର୍ବେଶ୍ୱର ପୁରୋହିତଙ୍କ ଅଧକ୍ଷତାରେ ବାର କକ୍ଷରେ ଅନୁଷ୍ଠିତ ହୋଇଥିଲା। ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ଜିଲାର ଓକିଲ ମାନେ ସୋମବାରଠାରୁ ନଭେମ୍ବର ୮ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଏହି ସମୟରେ କୋର୍ଟ ବନ୍ଦ ହେବନି, ଓକିଲମାନେ କୌଣସି ପ୍ରକାର ଅଦାଲତ ଓ ରାଜସ୍ୱ କାର୍ଯ୍ୟ କରିବେ ନାହିଁ । ନୂଆ କେସ କରିବେ ନାହିଁ କିମ୍ବା ପୁରୁଣା କେସ ପରିଚାଳନା କରିବେନି। ମହକିଲମାନେ ଚାହିଁଲେ ନିଜେ ମାମଲା ଲଢିପାରିବେ। ସେମାନଙ୍କୁ କୌଣସି ପ୍ରକାର ବାଧା ଦିଆଯିବ ନାହିଁ ବୋଲି ନିଷ୍ପତ୍ତି ହୋଇଥିଲା। ଆଇନଜୀବୀ ମଧୁସୂଦନ ପ୍ରଧାନ, ବିନାୟକ ରଥ, ଶ୍ୟାମା ଓଁ ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଭାଜପାର ଗାନ୍ଧୀ ସଂକଳ୍ପ ପଦଯାତ୍ରା



ସୁବର୍ଣ୍ଣପୁର ସହରରେ ଭାଜପା ପକ୍ଷରୁ ଅନୁଷ୍ଠିତ ସଙ୍କଳ୍ପ ପଦଯାତ୍ରା ।


ବିନିକାରେ ଭାଜପା ପକ୍ଷରୁ ବାହାରିଥିବା ଗାନ୍ଧୀ ସଂକଳ୍ପ ପଦଯାତ୍ରା।

**ସୋନପୁର,୨୬।୧୦(ନି.ପ୍ର.)**

ଭାରତୀୟ ଜନତା ପାର୍ଟି ସୁବର୍ଣ୍ଣପୁର ନଗର ମଣ୍ଡଳ ପକ୍ଷରୁ ଶନିବାର ଗାନ୍ଧୀ ସଙ୍କଳ୍ପ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜୟନ୍ତୀ ଉପଲକ୍ଷେ ସହରରେ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ଗାନ୍ଧୀଜୀଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଦେଶକୁ ପ୍ଲାଷ୍ଟିକ୍ ମୁକ୍ତ କରି ଧରିତ୍ରୀ ମାତାକୁ ସୁରକ୍ଷିତ କରିବା ପାଇଁ ଜନ ସଚେତନତା ସୃଷ୍ଟି ହୋଇଥିଲା। ପ୍ଲାଷ୍ଟିକ୍ ବର୍ଜନ କରିବା, ପ୍ଲାଷ୍ଟିକ୍ ବଦଳରେ କପଡା ଓ କାଗଜ ବ୍ୟାଗ୍ ବ୍ୟବହାର କରିବା, ରାସ୍ତାଘାଟ ପରିଷ୍କାର ରଖିବା, ଗରିବଙ୍କ କଲ୍ୟାଣ ପାଇଁ ବିକାଶ କାର୍ଯ୍ୟରେ ସହଯୋଗ କରିବା ଏହି ଯାତ୍ରାର ମୂଳ ଲକ୍ଷ୍ୟ ଥିଲା । ନଗର ସଭାପତି ଗଣେଷ ସାହୁଙ୍କ ନେତୃତ୍ୱରେ ଗାନ୍ଧୀ ପଡିଆରୁ କର୍ମକର୍ତ୍ତା ମାନେ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଏଥିରେ ନିରଞ୍ଜନ ତ୍ରିପାଠୀ, ଦିଲ୍ଲୀପ ପୂଜାହାରୀ, ସୁରୁବାବୁ ସାହୁ, ସୁବାଷ ଚନ୍ଦ୍ର ଦାସ, ପ୍ରମୋଦ ବେହେରା, ଗୌରଚନ୍ଦ୍ର ନାଏକ, ଗୋପାଳ ବେହେରା, ରଜତ ମିଶ୍ର, ସଂଗ୍ରାମ କୁମ୍ଭାର, ତ୍ରିଲୋଚନ ତରିଆ, ଜ୍ୟୋତିର୍ମୟ ମିଶ୍ର, କୈଳାଶ ସାହୁ, କିଶୋର ମହାଲିକ, ସତ୍ୟନାରାୟଣ ସେଠୀ, ଅକ୍ଷୟ ମଲ୍ଲିକ, ସଞ୍ଜୟ ମହାପାତ୍ର, କୁନୁ ବେହେରା, ବିଜ୍ଞାନ ସାହୁ, ଅକ୍ଷୟ ମହାଲିକ, କାହ୍ନୁ ତରିଆ ଓ ଦୌଲଥ ମେହେର ପ୍ରମୁଖ ସାମିଲ ଥିଲେ ।

**ବିନିକା,(ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବିନିକା ସହରରେ ଶନିବାର ଭାଜପା ପକ୍ଷରୁ ଗାନ୍ଧୀ ସଂକଳ୍ପ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଯୋଗେଶ୍ୱର ମନ୍ଦିର ପ୍ରାଙ୍ଗଣରୁ ଶତାଧିକ ଦଳୀୟ ନେତା ଓ କର୍ମୀମାନେ ପଦଯାତ୍ରାରେ ବାହାରିଥିଲେ। ଏଥିରେ ବଲାଙ୍ଗୀର ଏମପି ସଙ୍ଗୀତାରାଣୀ ସିଂଦେଓ, ଜିଲା ଭାଜପା ସଭାପତି ବିଜୟ କୁମାର ମହାକୁର, ଜିଲା ପରିଷଦ ସଭ୍ୟ ସୁଶାନ୍ତ ପଣ୍ଡା, ସଭ୍ୟା ନଳିନୀ ସାହୁ, ରୋହିଣୀ ଡାଗଙ୍କ ସମେତ ବିନିକା ଏନ୍‌ଏସି ଓ ବ୍ଲକ ଅଞ୍ଚଳର କର୍ମୀମାନେ ସାମିଲ ହୋଇଥିଲେ। ପଦଯାତ୍ରା ଗୁଲପଡା, ବେଲପଡା, ବ୍ଲକ୍ ଛକ୍, ନୂଆଁବଜାର, ଖଦାଳପଡା ଛକ୍, ତହସିଲ ଛକ, ନୂଆ ବସ୍‌ଷ୍ଟାଣ୍ଡ ଛକ୍ ପରିକ୍ରମା କରି ବାବା କପିଳେଶ୍ୱରଙ୍କ ପୀଠ ନିକଟରେ ପହଞ୍ଚିଥିଲା । ପଦଯାତ୍ରା ସମୟରେ ଦଳୀୟ କର୍ମମାନେ ଗାନ୍ଧିଜୀଙ୍କ ନୀତି ଆଦର୍ଶ ସମ୍ପର୍କରେ ସ୍ଲୋଗାନ୍ ଦେଇଥିଲେ।

### ସଂକଳ୍ପ ଯାତ୍ରାରେ ପ୍ଲାଷ୍ଟିକ ବର୍ଜନ ଆହ୍ୱାନ

**ଡୁଙ୍ଗୁରିପାଲି, (ଡି.ଏନ.ଏ)**

ସୋନପୁର ଜିଲା ଶୁଖା ମଣ୍ଡଳ ଭାଜପା ତରଫରୁ ୧୫୦ତମ ଗାନ୍ଧୀ ଜୟନ୍ତୀରେ ଗାନ୍ଧୀ ସଂକଳ୍ପ ପଦ ଯାତ୍ରା, ସାଂସଦ ପ୍ରତିନିଧି ବିକାଶ ଶତପଥୀ ନେତୃତ୍ୱରେ କରିଥିଲେ । ପ୍ରଥମେ ଶୁଖା ଗ୍ରାମରୁ ବାହାରି ଶୁଖା ବସ୍ତି ଛନଛାଣି ଓ ପରେ ସରଗୁଲ ଗ୍ରାମ ପରିକ୍ରମା କରିଥିଲେ। ଏହି ପରିକ୍ରମା ସମୟରେ ପ୍ରତ୍ୟେକ ଗ୍ରାମର ଲୋକଙ୍କୁ ସ୍ୱଚ୍ଛତା ଉପରେ ଓ ପ୍ଲାଷ୍ଟିକ ଏବଂ ଜରି ବର୍ଜନ କରିବା ପାଇଁ ବୁଝାଇଥିଲେ । ରାସ୍ତା ଘାଟ ସଫା ରଖିବା ପାଇଁ କହିଥିଲେ । ଏଥିରେ ଶୁଖା ମଣ୍ଡଳର ସଭାପତି ପ୍ରଦୀପ ବେହେରା, ଯୁବମୋର୍ଚ୍ଚା ସଭାପତି ନିମାଇଁ ଚରଣ ସାହୁଙ୍କ ସହିତ ଜଗତରାମ ତ୍ରିପାଠୀ, ଭୋଜରାଜ ପଧାନ, ଅଚ୍ଛୁ ସେଠି, ଟିକେଶ୍ୱର ବହିଦାର, ଦେବରାଜ ବେହେରା, ସୁକାନ୍ତ ମେହେର, ଦଶରଥ ମେହେର, ପ୍ରଶାନ୍ତ ଘିଭେଲା, ଅଶୋକ ସାହୁ, ରସିକ ସାହୁ, ଯଦୁମଣି ବନଛୋର ଏବଂ ଅନେକ ଭାଜପା କର୍ମୀ ଯୋଗଦେଇଥିଲେ ।



ଶୁଖା ମଣ୍ଡଳ ପକ୍ଷରୁ ବାହାରିଥିବା ସଂକଳ୍ପ ପଦଯାତ୍ରା।



ତିନୋଟି ଜିନିଷକୁ ଦୀର୍ଘଦିନ ଧରି ଲୁଚାଇ ହେବନାହିଁ।
ସେଗୁଡ଼ିକ ହେଲା ସୂର୍ଯ୍ୟ, ଚନ୍ଦ୍ର ଓ ସତ୍ୟ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ଭାଜପାର ଗାନ୍ଧୀ ସଂକଳ୍ପ ପଦଯାତ୍ରା

ସଇଁତଲା, ୨୬।୧୦ (ଡ଼ି.ଏନ.ଏ.)- ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଭାଜପା ପକ୍ଷରୁ ଗାନ୍ଧୀ ସଂକଳ୍ପ ପଦଯାତ୍ରା ଶନିବାର ବେଲଗାଁଠାରୁ ଆରମ୍ଭ ହୋଇଛି । କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାକୁ ଲୋକଲୋଚନକୁ ଆଣିବା ଓ ରାଜ୍ୟ ସରକାର ଗରୀବ, ଖଟିଖିଆଙ୍କ ଉପରେ ଅତ୍ୟାଚାରକୁ ନେଇ ସଇଁତଲା ବ୍ଲକ ଭାଜପା ପକ୍ଷରୁ ଦୁଇଦିନିଆ ଗାନ୍ଧୀ ସଂକଳ୍ପ ପଦଯାତ୍ରା ଆରମ୍ଭ ହୋଇଛି । ଏମପି ସଙ୍ଗୀତା ସିଂଦେଓଙ୍କ ବ୍ଲକ ପ୍ରତିନିଧି ଅକ୍ଷୟ ରଣାଙ୍କ ନେତୃତ୍ୱରେ ବେଲଗାଁ, ଶିଶକେଲା, ଉଲବା, ଘୁନସର, କଅଁସର, ଡୁଙ୍ଗୁରିପାଲି, ଆମ୍ୱପାଲି, ଭେଜିପଦର, ବୁଢ଼ାବାହାଲ, କେରମେଲି ପ୍ରଭୃତି ଅଞ୍ଚଳକୁ ଯାଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରିବା ସହ ସଭାମାନ କରାଯାଇଥିଲା । ଏହି ଅବସରରେ ଆଶିଷ କୁମାର ସାହୁ, ସଇଁତଲା ମଣ୍ଡଳ ସଭାପତି ବିଜୟ ପାତ୍ର, ବେଲଗାଁ ମଣ୍ଡଳ ସଭାପତି ଗୋବିନ୍ଦ ସାହୁ ,ବୁବୁନ ପାଣିଗ୍ରାହୀ, କିଶୋର ବାବା, ନିରେନ ସାହୁ, ଇଶ୍ୱର ସାହୁ, ସୁଶୀଲ ସାହୁ, ସୁରେନ୍ଦ୍ର ରଣାଙ୍କ ସହ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।

# ସମାଜ ସୁଧୁରିଲେ ଦେଶ ସୁଧୁରିବ

ନୂଆପଡା ଅଫିସ,୨୬।୧୦



ଜଣେ କୃତୀ ଛାତ୍ରଙ୍କୁ ସମ୍ମାନିତ କରାଯାଉଛି।

- ଯାଦବ ସମାଜର ଜିଲାସ୍ତରୀୟ ନୂଆଁଖାଇ ଭେଟ୍
- ଶୋଭାଯାତ୍ରାରେ ଦୁଲୁକିଲା ନୂଆପଡ଼ା ସହର

ଯାଦବମାନେ ଶ୍ରୀକୃଷ୍ଣଙ୍କ ବଂଶଜ। ଏମାନଙ୍କ ମଧ୍ୟରେ ବହୁ ପ୍ରତିଭା ଭରି ରହିଛି। ଯାଦବ ସମାଜର ସାମାଜିକ, ଅର୍ଥନୈତିକ, ରାଜନୈତିକ ବିକାଶର ଆବଶ୍ୟକତା ରହିଛି। ସମାଜ ସୁଧୁରିଲେ ଆପେ ଦେଶ ସୁଧୁରିଯିବ ବୋଲି ମତ ପ୍ରକାଶ ପାଇଛି। ଶନିବାର ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମରେ ଆୟୋଜିତ ଜିଲାସ୍ତରୀୟ ନୂଆଁଖାଇ ଭେଟ୍ ବନ୍ଧୁମିଳନ ଉତ୍ସବରେ ଅତିଥିମାନେ ଯୋଗଦେଇ ଏହି ମତ ରଖିଥିଲେ। ଜିଲା ସଭାପତି ହରେରାମ କଠାର ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଛତିଶଗଡ ଖଲ୍ଲାରୀ ବିଧାୟକ ଦ୍ୱାରିକାଧିସ ଯାଦବ ମୁଖ୍ୟ ଅତିଥି, ଉତ୍କଳ ଯାଦବ ମହାସଭା ସାଧାରଣ ସମ୍ପାଦକ ପ୍ରଦୀପ କୁମାର ବେହେରା ମୁଖ୍ୟବକ୍ତା, ଧର୍ମଗଡ ବିଧାୟକ ମହୌଷଧୀ ବାଗ, ଉତ୍କଳ ଯୁବ ଯାଦବ ସଭାପତି ପ୍ରଦୀପ କୁମାର ବେହେରା, ଚାର ଗଡ ସଭାପତି କେନ୍ଦୁରାମ ଯାଦବ, ପଦ୍ମଶ୍ରୀ ହଳଧର ନାଗ, କୀର୍ତ୍ତନ ନାୟକ, ବରଗଡ ପୂର୍ବତନ ଜିଲା ସଭାପତି ଡୋଳାମଣୀ ମାହାର, ଛତିଶଗଡରୁ ଯୁବ ଯାଦବ ସଭାପତି ବିନୋଦ ବିହାରୀ ଯାଦବ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଶିଷ୍ଟ ବକ୍ତା ଭାବେ ଉମାକାନ୍ତ ନାଗ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିମାନଙ୍କୁ ସହର ମଧ୍ୟରେ ଏକ ଶୋଭାଯାତ୍ରାରେ ପରିକ୍ରମା କରାଯାଇଥିଲା। ଏକତା ଛକ ନିକଟରେ ଭବ୍ୟ ସ୍ୱାଗତ କରାଯାଇଥିଲା। ଏଥିରେ ଗନିଆରୀର ପ୍ରସିଦ୍ଧ ଘଣ୍ଟବାଦ୍ୟ, ଅମାନାରାର ବାଡି ନାଚ ପ୍ରଦର୍ଶିତ ହୋଇଥିଲା। ଏଥିରେ ଶତାଧିକ ଯାଦବ ମହିଳା ପୁରୁଷ ଯୋଗ ଦେଇଥିଲେ। ଏହି ଅବସରରେ ଆୟୋଜିତ ସଭାରେ ଜିଲା ଉପସଭାପତି ଭରତଲାଲ ରାଉତ ସ୍ୱାଗତ ସମାରୋହକୁ ପରିଚାଳନା କରିଥିଲେ। ଜିଲା ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲ ବିବରଣୀ ପଠନ କରିଥିଲେ। ଏହି ଅବସରରେ ଅତିଥିମାନେ ଯାଦବ ଇତିହାସ ଉପରେ ଆଲୋକପାତ କରିଥିଲେ। ଯାଦବ ସଂସ୍କୃତି, ଏକତା ଏବଂ ସଙ୍ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତୀତ୍ୱ ସକାଶେ ନୂଆପଡା ବ୍ଲକର ସ୍ୱଳ୍ପର ପୁଞ୍ଜିରୁ ନିଜର ଅଧ୍ୟବସାୟ ବଳରେ ଜଣେ ସଫଳ ଉଦ୍ୟୋଗପତି ହୋଇଥିବା ନରେଶ ଯାଦବ, କୃତୀ ଛାତ୍ର ଭାବରେ କୋମନା ବ୍ଲକର ବସନ୍ତ ନାଗ, ସିନାପାଲିର ସିଦ୍ଧାର୍ଥ ବନ୍ଧିଛୋର, ବୋଡେନର ମୋହିତ ଛତ୍ରିଆଙ୍କୁ ସମ୍ମାନିତ କରାଯାଇଥିଲା। ଇଣ୍ଡିଆ ଡ୍ୟାନସିଂ ସୁପରଷ୍ଟାର କାର୍ଯ୍ୟକ୍ରମରେ ସର୍ବଭାରତୀୟ ସ୍ତରରେ କୃତୀତ୍ୱ ରଖିଥିବା ଖଡିଆଳ ବ୍ଲକର ଛାତ୍ରୀ ମାମୁନି ବାଗଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଚନଚଳ ସଗରିଆ, ଜୋହନ ରାଉତ, କୃଷ୍ଣ ସିଂ ଖର୍ସେଲ, ମହେଶ ନିଆଲ, ଲାଲୁ ପ୍ରସାଦ ଯାଦବ, ଅକ୍ରୁର ନିଆଲ, ବିରାଟ ବାଗ, ସନ୍ତୋଷ ନିଆଲ, ତ୍ରିନାଥ ପୁଞ୍ଜି, ଯତୀନ୍ଦ୍ର ବନଛୋର, କିଶୋର କଠାର, କ୍ଷମା ସିଂ ନିଆଲ, ତ୍ରିଲୋଚନ ନାଗ, ମମତା ଥପା, ତାରାଚାନ୍ଦ ଥପା, ପ୍ରମୁକ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ନୂଆପଡା ଏନଏସି ଏବଂ ବ୍ଲକ ଯାଦବ କୋମନା ବ୍ଲକର ଯୁବ ଯାଦବ ସମାଜର ସମସ୍ତ କର୍ମକର୍ତ୍ତା ସହଯୋଗିତା କରିଥିଲେ।



ମା' କାଳୀଙ୍କ ପୂଜା ଅବସରରେ ବାହାରିଥିବା କଳସ ଶୋଭାଯାତ୍ରା ।

# କାଳୀପୂଜା ଅବସରରେ କଳସ ଶୋଭାଯାତ୍ରା

କେସିଙ୍ଗା,୨୬।୧୦ (ଡି.ଏନ.ଏ.)

କେସିଙ୍ଗା ସହରସ୍ଥିତ ଭେଟନାରୀ କମ୍ପ୍ଲେକ୍ସଠାରେ କାଳୀପୂଜା କମିଟି ପକ୍ଷରୁ ମା' କାଳୀଙ୍କ ପୂଜା ଅବସରରେ ଶିନିବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୂଜା ମଣ୍ଡପରୁ ମହିଳାମାନେ ଏକ ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ତେଲ ନଦୀଠାରେ ପହଞ୍ଚିଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ମହିଳାମାନେ କଳସରେ ପାଣି ଧରି ପୂଜା ମଣ୍ଡପ ନିକଟରେ ପହଞ୍ଚିଥିଲେ। ପରେ କଳସ ସ୍ଥାପନ କରାଯାଇଥିଲେ। ରବିବାର ସକାଳେ ମା' କାଳୀଙ୍କ ରୀତିନୀତି ଅନୁଯାୟୀ ପୂଜା କାର୍ଯ୍ୟ ଆରମ୍ଭ କରାଯିବ। ଏପରିକି ଦର୍ଶକଙ୍କ ମନୋରଞ୍ଜନ ପାଇଁ ସୋମବାର ଓ ମଙ୍ଗଳବାର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରିବାକୁ କମିଟି ପକ୍ଷରୁ କୁହାଯାଇଛି। ୩୦ ତାରିଖରେ ମା' କାଳୀଙ୍କ ଭସାଣୀ କାର୍ଯ୍ୟକ୍ରମ ରହିଛି। ପୂଜା କମିଟି ସଭାପତି ରଶ୍ମିରଞ୍ଜନ ମିଶ୍ର, ସମ୍ପାଦକ ରମେଶ ପୁଟେଲ, କୋଷାଧ୍ୟକ୍ଷ ଶମ୍ଭୁ ବିଶି ପ୍ରମୁଖ ପୂଜା କାର୍ଯ୍ୟର ନେତୃତ୍ୱ ନେଇଥିବା ବେଳେ କମିଟି ସଦସ୍ୟ ଅଶ୍ୱିନ ସାହୁ, ମନୋଜ ସେଠୀ, ରୁକେଶ ନାଏକ, ଦୀପକ ଦଲେଇ, ସତ୍ୟ ପଣ୍ଡା, ମଞ୍ଜିତ କୁମାର, ରୋହିତ ନାଏକ ପ୍ରମୁଖ ସହଯୋଗ କରୁଛନ୍ତି।

# ୪୮ଘଣ୍ଟା ପରେ ବି ପୋଲିସ ହାତ ଖାଲି

- ଅଭିଯୁକ୍ତଙ୍କୁ ୭ ଦିନ ମଧ୍ୟରେ ଗିରଫ ନ କଲେ ଗ୍ରାମବାସୀ ଆନ୍ଦୋଳନ କରିବେ

ସଇଁତଲା, ୨୬।୧୦ (ଡ଼ି.ଏନ.ଏ.)



ଘଟଣାସ୍ଥଳରେ ସଇଁତଲା ପୋଲିସର ଅନୁସନ୍ଧାନ।

**ବ୍ୟବସାୟୀଙ୍କ ଗଳାକାଟି ହତ୍ୟା ଘଟଣା**

ବଲାଙ୍ଗୀର ଜିଲା ସଇଁତଲା ଥାନା ଅନ୍ତର୍ଗତ ଧରବଗଡ଼ ଗ୍ରାମରେ ଗତ ଗୁରୁବାର ବିଳମ୍ବିତ ରାତ୍ରରେ ଘଟିଥିବା ହତ୍ୟାକାଣ୍ଡର ୪୮ଘଣ୍ଟା ବିତିଛି। ହେଲେ ଅଭିଯୁକ୍ତଙ୍କ ସମ୍ପର୍କରେ ପୋଲିସକୁ କୌଣସି ସୁରାକ ମିଳି ପାରିନାହିଁ। ଶନିବାର ସଇଁତଲା ଥାନା ଅଧିକାରୀ ବାରିଣୀ ଦାସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। ଧରବଗଡ଼ର ଗୌନ୍ତିଆ ପରିବାରର ସତ୍ୟନାରାୟଣ ପୁରୋହିତ(୫୨) ଗ୍ରାମର ମଧ୍ୟସ୍ଥଳରେ ଏକ ଦୋକାନ ଖୋଲିଥିଲେ । ଗୁରୁବାର ବିଳମ୍ବିତ ରାତ୍ରରେ କେକେକେ ଦୁର୍ବୃତ୍ତ ଦୋକାନ ଘରରେ ଶୋଇଥିବା ଅବସ୍ଥାରେ ସତ୍ୟନାରାୟଣଙ୍କ ଗଳାକାଟି ହତ୍ୟା କରିଥବା ତାଙ୍କ ବଡ଼ ଭାଇ ନୀଳାଞ୍ଚଳ ପୁରୋହିତ ସଇଁତଲା ଥାନାରେ ଅଭିଯୋଗ କରିଥିଲେ। ଶୁକ୍ରବାର ଟିଟିଲାଗଡ଼ ଏସଡ଼ିପିଓ ସୁରେନ୍ଦ୍ରନାଥ ଶତପଥୀ, ସଇଁତଲା ଥାନା ଅଧିକାରୀ ଦାସ, ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ଅନୁସନ୍ଧାନ କରିଥିଲେ । ସନ୍ଧାନୀ କୁକୁର ଘଟଣାସ୍ଥଳରୁ ବାହାରି ନିକଟରେ ଥିବା ମଦଭାଟି ପର୍ଯ୍ୟନ୍ତ ଯାଇ ଫେରି ଆସିଥିଲା। ତେବେ ପୋଲିସ ଘଟଣାସ୍ଥଳରୁ କିଛି ହିସାବ କାଗଜପତ୍ର ଏବଂ ଦୋକାନରେ ଭଙ୍ଗାଯାଇଥିବା ବାକ୍ସର ତାଲା ଜବତ କରିଛି । ଅନ୍ୟ ପକ୍ଷରେ ସନ୍ଧାନୀ କୁକୁର ଘଟଣାସ୍ଥଳରୁ ମଦଭାଟିକୁ ଯାଇ ଫେରିଆସିଥିଲା । ମଦ ଭାଟିରେ ଲାଗିଥିବା ସିସିଟିଭି ବନ୍ଦ ରହିଥିବାବେଳେ ଭାଟିର କେତେକ କର୍ମଚାରୀ ଦିନକ ପୂର୍ବରୁ ଚାଲିଯାଇଥିବା ଭାଟି ମ୍ୟାନେଜର ଅଶୋକ କୁମାର ଗୁପ୍ତା କହିଛନ୍ତି। ଆଗାମୀ ୭ଦିନ ମଧ୍ୟରେ ହତ୍ୟାକାରୀକୁ ଗିରଫ କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଧରବଗଡ଼ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ପ୍ରକାଶଯୋଗ୍ୟ ଯେ, କରମତଲା ଓ ଧରବଗଡ଼ ଗ୍ରାମ ପଞ୍ଚାୟତ ଅଞ୍ଚଳର ଲୋକେ ସତ୍ୟନାରାୟଣଙ୍କ ଦୋକାନ ଉପରେ ନିର୍ଭର କରୁଥିଲେ। ଅଭାବ ଅସୁବିଧା ସମୟରେ ସତ୍ୟଙ୍କ ନିକଟରେ ସୁନାଗହଣା ବନ୍ଧକ ରଖି ଟଙ୍କା କାରବାର କରୁଥିବା ସାଧାରଣରେ ଚର୍ଚ୍ଚା ହେଉଛି । ସେହିଭଳି ଦୋକାନରେ ଥିବା ଦୁଇଟି ବାକ୍ସକୁ ଦୁର୍ବୃତ୍ତ ଟଙ୍କା ପୁରୁଣା ହିସାବ କାଗଜପତ୍ର ନେଇଯାଇଥିବା ସାଧାରଣରେ ଆଲୋଚନା ହେଉଥିଲେ ମଧ୍ୟ ପୋଲିସକୁ ଦିଆଯାଇଥିବା ଅଭିଯୋଗରେ ଚୋରି ସମ୍ପର୍କରେ କୌଣସି କଥା ଉଲ୍ଲେଖ କରାଯାଇନାହିଁ । ମୃତକଙ୍କ ବଡ଼ଭାଇ ନୀଳାଞ୍ଚଳଙ୍କୁ ପଚାରିବାରୁ ସତ୍ୟ ଅବିବାହିତ ଥିଲେ ଏବଂ ଦୋକାନରେ ହିଁ ଏକାକୀ ରହୁଥିଲେ । ତେଣୁ ତାଙ୍କ ବ୍ୟବସାୟ ସମ୍ପର୍କରେ ଆମର କୌଣସି ଧାରଣା ନାହିଁ ବୋଲି କହିଛନ୍ତି।

# ଧନ୍ୱନ୍ତରୀ ଜୟନ୍ତୀ, ଆୟୁର୍ବେଦ ଦିବସ ସମାରୋହ

କେସିଙ୍ଗା,୨୬।୧୦ (ଡି.ଏନ.ଏ.)



ଧନ୍ୱନ୍ତରୀ ଜୟନ୍ତୀ, ଆୟୁର୍ବେଦ ଦିବସ ପାଳନ ସମାରୋହରେ ପୁସ୍ତକ ଉନ୍ମୋଚନ କରାଯାଉଛି ।

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ କିକିଆ ପଞ୍ଚାୟତ କଟାପଡାସ୍ଥିତ ଆମ୍ବ ବଗିଚାରେ ଧନ୍ୱନ୍ତରୀ ଜୟନ୍ତୀ ଏବଂ ଆୟୁର୍ବେଦ ଦିବସ ସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋରାଡବରା ପିଏଚ୍‌ସିର ମେଡିକାଲ ଅଫିସର ଡ. ରାଜେଶ କୁମାର ସାହୁ ଯୋଗ ଦେଇଥିଲେ। ମୁଖ୍ୟଅତିଥି ସାହୁ ଆୟୁର୍ବେଦ ଔଷଧର ବ୍ୟବହାର, ଔଷଧୀୟ ବୃକ୍ଷ ରୋପଣ ଏବଂ ଏହାର ରକ୍ଷଣାବେକ୍ଷଣ ସମ୍ପର୍କରେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଆୟୁର୍ବେଦ ଅନୁଭୂତ ପ୍ରୟୋଗ ରତ୍ନାବଳୀର ପ୍ରଥମ ଓ ଦ୍ୱିତୀୟ ଭାଗ ପୁସ୍ତକ ମୁଖ୍ୟଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲ। ଜିଲାସ୍ତରୀୟ ବୈଦ୍ୟ ସଂଯୋଜନା କମିଟି ସଭାପତି ଜଗବନ୍ଧୁ ମୁନି ସମାରୋହରେ ସଭାପତିତ୍ୱ କରିଥିଲେ। ସମାରୋହକୁ ମୃତ୍ୟୁଞ୍ଜୟ ବୈଦ୍ୟ ସଂଘ କିକିଆ ପକ୍ଷରୁ ପରିଚାଳିତ ହୋଇଥିଲା । ଦ୍ୱାରିକା ରଣା, ମୋହନ ନାଏକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଏଥିରେ ଜିଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ ବୈଦ୍ୟ ଯୋଗ ଦେଇଥିଲେ।

## ଫଟୋରେ ଖବର



ବଲାଙ୍ଗୀର-ତୁଷୁରା ମୁଖ୍ୟରାସ୍ତାର ମହିପୁର ଗ୍ରାମ ପାଖ ରାସ୍ତାକଡରେ ତମ୍ବୁ ପକାଇ ଅସ୍ଥାୟୀଭାବେ ରହୁଥିବା ଛତିଶଗଡ ରାଜ୍ୟ ବିଳାସପୁର ଜିଲା ମଟିୟାରୀର ୬ଟି ପରିବାର ସ୍ଥାନୀୟ ବଜାରରେ ବିକ୍ରି କରିବା ପାଇଁ ଝାଡୁ ତିଆରିରେ ବ୍ୟସ୍ତ।

# ଭୀମପାହାଡ଼ ମହୋତ୍ସବକୁ ବନ ବିଭାଗର ଅସହଯୋଗ ଅଭିଯୋଗ

ଦେଓଗାଁ, ୨୬।୧୦ (ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଭୀମଡୁଙ୍ଗୁରୀ ନିକଟସ୍ଥ ଭୀମପାହାଡରେ ୨୮ତାରିଖରୁ ତିନିଦିନ ଧରି ଅନୁଷ୍ଠିତ ହେବ ପଞ୍ଚମ ଭୀମପାହାଡ ମହୋତ୍ସବ ଓ ଗିରି ଗୋବର୍ଦ୍ଧନ ପୂଜା । ଚଳିତବର୍ଷ ରାଜ୍ୟ ସରକାର ଏହି ସ୍ଥଳକୁ ପର୍ଯ୍ୟଟନସ୍ଥଳର ମାନ୍ୟତା ଦେଇଥିବାରୁ ମହୋତ୍ସବ ଆୟୋଜନ ପାଇଁ ସ୍ଥାନୀୟ ବାସିନ୍ଦା ଅଧିକ ଉତ୍ସାହରେ ଲାଗି ପଡିଛନ୍ତି। ବର୍ତ୍ତମାନ ୨୪ପ୍ରହର ଓ ପୂଜା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ହେଲେ ଶନିବାର ବନ ବିଭାଗ ତରଫରୁ ନୂତନ ଭାବେ ନିର୍ମାଣ ହୋଇଥିବା ପର୍ଯ୍ୟଟକଙ୍କ ଆଶ୍ରୟଗୃହରେ ଥିବା ବିଦ୍ୟୁତ୍ ସଂଯୋଗକୁ ବିଚ୍ଛିନ୍ନ କରିଦେଇ ତାଲା ପକାଇ ଦିଆଯାଇଛି। ଏଥିସହ ଗଭୀର ନଳକୂପର ପାଣିକୁ ମଧ୍ୟ ବନ୍ଦ କରି ଦିଆଯାଇଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି । ଭୀମପାହାଡର ମଠାଧୀଶ ଗୌତମାନନ୍ଦ ଭାରତୀଙ୍କ ଅଭିଯୋଗ ଅନୁସାରେ ଜିଲା ଜଙ୍ଗଲ ଅଧିକାରୀଙ୍କୁ ବାରମ୍ବାର କହିବାପରେ ମଧ୍ୟ କର୍ଣ୍ଣପାତ କରୁ ନ ଥିବା ପରିତାପର ବିଷୟ । ଏପରି ଏକ ଯାତ୍ରା ତଥା ଜନସମାଗମ ପୂର୍ବରୁ ବିଦ୍ୟୁତ କାଟ ଓ ପାଣି ବନ୍ଦ କରିବା ଏକ ଦୁଃଖର ବିଷୟ ବୋଲି ସେ କହିଛନ୍ତି । ସମସ୍ୟାକୁ ନେଇ ବିଭାଗୀୟ ରେଞ୍ଜର ବିଜୟ କୁମାର ଖୁଣ୍ଟିଆଙ୍କୁ ଯୋଗାଯୋଗ କରିବାରୁ ବିଦ୍ୟୁତ ବିଲ ବଢ଼ିଯାଇଥିବା ବେଳେ କେତେକ ଲୋକ ହାତୀ ରହିଥିବା ଅଭିଯୋଗ କରିବାରୁ ସଂଯୋଗ କାଟିଛୁ ବୋଲି କହିଥିଲେ । ଏ ଦିଗରେ ଜିଲା ପ୍ରଶାସନ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି ।

# ପଞ୍ଚାୟତସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ: ରାଣିମୁଣ୍ଡା ଚାମ୍ପିୟନ

ସିନାପାଲି ୨୬।୧୦ (ଡି.ଏନ୍.ଏ.)

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଖରସେଲ ପଞ୍ଚାୟତ ଆନୁକୂଲ୍ୟରେ ସ୍ଥାନୀୟ ମହୁଲଗଛ ଖେଳପଡ଼ିଆରେ ଚାଲିଥିବା ପଞ୍ଚାୟତସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ଶନିବାର ଫାଇନାଲ ମ୍ୟାଚ ଭରୁଆମୁଣ୍ଡା ଏବଂ ରାଣିମୁଣ୍ଡା ମଧରେ ହୋଇଥିଲା। ରାଣିମୁଣ୍ଡା ୧-୦ ଗୋଲରେ ବିଜୟ ହୋଇ ଚାମ୍ପିୟନ ବିବେଚିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସିନାପାଲି ପଞ୍ଚାୟତ ସମିତି ଅଧକ୍ଷା ତପସ୍ୱିନୀ ମାଝି, ସମ୍ମାନିତ ଅତିଥି ସିନାପାଲି ପୋଲିସ ଏସ୍‌ଆଇ କୁଳମଣି ବୁରୁଦା, ଏସ୍‌ଆଇ ଶାହା, ସମାଜିକ କର୍ମୀ ଫରସରାମ ସା, ଖରସେଲ ସମିତି ସଭ୍ୟ ଲକ୍ଷ୍ମଣ ଭୋଇ, ସରପଞ୍ଚ ଭୂମିସୁତା ସା, ଗୋର୍ଲା ସରପଞ୍ଚ ଦିଲୀପ ମାଝୀ, ରାଣିମୁଣ୍ଡା ସରପଞ୍ଚ ଦେବବ୍ରତ ସୁପକାର, ପଞ୍ଚାନନ ଖମାରୀ, ବ୍ରଜନାଥ ବିଶି, ନାରାୟଣ ସା, ରୁଦ୍ରମାଧବ ସା, ନାଏବ ସରପଞ୍ଚ ଲକ୍ଷ୍ମଣ ବଞ୍ଜାରା ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅତିଥିମାନେ ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ୯ହଜାର ୯ଶହ ୯୯ ଟଙ୍କା ଏବଂ ରନର୍ସଅପ ଦଳକୁ ଟ୍ରଫି ସହ ୬ହଜାର ୯ଶହ ୯୯ ଟଙ୍କା ପୁରସ୍କୃତ କରିଥିଲେ। ଖେଳ ପରିଚାଳକ ଭାବେ ଠାକୁର ନାଗ ଦାୟିତ୍ୱ ତୁଲାଇଥିବା ବେଳେ ଲାଇନ୍ ମ୍ୟାନ ଭାବେ କୁଶଦେବ ମାଝି ଓ ତରୁଣ ଭୋଇ ସହଯୋଗ କରିଥିଲେ। ଗୋଲ ଜଜଭାବେ କୁମ୍ଭ ବାଗ ଓ ବିକ୍ରମ ମାଝି ଦାୟିତ୍ୱ ନିର୍ବାହ କରିଥିଲେ। ପୁରନ୍ଦର ସୁନାନୀ ଓ ତରୁଣ ସା ଧାରାବିବରଣୀ ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟରେ ୨୭ଟି ଦଳ ଅଂଶଗ୍ରହଣ କରିଥିଲା। ଟୁର୍ନାମେଣ୍ଟ ପରିଚାଳନାରେ ବବଲୁ ସାହୁ, ଚନ୍ଦ୍ରଶେଖର ମାଝି, ପରମାନନ୍ଦ ମାଝି, କୁଶଧ୍ୱଜ ମାଝି, ଗଣେଶ ସାହୁ, ଗଗନ ସାହୁ, ହେରାମ୍ବ ମାଝି, ମଧୁ ସା, ହିତେଶ ସା, ପ୍ରହ୍ଲାଦ ହୋତା ପ୍ରମୁଖ ସହଯୋଗ କରିଥିଲେ ।



ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ।

## ଦେଓଗାଁ ବ୍ଲକରେ ରାଶନ କାର୍ଡ ଦୁର୍ନୀତି

# ନୂତନ ପଡ଼ିକାର୍ଡ ପିଛା ୨୦ଟଙ୍କା ଆଦାୟ ଅଭିଯୋଗ

ଦେଓଗାଁ,୨୬।୧୦ (ଡି.ଏନ.ଏ.)




ବେଆଇନ ଭାବେ ଛପାଇ ହିତାଧିକାରୀଙ୍କୁ ଦିଆଯାଇଥିବା ନୂତନ ରାଶନ କାର୍ଡ।

ଖାଦ୍ୟ ସୁରକ୍ଷା ଆଇନରେ ସରକାର ସମସ୍ତ ହିତାଧିକାରୀଙ୍କୁ କେଜି ପ୍ରତି ଏକଟଙ୍କାରେ ଚାଉଳ ଦେବାର ବ୍ୟବସ୍ଥା କରିଛନ୍ତି । ଏଥିପାଇଁ ଚାଉଳ କେଜିପ୍ରତି ଟଙ୍କାଟେ ବ୍ୟତୀତ ଅନ୍ୟକୌଣସୀ ଟଙ୍କା ଦେବାର ସରକାରୀ ନିୟମ ନାହିଁ। ହେଲେ ଦେଓଗାଁ ବ୍ଲକରେ ତାର ଓଲଟା ନଜରକୁ ଆସିଛି । ଦେଓଗାଁ ବ୍ଲକ ୨୬ ପଞ୍ଚାୟତରେ ନୂତନ ପଡିକାର୍ଡ ଛପାଇ ହିତାଧିକାରୀଙ୍କଠାରୁ କାର୍ଡ ପ୍ରତି ୨୦ଟଙ୍କା ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି । ଏ ସଂକ୍ରାନ୍ତରେ ପଞ୍ଚାୟତ ମାନଙ୍କରେ ନିୟୋଜିତ ଯୋଗାଣ ସହାୟକମାନଙ୍କୁ ପଚରା ଯାଇଥିଲା। ବ୍ଲକ ତରଫରୁ ବଲାଙ୍ଗୀର ଏକ ଘରୋଇ ଛାପାକଳରେ ପ୍ରିଣ୍ଟିଂ କରାଯାଇ ଆମକୁ ୨୦ଟଙ୍କାରେ ବଣ୍ଟନ କରିବାପାଇଁ କୁହାଯିବାରୁ ଆମେ ହିତାଧିକାରୀଙ୍କଠାରୁ କାର୍ଡପ୍ରତି ୨୦ଟଙ୍କା ନେଇ ନୂତନକାର୍ଡ ଦେଉଛୁ ବୋଲି ସେମାନେ ମତରଖିଛନ୍ତି। ଅନ୍ୟପକ୍ଷେ କାର୍ଡଛାପି ଥିବା ବଲାଙ୍ଗୀରର ଜନୈକ ଛାପାଖାନା ମାଲିକଙ୍କୁ ପଚାରିବାରୁ ବ୍ଲକବାଲା ଆମକୁ ଛାପିବା ପାଇଁ ଅର୍ଡର ଦେବାରୁ ଆମେ ଛାପିଛୁ, ଆମର କଣଦୋଷ ବୋଲି କହିଥିଲେ । ଏଠାରେ କପିରାଇଟ ଆକ୍ଟର ଖୁଲମଖୁଲା ଉଲଙ୍ଘନ କରାଯିବା ସହ ବ୍ଲକର ୨୬ ପଞ୍ଚାୟତ ଅନ୍ତର୍ଗତ ୧୨୭ଖଣ୍ଡ ଗାଁର ହିତାଧିକାରୀଙ୍କଠୁ ଟଙ୍କା ଆଦାୟ କରିବାର ଏକ ମାଧ୍ୟମ ବୋଲି ସାଧାରଣରେ ଆଲୋଚନାର ବିଷୟ ପାଲଟିଛି।

ସୂଚନାନୁସାରେ ବଲାଙ୍ଗୀର ଜିଲାରେ ଦେଓଗାଁ ସମେତ ଅନେକ ବ୍ଲକରେ ଏଭଳି ନୂତନ ରାଶନକାର୍ଡ ଛପାଯାଇଥିବା ଅଭିଯୋଗ ହେଉଛି । ସରକାର ଲାମିନେସନ କାର୍ଡ ଦେବେ ବୋଲି ବିଭାଗୀୟ ଅଧିକାରୀମାନେ କହୁଥିବା ବେଳେ ହଠାତ ଏଭଳି କାର୍ଡ ଛପାଇ ହିତାଧିକାରୀଙ୍କଠାରୁ ଟଙ୍କା ଆଦାୟ କରିବା କେତେଦୂର ଠିକ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଦେଓଗାଁ ବ୍ଲକ ଯୋଗାଣ ନିରୀକ୍ଷକ ପ୍ରଭାତ କୁମାର ଦାଶଙ୍କୁ ପଚାରିବାରୁ ନିଜେ ଛପାଇ ଟଙ୍କା ଆଦାୟ କରି କାର୍ଡ ବଣ୍ଟନ କରିବା ପାଇଁ କୌଣସୀ ସରକାରୀ ନିର୍ଦ୍ଦେଶ ନାହିଁ । ପଞ୍ଚାୟତ କର୍ତ୍ତୃପକ୍ଷ ତାଙ୍କ ହିସାବରେ କାର୍ଡ ଛପାଉଛନ୍ତି। ସମସ୍ତ ହିତାଧିକାରୀଙ୍କ ସମାନ ଖାତା ରହିବ ଓ ସୁନ୍ଦର ଦେଖାଯିବ ବୋଲି ଏଭିଳି କରୁଛନ୍ତି ବୋଲି କହିଥିଲେ । କେତେକ ସରପଞ୍ଚଙ୍କ ମତ ନିଆଯିବାରୁ ବ୍ଲକରୁ ଯୋଗାଣ ବିଭାଗ ତରଫରୁ କାର୍ଡ ଛପାଇ ପ୍ରତି ପଞ୍ଚାୟତକୁ ଦିଆଯାଉଛି ଏବଂ ୨୦ ଟଙ୍କା ଆଦାୟ କରି କାର୍ଡ ଦେବାକୁ କହୁଥିବାରୁ ଏଭଳି କରାଯାଉଛି ବୋଲି କହିଛନ୍ତି। ଏ ଦିଗରେ ଜିଲା ପ୍ରଶାସନ ତରଫରୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ହିତାଧିକାରୀ ମହଲରେ ଦାବି ହେଉଛି ।



ମିଥ୍ୟା ଯେତେବେଳେ କାର୍ଯ୍ୟରେ ପରିଣତ ହୁଏ,
ସେତେବେଳେ ତାହାର ନାମ ହୋଇଥାଏ ଭୁଲ୍।
- ମାଇକେଲ ଲାଣ୍ଡନ୍

## ସଂକ୍ଷେପରେ

### ମୃତ୍ୟୁଞ୍ଜୟଙ୍କୁ କୋଳେଇ ନେଲେ ଇଟାଲୀୟ ଦମ୍ପତି

**ଧମା, ୨୬।୧୦ (ଡି.ଏନ.ଏ.)**- ମାନେଶ୍ୱର ବ୍ଲକ ବରଗାଁସ୍ଥିତ ରୁକ୍ମିଣୀ ଲାଠ ବାଳାଶ୍ରମରୁ ଇଟାଲୀର ଏକ ନିଃସନ୍ତାନ ଦମ୍ପତି ଜଣେ ଶିଶୁଙ୍କୁ ପୌଷ୍ୟ ସନ୍ତାନ ଭାବେ ଗ୍ରହଣ କରିଛନ୍ତି । ଇଟାଲୀର ଆନ୍ଦ୍ରା ମାର୍ଲିକେଟ ଏବଂ ସ୍ତ୍ରୀ ଏଲିନା ପିୟା ଏଠାରୁ ପୌଷ୍ୟସନ୍ତାନ ଗ୍ରହଣ ପାଇଁ ଆବେଦନ କରିଥିଲେ। ସମସ୍ତ ସରକାରୀ ଔପଚାରିକତା ସଂପୂର୍ଣ୍ଣ ହେବା ପରେ ଶନିବାର ବାଳ ନିକେତନ ପରିସରରେ ସମ୍ବଲପୁର ଉପଜିଲାପାଳଙ୍କ ଉପସ୍ଥିତିରେ ୨ବର୍ଷର ଶିଶୁ ମୃତ୍ୟୁଞ୍ଜୟଙ୍କୁ ତାଙ୍କୁ ହସ୍ତାନ୍ତର କରାଯାଇଛି। ଏହି ଅବସରରେ ଅଧକ୍ଷା ନଳିନି ପ୍ରଧାନ, ସମ୍ପାଦକ ରାଧେକୃଷ୍ଣ ପଣ୍ଡା, ଜୀବର୍ଦ୍ଧନ ଭୋଇ, ସଦସ୍ୟ ସଂଗ୍ରାମ ପଧାନ, ହେମନ୍ତ ପଧାନ ଓ ଇତିକାନ୍ତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏହି ବାଳାଶ୍ରମରୁ ୧୦୧ ଶିଶୁ ଏବେ ପର୍ଯ୍ୟନ୍ତ ପୌଷ୍ୟ ସନ୍ତାନ ହୋଇ ସାରିଲେଣି। ମୃତ୍ୟୁଞ୍ଜୟଙ୍କୁ ମିଶାଇ ଏଠାରୁ ବିଦେଶକୁ ୧୩ ଜଣ ପୌଷ୍ୟ ସନ୍ତାନ ଗଲେଣି।

### ଜୁନାଗଡ଼ ରେଞ୍ଜ ଘନା ସଂରକ୍ଷିତ ଜଙ୍ଗଲ

# ବୃକ୍ଷରୋପଣ ନାଁରେ ବ୍ୟାପକ ଅନିୟମିତତା

**ଜୁନାଗଡ, ୨୬।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ରେଞ୍ଜ ବନମାଳିପୁର ନିକଟସ୍ଥ ଘନା ସଂରକ୍ଷିତ ଜଙ୍ଗଲରେ ଚଳିତବର୍ଷ କାମ୍ପା ଯୋଜନାରେ ବୃକ୍ଷରୋପଣ କରାଯାଇଥିଲା। ତେବେ ଏହି ବୃକ୍ଷ ରୋପଣ ଯୋଜନାରେ ବ୍ୟାପକ ହରିଲୁଟ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଯୋଜନାରେ ଲଗାଯାଇଥିବା ଗଛଗୁଡିକ ମଧ୍ୟରୁ ଏବେ କାଁ ଭାଁ କେତୋଟି ଗଛ ଦେଖିବାକୁ ମିଳୁଛି। ଅଧିକାଂଶ ଗଛ ଆଉ ନାହିଁ। ଅନେକ ଖୋଲାସ୍ଥାନରେ ମଧ୍ୟ ଗଛ ଲଗାଯାଇନାହିଁ। କେତେ ଗଛ ଲଗାଯାଇଛି ତାହା ସମ୍ପର୍କରେ ବନବିଭାଗ କର୍ମଚାରୀଙ୍କୁ ପଚାରିବାରୁ ତାଙ୍କ କଥାରେ ମଧ୍ୟ ତାଳମେଳ ରହୁନାହିଁ। ଏଠାରେ କାର୍ଯ୍ୟରତ ବନବିଭାଗ ଫରେଷ୍ଟର ଜୟଦେବ ମାଝି ୧୦ ହଜାର ଗଛ ଲଗାଯାଇଥିବା କହୁଥିବା ବେଳେ ଗାର୍ଡ ଉମାକାନ୍ତ ପାଣିଗ୍ରାହୀ ୨୦ ହଜାର ଗଛ ଲଗାଯାଇଥିବା କହନ୍ତି। ବାସ୍ତବିକ କେତେ ଗଛ ଲାଗିଥିଲା ଓ ଏଥିପାଇଁ କେତେ ଟଙ୍କା ଖର୍ଚ୍ଚ ହୋଇଛି ତାହା ଏଠାରେ ପ୍ରଶ୍ନବାଚୀ। ସେହିପରି ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଏଠାରେ ସୂଚନାଫଳକ ଲଗାଯିବା କଥା। ତେବେ ତଥ୍ୟ ଲେଖିଲେ ଧରାପଡିଯିବା ଭୟରେ ସୂଚନାଫଳକ ପୂର୍ବରୁ ଭାଙ୍ଗି ଯିବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ଜଙ୍ଗଲ ଆରମ୍ଭରେ(ରାସ୍ତା କଡରେ) କାଁ ଭାଁ କିଛି ଗଛ ଲଗାଯାଇଥିବା ବେଳେ ମଝିରେ ଆଦୌ ଗଛ ଲଗାଯାଇନାହିଁ। ଯାହାକି ଖୋଲା ଥିବା ସ୍ଥାନ ପ୍ରମାଣିତ କରୁଛି। ସେହିପରି ରକ୍ଷଣାବେକ୍ଷଣ ଅଭାବରୁ କେତେକ ଗଛ ଶୁଖିଯାଇ ନଷ୍ଟ ହେବାକୁ ବସିଛି। ଏଠାରେ ବନବିଭାଗ ବୃକ୍ଷରୋପଣ ନାରେ ଅର୍ଥ ଲୁଟ କରିବା ସେମାନଙ୍କ ଜଙ୍ଗଲ ସୁରକ୍ଷା ପ୍ରତି କେତେ ଦରଦ ଅଛି ତାହା ବୁଝାପଡୁଛି। ଏହାର ଏକ ଭିଜିଲାନ୍ସ ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ଦକ୍ଷିଣ ବନଖଣ୍ଡ ଅଧିକାରୀ ଟି. ଅଶୋକ କୁମାରଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।



ରକ୍ଷଣାବେକ୍ଷଣ ଅଭାବରୁ ଗଛ ଶୁଖି ନଷ୍ଟ ହେବାକୁ ବସିଛି (ବାମ)। ଖୋଲା ଥିବା ସ୍ଥାନରେ ଆବଶ୍ୟକ ଗଛ ନାହିଁ (ମଝି)। ସୂଚନାଫଳକ ତଥ୍ୟ ଲେଖାହେବା ପୂର୍ବରୁ ଭାଙ୍ଗିଯାଇଛି।

- ବନ କର୍ମଚାରୀଙ୍କ କଥାରେ ତାଳମେଳ ରହୁନାହିଁ
- ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟହେବାକୁ ବସିଛି ଗଛ
- ଭିଜିଲାନ୍ସ ତଦନ୍ତ ଦାବି

# ଅଗ୍ନିକାଣ୍ଡ ଘଟି ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ନଷ୍ଟ

**ବୋଡେନ,୨୬।୧୦ (ଡି.ଏନ୍.ଏ.)**

ନୂଆପଡ଼ା ଜିଲା ବୋଡେନ ସହରସ୍ଥିତ ଏକ ପାନଦୋକାନରେ ଶୁକ୍ରବାର ନିଆଁ ଲାଗି ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ପୋଡି ନଷ୍ଟ ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ମୁତାବକ, ଶୁକ୍ରବାର ରାତି ପ୍ରାୟ ୧୧ଟା ବେଳେ ପାନ ଦୋକାନରୁ ଧୂଆଁ ବାହାରୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏନେଇ ପାନ ଦୋକାନୀ ମାଧବ ମେହେରଙ୍କୁ ଖବର ଦେଇଥିଲେ। ମାଧବ ତୁରନ୍ତ ଦୋକାନରେ ପହଞ୍ଚି ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳ ବାହିନୀ ନିଆଁକୁ ଆୟତ୍ତ କରିଥିଲେ। ହେଲେ ଦୋକାନରେ ଥିବା ୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ପୋଡି ନଷ୍ଟ ହୋଇଯାଇଥିବା ମାଧବ ପ୍ରକାଶ କରିଛନ୍ତି। ବୋଡେନ ଥାନା ପୋଲିସ ସ୍ଥାନୀୟ ଦୋକାନରେ ଲାଗିଥିବା ସିସି ଟିଭି ଫୁଟେଜକୁ ଆଧାର କରି ଘଟଣାର ତଦନ୍ତ ଚାଲିଥିବା ଆଇଆଇସି ସରୋଜ କୁମାର ମଲ୍ଲିକ କହିଛନ୍ତି। ଅନ୍ୟପକ୍ଷେ ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇ ନାହିଁ।




ଦୋକାନରେ ନିଆଁ ଲାଗି ପୋଡ଼ିଯାଇଥିବା ବିଭିନ୍ନ ସାମଗ୍ରୀ।

### କାଲୋପଲା ପଞ୍ଚାୟତ ଜମି ହେରଫେର ଅଭିଯୋଗ

# ଜିଲାପାଳଙ୍କୁ ହାଇକୋର୍ଟଙ୍କ ତଦନ୍ତ ନିର୍ଦ୍ଦେଶ

**ଜୁନାଗଡ,୨୬।୧୦ (ଡି.ଏନ୍.ଏ)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅଧୀନ କାଲୋପଲା ପଞ୍ଚାୟତ କାର୍ଯ୍ୟାଳୟର ଜମି ହେରଫେର ହୋଇଥିବା ଅଭିଯୋଗ ହୋଇଛି। ଓଡ଼ିଶା ହାଇକୋର୍ଟ ଘଟଣାର ହସ୍ତକ୍ଷେପ କରି କଳାହାଣ୍ଡି ଜିଲାପାଳଙ୍କୁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ମିଳିଥିବା ସୂଚନା ମୁତାବକ, ୧୯୯୨ରେ ମହିଚଲା ପଞ୍ଚାୟତରୁ ଅଲଗା ହୋଇ କାଲୋପଲା ପଞ୍ଚାୟତ ଭାବେ ମାନ୍ୟତା ପାଇଥିଲା। କାଲୋପଲା ପଞ୍ଚାୟତ କାଲୋପଲା ଓ ଦେଉଣ୍ଡି ଗାଁକୁ ନେଇ ଗଠିତ। ପଞ୍ଚାୟତ ମୁଖ୍ୟ କାର୍ଯ୍ୟାଳୟ କାଲୋପଲା ଗ୍ରାମରେ ସ୍ଥାପନ କରିବା ପାଇଁ ଚୟନ କରାଯାଇଥିଲା। ଜନସାଧାରଣଙ୍କ ଅନୁରୋଧକ୍ରମେ ଗ୍ରାମର ସକୁନ୍ତଳ ଗଉଡଙ୍କ ଖାତା ନଂ.୯୩ ଏବଂ ପ୍ଲଟ ନଂ.୫୧୦ ରକବା ମୋଟ ୧୩ ଡିସିମିଲ ଜମିରୁ ୮ ଡିସିମିଲ ଜମି ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ କରିବା ପାଇଁ ଦାନପତ୍ର ପଞ୍ଜୀକରଣ ସଂଖ୍ୟା ୧୪୮୪/୯୨ ଅନୁଯାୟୀ ଉପଖଣ୍ଡ ପଞ୍ଚାୟତ ଅଧିକାରୀଙ୍କ ନାମରେ ହସ୍ତାନ୍ତର କରିଥିଲେ। ହେଲେ ଜମି ସଂକ୍ରାନ୍ତୀୟ କାଗଜାତ ବର୍ତ୍ତମାନ ପଞ୍ଚାୟତ କାର୍ଯ୍ୟାଳୟରେ ନ ଥିବା ଜଣାପଡିଛି। ଏନେଇ ବର୍ତ୍ତମାନର କାଲୋପଲା ସମିତିସଭ୍ୟ ସତ୍ୟନାରାୟଣ ବେହେରା ସୂଚନା ଅଧିକାର ଆଇନରେ ପଞ୍ଚାୟତ କାର୍ଯ୍ୟାଳୟର ସ୍ଥିତାବସ୍ଥା ଜାଣିବା ପାଇଁ ଧର୍ମଗଡ଼ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ଲୋକ ସୂଚନା ଅଧିକାରୀ ଏ ସମ୍ପର୍କରେ ଉପଖଣ୍ଡ ପଞ୍ଚାୟତ ଅଧିକାରୀଙ୍କ କାର୍ଯ୍ୟାଳୟରେ କୌଣସି କାଗଜାତ ନ ଥିବା ୨୦୧୪ ଡିସେମ୍ବର ୫ରେ ଲିଖିତ ଭାବେ ଜଣାଇଥିଲେ। ପରେ ସମିତିସଭ୍ୟ ବେହେରା ଧର୍ମଗଡ ଉପନିବନ୍ଧକଙ୍କ ପାଖରେ ସୂଚନା ପାଇଁ ଆବେଦନ କରିବାରୁ କାର୍ଯ୍ୟାଳୟ ପତ୍ରାଙ୍କ ୯୨୮/୨୪.୧୦.୨୦୧୭ରେ କାଲୋପଲା ଗ୍ରାମର ଖାତା ସଂଖ୍ୟା ୯୩ର ପ୍ଲଟ ନଂ.୫୦୯ ରକବା ୮ ଡିସିମିଲ ଜମି ଧର୍ମଗଡ଼ ଉପଖଣ୍ଡ ପଞ୍ଚାୟତ ଅଧିକାରୀଙ୍କ ନାମରେ ହସ୍ତାନ୍ତର କରାଯାଇଥିବା ସମ୍ପର୍କରେ ସଂଶୋଧିତ ପଞ୍ଜୀକରଣ ଦଲିଲ ୧୭୩/୨୮.୧.୨୦୦୨ରେ ସମ୍ପାଦିତ ହୋଇଥିବା ଜଣାଇଛନ୍ତି। ଏଥିସହିତ ୫୧୦ ନଂ ପ୍ଲଟରୁ ପଞ୍ଜୀକରଣ ସଂଖ୍ୟା ୧୭୪/୨୮.୧.୨୦୦୨ରେ ୯ ଡିସିମିଲ ଓ ପଞ୍ଜୀକରଣ ସଂଖ୍ୟା ୨୭୧/୭.୨.୨୦୦୫ରେ ୪ ଡିସିମିଲ ଜମି ବିକ୍ରି ହୋଇଥିବା ଜଣାପଡିଛି। ସେହିପରି ୫୧୦ନଂ ପ୍ଲଟର ୧୦ ଡିସିମିଲ ମଧ୍ୟରୁ ପଞ୍ଜୀକରଣ ସଂଖ୍ୟା ୨୨୫୭/୨୬.୧୨.୧୯୯୬ରେ ୩ ଡିସିମିଲ ଓ ୪୨୬/୨୬.୧୨.୧୯୯୭ରେ ୩ ଡିସିମିଲ ଜମି ପୁନଃ ବିକ୍ରି କରାଯାଇଥିବା ତଥ୍ୟ ସୂଚନା ମିଳିଛି। ସମୁଦାୟ ୧୦ ଡିସିମିଲ ଜମି ମଧ୍ୟରୁ ସଂଶୋଧିତ ପଞ୍ଜୀକରଣ ଦଲିଲରେ କାଲୋପଲା ପଞ୍ଚାୟତକୁ ୮ ଡିସମିଲ ଓ ୩ ଡିସିମିଲ ଲେଖାଁଏ ୨ ଥର ବିକ୍ରି ହୋଇଥିବା ଜାଣିବା ପରେ ଜମି ହେରଫେର ହୋଇଥିବା ସନ୍ଦେହ ପ୍ରକାଶ ପାଇଥିଲା। ଅନ୍ୟପକ୍ଷେ, ଉପଖଣ୍ଡ ପଞ୍ଚାୟତ ଅଧିକାରୀଙ୍କ ନାମରେ କାଲୋପଲା ପଞ୍ଚାୟତ କାର୍ଯ୍ୟାଳୟ ପାଇଁ ଉଦ୍ଦିଷ୍ଟ ଜମି ହସ୍ତାନ୍ତର ହୋଇଥିଲେ ସୁଦ୍ଧା କାର୍ଯ୍ୟାଳୟରେ ଉକ୍ତ ଜମି ସଂକ୍ରାନ୍ତୀୟ ଦଲିଲ ନ ଥିବା ବିଷୟ ଜମି ହେରଫେରକୁ ସନ୍ଦେହରେ ପ୍ରମାଣିତ କରିଥିଲା। ଏ ନେଇ ସମିତିସଭ୍ୟ ବେହେରା ଜିଲା ପ୍ରଶାସନ ସମେତ ସମସ୍ତ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ପାଇ ନ ଥିଲେ। ଫଳରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଡବ୍ଲ୍ୟୁପିସି ୧୫୬୭୯/୨୦୧୯ରେ ଉକ୍ତ ମାମଲାକୁ ଗ୍ରହଣ କରି କଳାହାଣ୍ଡି ଜିଲାପାଳଙ୍କୁ ଉକ୍ତ ଜମି ହେରଫେର ସଂକ୍ରାନ୍ତରେ ୪ମାସ ମଧ୍ୟରେ ତଦନ୍ତ କରି ଅଦାଲତକୁ ଜଣାଇବା ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

### ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ

# ପ୍ରତିଯୋଗିତା ମନୋଭାବ ଆଗକୁ ବଢ଼ିବାରେ ସହାୟକ ହେବ

**କର୍ଲାମୁଣ୍ଡା,୨୬।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରସ୍ଥିତ ନୋଡାଲ ଉପ୍ରା ବିଦ୍ୟାଳୟ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଲୁମାଲୁ ଭୀମରାଜ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ବ୍ଲକର ବିଭିନ୍ନ କ୍ଲଷ୍ଟରରେ ହୋଇଥିବା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ନେଇ ସଙ୍ଗୀତ, ବକ୍ତୃତା, ଚିତ୍ରାଙ୍କନ, ନୃତ୍ୟ, କୁଇଜ୍ ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପୁରସ୍କାର ବିତରଣ ସଭାରେ ବିଇଓ ଆଲୁମାଲୁ ଭୀମରାଜଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ବିଡିଓ ପ୍ରିୟଦର୍ଶିନୀ ମିର୍ଦ୍ଧା, ମୁଖ୍ୟବକ୍ତା ଭାବେ ଗଜବାହାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ବିଜୟ କୁମାର ପୁରୋହିତ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ଅମ୍ରିତା ସାହୁ, ଏବିଇଓ ରାଧାମୋହନ ପାଢୀ, ଖବରଦାତା ନରୋତ୍ତମ ସେଲମା, ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଆଗକୁ ବଢିବାରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଉଜ୍ଜ୍ୱଳ କୁମାର ସାହୁ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ପ୍ରତିଯୋଗିତାରେ ବିଚାରକ ଭାବେ ଅଶୋକ କୁମାର ତ୍ରିପାଠୀ, ଜୟନ୍ତ ପଣ୍ଡା, ମାର୍କଣ୍ଡ ପାଢୀ, ବାବୁଲି ପରିଡ଼ା, ଗରୁଡଧ୍ୱଜ ଗହୀର ପ୍ରମୁଖ ରହିଥିଲେ। ରିଟନ ନାଗ, ବାସୁଦେବ ପଣ୍ଡା, ଅନ୍ତର୍ଯ୍ୟାମୀ ମଲ୍ଲିକ, ପ୍ରସନ୍ନ ସାହୁ, ପବିତ୍ର ଲେଙ୍କା, କମଳ କୁମାର, ଅଭିମନ୍ୟୁ ରଣା, କ୍ଷୀରୋଦ ବଡମାଳୀ, ମଧୁସୂଦନ ଧରୁଆ, ପ୍ରଶାନ୍ତ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସିଆର୍‌ସିସି ସୋମନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଉଦ୍‌ବୋଧନ ଦେଉଛନ୍ତି।

# ଅନୁସୂଚିତ ଜାତି ବିକାଶ ପରିଷଦର କର୍ମକର୍ତ୍ତା ଚୟନ

**କଲମପୁର,୨୬।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କଲମପୁର ବ୍ଲକ ଅନୁସୂଚିତ ଜାତି ବିକାଶ ପରିଷଦ ପକ୍ଷରୁ ଶନିବାର କଲମପୁର ମଣ୍ଡିଠାରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସୂଚନା ମୁତାବକ, ୨୦୧୪ ନଭେମ୍ବର ୯ ତାରିଖରେ ଅନୁସୂଚୀତ ଜାତି ବିକାଶ ପରିଷଦର ପ୍ରଥମ ପଞ୍ଚ ବାର୍ଷିକ କର୍ମକର୍ତ୍ତା ଚୟନ କରାଯାଇଥିଲା । କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ଶେଷ ହୋଇଥିବା ବେଳେ ଶନିବାର ଦ୍ୱିତୀୟ ପଞ୍ଚ ବାର୍ଷିକ କର୍ମକର୍ତ୍ତା ଚୟନ କରାଯାଇଥିଲା। ଅନୁସୂଚିତ ଜାତି ବିକାଶ ପରିଷଦର ନୂତନ ସଭାପତି ଭାବେ ଲିମେଶ୍ୱର ବାଗ, ଉପସଭାପତି ଶ୍ରୀକାନ୍ତ ଛତ୍ରିଆ ଏବଂ ବଂଶିଧର ନାଗ, ସମ୍ପାଦକ ବଳରାମ ଛତ୍ରିଆ, ସହସମ୍ପାଦକ ଗଣେଶ ରାମ ବାଗ ଏବଂ କୋଷାଧକ୍ଷ ଭାବ ପୂର୍ଣ୍ଣଚନ୍ଦ୍ର ଛତ୍ରିଆଙ୍କୁ ମନୋନୀତ କରାଯାଇଛି। ଅନୁସୂଚୀତ ଜାତି ବିକାଶ ପରିଷଦର ଉପଦେଷ୍ଟା ଭାବେ ପୂର୍ବତନ ସଭାପତି କୃଷ୍ଣଚନ୍ଦ୍ର ନିଆଁଲ, ଶିକ୍ଷାବିତ ଶତ୍ରୁଘ୍ନ ବାଗ, ରାଏଧର ଧଙ୍ଗଡାମାଝି, ଟଙ୍କଧର ନାଏକ, ଭୁକୁଲୁ ବାଗ, ଉର୍ଗେସେନ ନାଏକ, ସେନାପତି ନାଏକ, ଗୌରଚନ୍ଦ୍ର ଦୁର୍ଗା, ଗୋବିନ୍ଦ କୁମାର, ବିରଞ୍ଚି ଛତ୍ରିଆ, ଡମ୍ବରୁଧର ଦୁର୍ଗା, ଲୋଚନ ନାଗ, ଚକ୍ରଧର ନାଏକ, ପ୍ରଭାତ ଦୁର୍ଗା, ବିଷ୍ଣୁଚରଣ ବାଗ, ଆସିଶ ନାଗ, ଆଶାରାମ ଛତ୍ରିଆ, ସୁମତି ଛତ୍ରିଆ, ରଞ୍ଜିତା ନାଏକ, ଯମୁନା କୁମାର, ରୁନି ନାଗ ପ୍ରମୁଖ ମନୋନିତ ହୋଇଛନ୍ତି। ଏହି ଅବସରରେ ନୂତନ କର୍ମକର୍ତ୍ତା ଆମ୍ବେଡ୍‌କରଙ୍କ ପ୍ରତିମୂର୍ତ୍ତି ନିକଟରେ ଶପଥ ପାଠ କରିଥିଲେ । ସଭାରେ ବଳରାମ ଦୁର୍ଗା ମଞ୍ଚ ପରିଚାଳନା କରିଥିବା ବେଳେ ସେନାପତି ନାଏକ ଧନ୍ୟବାଦ ଜ୍ଞାପନ କରିଥିଲେ । କର୍ମକର୍ତ୍ତା ଚୟନରେ କଲମପୁର ବ୍ଲକର ବିଭିନ୍ନ ଗ୍ରାମରଜନଦସାଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ଅତିଥିଙ୍କ ସହ ଅନୁସୂଚିତ ଜାତି ବିକାଶ ପରିଷଦର ନୂତନ କର୍ମକର୍ତ୍ତା।

# ଛୋରିଆଗଡ଼ ନକ୍‌ଆଉଟ୍ ଫୁଟବଲ: ଅରେବେଡ଼ା ଚାମ୍ପିୟନ

**ଜୁନାଗଡ଼,୨୬।୧୦(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଛୋରିଆଗଡ଼ରେ ୨୦ତାରିଖରୁ ଚାଲିଥିବା ୪୫ତମ ନକ୍‌ଆଉଟ୍ ଫୁଟବଲ ଟୁର୍ନାମେଣ୍ଟ ଶନିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଅରେବେଡା ଓ ତରାପୁର କର୍ଲାକୋଟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅରେବେଡା ଦଳ ପେନାଲ୍‌ଟି ଶୁଟଆଉଟ୍‌ରେ ବିଜୟୀ ହୋଇ ଟୁର୍ନାମେଣ୍ଟର ଚାମ୍ପିୟନ ବିବେଚିତ ହୋଇଥିଲା। ବୁଲୁ ବେହେରୁକ, ତାପସ ଦାସ, ସୁଶାନ୍ତ ପ୍ରଧାନ ପ୍ରମୁଖ ଫାଇନାଲ ମ୍ୟାଚ ପରିଚାଳନା କରିଥିଲେ। ଛୋରିଆଗଡ଼ ମା’ ଲଙ୍କେଶ୍ୱରୀ ଆଥଲେଟିକ ଆଶୋସିଏଶନ ପକ୍ଷରୁ ଟୁର୍ନାମେଣ୍ଟ ଆୟୋଜନ କରାଯାଇଥିଲା।

ଆସୋସିଏଶନ ସଭାପତି ସୁଦାନ ମଟେଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟ ଶଙ୍କର ମିଶ୍ର ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ କର୍ତ୍ତବ୍ୟର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଶୋକ ପଟ୍ଟନାୟକ, ପୂର୍ବତନ ପୌରାଧକ୍ଷ ଆଦିତ୍ୟ ପ୍ରସାଦ ନନ୍ଦ, ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ତୁଲେଶ୍ୱର ନାଏକ, ପୂର୍ବତନ ଏନ୍‌ଏସି ଅଧକ୍ଷ ମହେଶ ସାହୁ, ବିଜେଡି ଜିଲା ସଭାନେତ୍ରୀ କଲ୍ୟାଣୀ ନାଏକ, ବିଜେଡି ବ୍ଲକ ସଭାପତି ପ୍ରମୋଦ ବେହେରା, ଜୁନାଗଡ ବ୍ଲକ ସରପଞ୍ଚ ସଂଘ ସଭାପତି ଅଜୟ ବେହେରା, ଜିଲା କୃଷକ ମୋର୍ଚ୍ଚା ସଭାପତି ଦିଲୀପ ଠାକୁର, ସ୍ଥାନୀୟ ସମିତିସଭ୍ୟ ପ୍ରେମଲାଲ ନାଏକ, ପୂର୍ବତନ ସରପଞ୍ଚ ଧବଳେଶ୍ୱର ମାଝି, ନକଟିଗୁଡା ସମିତିସଭ୍ୟ ବିକାଶ ରଞ୍ଜନ ସରାଫ, ସୁଧାଂଶୁ ଗୁରୁ, ଦିନେଶ ବରର୍ତ୍ତୀ, ପ୍ରଦ୍ୟୁମ୍ନ ରାଉତ, ସାମାଜିକ କର୍ମୀ ସନ୍ତରାମ ନାଏକ ପ୍ରମୁଖ ଉପସ୍ଥିତ ରହି ଚାମ୍ପିୟନ ଏବଂ ରନର୍ସଅପ ଦଳକୁ ପୁରସ୍କୃତ କରିଥିଲେ। ପୂର୍ବତନ ସରପଞ୍ଚ ବିରେନ୍ଦ୍ର ବେହେରୁକ ମଞ୍ଚ ପରିଚାଳନା କରିଥିବା ବେଳେ ବୃଷଭ ଧଙ୍ଗଡାମାଝି ଧନ୍ୟବାଦ ଜ୍ଞାପନ କରିଥିଲେ। ସୁଜିତ କୁମାର ରଥ, ଚକ୍ର ନାଏକ, ବିକ୍ରମ ଦଣ୍ଡସେନା, ମନମୋହନ ବେହେରୁକ, ସଞ୍ଜୟ ବେହେରୁକ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ। ଟୁର୍ନାମେଣ୍ଟରେ ଅଞ୍ଚଳର ୧୬ଟି ଦଳ ଅଂଶ ଗ୍ରହଣ କରିଥିଲେ।



ଛୋରିଆଗଡ଼ ନକ୍‌ଆଉଟ୍ ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ମନ୍ତ୍ରୀ କ୍ୟାପଟେନ ମିଶ୍ରଙ୍କ ସହ ଅନ୍ୟମାନେ।

# ଚାଷୀଙ୍କୁ ଦାଉ ସାଧୁଛି ରୋଗପୋକ, ବର୍ଷା

**ଭବାନୀପାଟଣା,୨୬।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲାରେ ପ୍ରାକୃତିକ ବିପର୍ଯ୍ୟୟ ଚାଷୀଙ୍କ ପିଛା ଛାଡୁନାହିଁ। ପ୍ରଥମେ ବନ୍ୟା ପରେ ରୋଗପୋକ ଓ ବର୍ତ୍ତମାନ ଧାନ ଅମଳ ହେବା ଉପରେ ଥିବା ବେଳେ ଲଘୁଚାପ ବର୍ଷା ଚାଷୀଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି।

ଭବାନୀପାଟଣା ବ୍ଲକରେ ୧୧ ମି.ମି., କେସିଙ୍ଗା ବ୍ଲକରେ ୧୩ ମି.ମି., କର୍ଲାମୁଣ୍ଡା ବ୍ଲକରେ ୧୭.୨ ମି.ମି., ମଦନପୁର ରାମପୁର ବ୍ଲକରେ ୧୨ ମି.ମି., ନର୍ଲା ବ୍ଲକରେ ୧୩ ମି.ମି., ଲାଞ୍ଜିଗଡ ବ୍ଲକରେ ୨୧.୪ ମି.ମି., ଥୁଆମୂଳ ରାମପୁର ବ୍ଲକରେ ୧୦ ମି.ମି., ଧର୍ମଗଡ ବ୍ଲକରେ ୧ ମି.ମି., ଜୁନାଗଡ ବ୍ଲକରେ ୩.୮ ମି.ମି. ଓ କୋକସରା ବ୍ଲକରେ ୧.୩ ମି.ମି. ବର୍ଷା ହୋଇଥିବା ଗୁରୁବାର ସକାଳ ୮ଟାରେ ସରକାରୀ ଭାବେ ରେକର୍ଡ କରାଯାଇଛି। ବର୍ତ୍ତମାନ ମଧ୍ୟ ଝିପିଝିପି ବର୍ଷା ଲାଗି ରହିଥିବାରୁ ଚାଷୀମାନେ ଅଡୁଆରେ ପଡିଛନ୍ତି। ବନ୍ୟା ଯୋଗୁ ଧାନଚାଷ ବହୁଳ ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ଏହା ପରେ ଉଭୟ କପା ଓ ଧାନ ଫସଲରେ ବିଭିନ୍ନ ରୋଗପୋକ ଯୋଗୁ ଚାଷ କ୍ଷତିଗ୍ରସ୍ତ ହୋଇଥିଲା। ବର୍ତ୍ତମାନ ଧାନ ଅମଳ ହେବା ଉପରେ ଥିବା ବେଳେ ଏହି ବର୍ଷା ଚାଷୀଙ୍କ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇଛି। ଖରିଫ ଋତୁରେ କଳାହାଣ୍ଡି ଜିଲାରେ ପ୍ରାୟ ୨ ଲକ୍ଷ ୧୩ ହଜାର ହେକ୍ଟର ଜମିରେ ଧାନ ଚାଷ ହୋଇଥିବା ବେଳେ ୯୬ ଲକ୍ଷ କୁଇଣ୍ଟାଲ ଧାନ ଉତ୍ପାଦନ ଲକ୍ଷ୍ୟ ଧାର୍ଯ୍ୟ ରହିଛି। ସେହିଭଳି ଜିଲାରେ ୬୦ ହଜାର ହେକ୍ଟରରେ କପା ଚାଷ ହୋଇଛି। ଇନ୍ଦ୍ରାବତୀ ଆୟକଟ ଅଞ୍ଚଳର ଜୟପାଟଣା, କଲମପୁର, ଧର୍ମଗଡ, ଜୁନାଗଡ ସମେତ ଜିଲାର ପ୍ରାୟ ୪୦ ହଜାର ହେକ୍ଟର ଜମିରେ କାଣ୍ଡବିନ୍ଧା, ନଳିପୋକ ସହ ବିଭିନ୍ନ ରୋଗରେ ଧାନ ଫସଲ ପ୍ରଭାବିତ ହୋଇଥିଲା। ଉଭୟ ଧାନ ଓ କପା ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ କ୍ଷତିଗ୍ରସ୍ତ ହେବାରେ ଲାଗିଛି। ଠିକ ଅମଳ ନେଇ ଆଶଙ୍କା ପ୍ରକାଶ ପାଇଛି। ବହୁ ଧାର କରଜ କରି ଉପାର୍ଜିତ କରିଥିବା ଫସଲ ବର୍ତ୍ତମାନ କ୍ଷତିଗ୍ରସ୍ତ ଯୋଗୁ ଚାଷୀମାନେ ଚିନ୍ତାରେ ପଡିଛନ୍ତି। କୃଷି ବିଭାଗ ପକ୍ଷରୁ କ୍ଷତିଗ୍ରସ୍ତ ଚାଷର ଆକଳନ କରାଯାଇ କ୍ଷତିପୂରଣ ପ୍ରଦାନ କରାଯିବା ପାଇଁ ଚାଷୀ ମହଲରେ ଦାବି ହୋଇଛି।

# ୨୫୧ କୁଣ୍ଡୀୟ ଅଶ୍ୱମେଧ ଗାୟତ୍ରୀ ଯଜ୍ଞ ପ୍ରସ୍ତୁତି

**ସିନାପାଲି,୨୬।୧୦ (ଡି.ଏନ.ଏ.)**

ନୂଆପଡ଼ା ଜିଲା ସିନାପାଲି ଗାୟତ୍ରୀ ପ୍ରଜ୍ଞା ପୀଠ ପକ୍ଷରୁ ହେବାକୁ ଥିବା ୨୫୧ କୁଣ୍ଡୀୟ ଗାୟତ୍ରୀ ଅଶ୍ୱମେଧ ଯଜ୍ଞ ଲାଗି ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏହି ଅବସରରେ ସିନାପାଲି ସହରର ବିଭିନ୍ନ ଛକରେ ଗାୟତ୍ରୀ ଯଜ୍ଞ କରାଯାଇ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏପରି କି ବିଭିନ୍ନ ଗାଁରେ ଯୁବ ମଣ୍ଡଳ ଓ ମହିଳା ମଣ୍ଡଳ ଗଠନ କରାଯାଉଥିବା ପ୍ରଜ୍ଞାପୀଠର ବରିଷ୍ଠ ସଦସ୍ୟ ତରୁଣ କୁମାର ମେହେର ପ୍ରକାଶ କରିଛନ୍ତି। ଏପରି କି ଗାୟତ୍ରୀ ପ୍ରଜ୍ଞା ପୀଠ ପକ୍ଷରୁ ସିନାପାଲି ସହରର ପୁରୁଣା ରେଞ୍ଜ ଅଫିସ ଛକ, ମହାଜନପଡ଼ା, ଜଗନ୍ନାଥ ଛକ ସମେତ ବିଭିନ୍ନ ସ୍ଥାନରେ ୧୪ ଦିନ ଧରି ଯଜ୍ଞ କାର୍ଯ୍ୟ କରାଯାଇଥିଲା। ଶୁକ୍ରବାର କାର୍ଯ୍ୟକ୍ରମର ପୂର୍ଣ୍ଣାହୂତି ହୋଇଥିଲା। ଏଥିରେ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତ ଯୋଗଦେଇ ଗାୟତ୍ରୀ ମା’ଙ୍କ ଆଶୀର୍ବାଦ କାମନା କରିଥିଲେ। କାର୍ଯ୍ୟକ୍ରମରେ ସିନାପାଲି ସ୍ୱର ସଂଗମ କଳା ପରିଷଦର ସଦସ୍ୟମାନେ ସହଯୋଗ କରିଥିଲେ ।



ଅଶ୍ୱମେଧ ଗାୟତ୍ରୀ ଯଜ୍ଞ ପ୍ରସ୍ତୁତି ଅବସରରେ ଉପସ୍ଥିତ ମହିଳାମାନେ।



ଖରାପ ଲୋକ ନିଜର ଦୋଷ ସପକ୍ଷରେ ଯୁକ୍ତି ବାଢ଼ିଥାଏ,
କିନ୍ତୁ ଭଲ ଲୋକ ସେ ସବୁକୁ ଦୂରକୁ ଫିଙ୍ଗିଦିଏ।
- ବେନ୍ ଜନସନ



## ସଂକ୍ଷେପରେ

### ପନିପରିବା ଚାଷ ତାଲିମ ଶିବିର

**ଟିଟିଲାଗଡ଼, ୨୬।୧୦(ଡି.ଏନ.ଏ.):** ରାଜ୍ୟ ସରକାରଙ୍କ ମିଶନ ଶକ୍ତି ଯୋଜନାରେ ବଲାଙ୍ଗୀର ଜିଲା ଟିଟିଲାଗଡ ଉପଖଣ୍ଡ ଅଞ୍ଚଳର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ନେଇ ଦୁଇଦିନିଆ ପନିପରିବା ଚାଷ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସଇଁତଲା, ମୁରିବାହାଲ ଏବଂ ଟିଟିଲାଗଡ ଅଞ୍ଚଳର ୬୦ ଏସଏଚଜି ସଦସ୍ୟା ତାଲିମ ଗ୍ରହଣ କରିଥିଲେ। ପନିପରିବା ଚାଷ ନେଇ ସରକାରୀସ୍ତରରେ ବିଭିନ୍ନ ସହାୟତା, ହାଇବ୍ରିଡ ଚାଷ ଆଦି ନେଇ ଉପସ୍ଥିତ ଅଧିକାରୀମାନେ ତାଲିମ ପ୍ରଦାନ କରିଥିଲେ। ଟିଟିଲାଗଡ଼ ଉଦ୍ୟାନ କୃଷି ବିଭାଗ ସହକାରୀ ନିର୍ଦ୍ଦେଶକ ହିମାଂଶୁ ଶେଖର ସାହୁଙ୍କ ତତ୍ତ୍ୱାବଧାନରେ ସିପିଇଡି ଶଶୀଭୂଷଣ ସାହୁ, ମିଶନ ଶକ୍ତି ସଂଯୋଜିକା ଜ୍ଞାନଦା ମହାନନ୍ଦ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ମୃତ୍ୟୁଞ୍ଜୟ ଶବର, ଯୁଗଳ କିଶୋର ବାର୍ଲା, ଏଚଇଡବ୍ଲୁ ରଘୁମଣୀ ପୁଟେଲ, ଡୋଲେଶ୍ୱରୀ ମାଝୀ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ।

### ଅମଳ ବେଳେ ଧାନ ଫସଲରେ ରୋଗପୋକ

**ଲୋଇସିଂହା,୨୬।୧୦(ଡି.ଏନ.ଏ.):** ଲୋଇସିଂହା ବ୍ଲକ ଅଞ୍ଚଳରେ ଚଳିତ ଖରିଫ ଧାନ ଫସଲରେ ରୋଗପୋକ ଦେଖାଦେଇଛି। ହେକ୍ଟର ହେକ୍ଟର ଜମିରେ ଏବେ ପୋକ ମାଡି ଗଲେଣି। କୃଷି ବିଭାଗ ଏ ସମୟରେ ତତ୍ପରତା ଦେଖାଉ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଚଳିତ ବର୍ଷ ଚାଷୀ ନାନା ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଚାଷ କାମ କରିଛି। ଆଉ କେଇଟା ଦିନ ପରେ ଧାନ ଅମଳକ୍ଷମ ହୋଇ ଯିବ। ଏହି ପରିସ୍ଥିତିରେ ଫସଲରେ ପୋକ ଲାଗିବା ଚାଷୀଙ୍କୁ ହତାଶ କରିଛି। କୃଷି ବିଭାଗଠାରୁ ନପାଇ ଚାଷୀମାନେ ବାହାରୁ କୀଟନାଶକ କିଣି ପ୍ରୟୋଗ କରୁଛନ୍ତି। ହେଲେ ତାହା କାମ କରୁ ନ ଥିବା ଯୋଗୀସର୍ଡା ଗ୍ରାମର କଡୋ ପଧାନ ଓ ଦନାର୍ଦ୍ଦନ ପଧାନ କହିଛନ୍ତି। ଲୋଇସିଂହା, ବୁର୍ଡା, ବୁଢ଼ୀପଦର, ଯୋଗୀସର୍ଡା, ବାଦିବାହାଲ ପଞ୍ଚାୟତରେ ବ୍ୟାପକ ମାତ୍ରାରେ ଫସଲ ଚକଡା ପ୍ରାଦୁର୍ଭାବରେ ନଷ୍ଟ ହେବାକୁ ବସିଲାଣି। ବୁର୍ଡା ପଞ୍ଚାୟତରେ ପ୍ରାୟ ୬୦ ହେକ୍ଟର ଜମି ରୋକପୋକ କବଳିତ ହୋଇଥିବା ସ୍ଥାନୀୟ କୃଷକସାଥୀ ଯାଦବ ମହାକୁର କହିଛନ୍ତି। ଏହି ପରିସ୍ଥିତିରେ କୃଷି ବିଭାଗ ତତ୍ପରତା ଦେଖାଇବାକୁ ଚାଷୀ ମହଲରେ ଦାବି ହେଉଛି।

### ୨ମାସ ହେଲା ବନ୍ଦ ରହିଛି ଏସବିଆଇ ଏଟିଏମ

**ଗୁଡ଼ଭେଲା,୨୬।୧୦ (ଡ଼ି.ଏନ.ଏ.):** ବଲାଙ୍ଗୀର ଜିଲା ତୁଷୁରା ସହରରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କର ଏଟିଏମ ଉପରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଗ୍ରାମର ଜନସାଧାରଣ ନିର୍ଭରଶୀଳ। ହେଲେ ଦୁଇ ମାସ ହେଲାଣି ଉକ୍ତ ଏଟିଏମ ବନ୍ଦ ରହିବା ଯୋଗୁଁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନୂତନ ମେଶିନ ଆସିବା ପର୍ଯ୍ୟନ୍ତ ଏପରି ସମସ୍ୟା ଲାଗି ରହିବ ବୋଲି ବ୍ୟାଙ୍କ ପରିଚାଳକ ଅଜୟ ସେଠୀ କହିଛନ୍ତି। ଏଟିଏମ ନ ଥିବାରୁ ଦୀପାବଳୀ ଓ ଅନ୍ୟାନ୍ୟ ପର୍ବପର୍ବାଣୀ ପାଇଁ ଲୋକେ ଟଙ୍କା ଉଠାଣ ପାଇଁ ସ୍ଥାନୀୟ ବ୍ୟାଙ୍କରେ ଘଣ୍ଟା ଘଣ୍ଟା ଲାଇନ ଲଗାଉଛନ୍ତି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ତୁରନ୍ତ ଏଟିଏମ ଖୋଲିବାକୁ ପଦକ୍ଷେପ ନେବାକୁ ଦାବି ହେଉଛି।

---

ଏସ୍‌ଏଚ୍‌ଜି ମହିଳାଙ୍କୁ ଜେଏଲ୍‌ଜି ଋଣ ପ୍ରଦାନରେ କାଳକ୍ଷେପଣ ନୀତି

# ତଦନ୍ତ ପ୍ରକ୍ରିୟାକୁ ନେଇ ଅସନ୍ତୋଷ

**ଲୋଇସିଂହା,୨୬।୧୦(ଡି.ଏନ.ଏ.)**

ମହିଳା ଓ ପୁରୁଷଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ପ୍ରଥମିକ କୃଷି ସମବାୟ ସମିତି ପକ୍ଷରୁ ଘରକୁ ଚାଲ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଲୋଇସିଂହା ବ୍ଲକ କୁଶଙ୍ଗ କୃଷି ସମବାୟ ସମିତି(ପ୍ୟାକ୍ସ)ସମ୍ପାଦକଙ୍କ କାଳକ୍ଷେପଣ ନୀତି ଯୋଗୁ ପିପିଲି ଗାଁର କେତେକ ଏସ୍‌ଏଚ୍‌ଜି ଜେଏଲଜି(ଜଏଣ୍ଟ ଲାଇଭଲି ଗ୍ରୁପ) ଋଣ ପାଇବାରୁ ୧୦ମାସ ହେଲା ବଞ୍ଚିତ ରହିଛନ୍ତି। ଏ ନେଇ ଏସ୍‌ଏଚ୍‌ଜି ମହିଳା ସଂଘ ପକ୍ଷରୁ ବିଭାଗୀୟ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଥିଲେ। ଶୁକ୍ରବାର ଲୋଇସିଂହା ବିଡିସିସି ବ୍ୟାଙ୍କରେ ଏଆରସିଏସ ନାରାୟଣ ନାୟକଙ୍କ ଉପସ୍ଥିତରେ ଏହାର ତଦନ୍ତ କରାଯାଇଥିଲା। ତେବେ ଏଆରସିଏସଙ୍କ ତଦନ୍ତ ପ୍ରକ୍ରିୟାକୁ ନେଇ ମହିଳାମନେ ଅସନ୍ତୋଷ ବ୍ୟକ୍ତ କରି ଜିଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି।

**ଜିଲାପାଳଙ୍କୁ ଭେଟି ଜଣାଇଲେ**



ଏଆରସିଏସଙ୍କୁ ଭେଟିବା ପାଇଁ ଆସିଥିବା ପିପିଲି ଗାଁର ଏସ୍‌ଏଚ୍‌ଜି ମହିଳା।

ଅଭିଯୋଗରୁ ପ୍ରକାଶ ଯେ, କୁଶଙ୍ଗ ପ୍ୟାକ୍ସ ପକ୍ଷରୁ ପିପିଲିଗାଁର ଓମ ଶାନ୍ତି ଏସଏଚଜିର ସଦସ୍ୟାଙ୍କ ସମେତ ୩୬ଜଣ ମହିଳାଙ୍କୁ ଜେଏଲଜି ଋଣ ପ୍ରଦାନ ପାଇଁ ଚିହ୍ନଟ କରାଯାଇଥିଲା। ୨୧ ଡିସେମ୍ବର ୨୦୧୮ରେ ଅନୁଷ୍ଠିତ ଏକ ସଭାର ପ୍ରସ୍ତାବ ମୁତାବକ ମହିଳାମାନଙ୍କୁ ବ୍ୟକ୍ତିଗତ ଋଣ ପ୍ରଦାନ ପାଇଁ ପ୍ୟାକ୍ସ ସମ୍ପାଦକ ନବୀନ ଦାସ ସହମତି ପ୍ରକାଶ କରିଥିଲେ। ହେଲେ ଦୀର୍ଘ ମାସ ପରେ ମଧ୍ୟ ସେମାନଙ୍କୁ ଋଣ ମିଳି ପାରିନାହିଁ। ସମ୍ପାଦକଙ୍କ ପାଖକୁ ଗଲେ କୌଣସି ସନ୍ତୋଷଜନକ ଉତ୍ତର ମିଳୁନାହିଁ। ଶେଷରେ ଗତ ୯ ତାରିଖ ଦିନ ଅନୁସୟା ସେଠ, ବାସନ୍ତୀ ଦେହେରୀ, ପଙ୍କଜିନୀ ବୁଡେକ, ବାସନ୍ତୀ ସେଠ ପ୍ରମୁଖ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତିଙ୍କ ଦ୍ୱାରସ୍ଥ ହୋଇଥିଲେ। ଶୁକ୍ରବାର ଲୋଇସିଂହା ବ୍ୟାଙ୍କ ପରିସରରେ ଉଭୟ ପକ୍ଷରୁ ନେଇ ତଦନ୍ତ ପାଇଁ ବିଭାଗୀୟ ନୋଟିସର ନିର୍ଦ୍ଦେଶ ମୁତାବକ ଏଆରସିଏସ ନାରାୟଣ ନାୟକ ଘଟଣାର ତଦନ୍ତ କରିଥିଲେ। ହେଲେ ଏଆରସିଏସ୍ ନିର୍ଦ୍ଧାରିତ ସମୟରେ ନ ଆସି ୨ଘଣ୍ଟା ବିଳମ୍ବ କରିବା ଓ ସନ୍ତୋଷଜନକ ତଦନ୍ତ ହୋଇ ନ ଥିବାରୁ ଅଭିଯୋଗକାରୀମାନେ ଅସନ୍ତୋଷବ୍ୟକ୍ତ କରିଥିଲେ। ଅଭିଯୋଗ ସମ୍ପର୍କରେ ପ୍ୟାକ୍ସ ସମ୍ପାଦକ ନବୀନ ଦାସଙ୍କୁ ତାଙ୍କ ମୋବାଇଲ ନମ୍ବରରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଉପଲବ୍ଧ ହୋଇ ନ ଥିଲେ। ତାଙ୍କ ଘରର ଜଣେ ସଦସ୍ୟ ଫୋନ ଉଠାଇ ସେ ଘରେ ନ ଥିବା କହିଥିଲେ।



ଜଣେ ଚାଷୀ କ୍ଷତି ହୋଇଥିବା ଧାନ କେଣ୍ଡା ଦେଖାଉଛନ୍ତି।

### ଲଗାଣ ବର୍ଷାରେ ଫସଲ ନଷ୍ଟ

**ଲାଠୋର, ୨୬।୧୦ (ଡି.ଏନ.ଏ.)** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକରେ ଲଘୁଚାପ ଜନିତ ଲଗାଣ ବର୍ଷା ଖରିଫ ଧାନ ଓ ପନିପରିବା ଫସଲକୁ କ୍ଷତି ପହଞ୍ଚାଇଛି। ଅନେକ ଚାଷୀ ଧାନ କାଟି ପେଟା ଜମିରେ ପକାଇଥିବାରୁ ଏହା ପାଣିରେ ଭିଜି ଗଜା ହୋଇଯାଇଛି। ଏହା ସହିତ ପନିପରିବା, କପା ଚାଷରେ ମଧ୍ୟ ବ୍ୟାପକ କ୍ଷୟକ୍ଷତି ହେଉଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ଅମଳ ସମୟରେ ବ୍ୟାପକ ଫସଲହାନୀ ନେଇ ଚାଷୀମାନେ ଚିନ୍ତାରେ ପଡିଛନ୍ତି। ସେହିପରି ଟଙ୍କପାରି ପଞ୍ଚାୟତର ଭୋଦେବ ବାରିକଙ୍କ ଜମିରେ ଅମଳ ହୋଇଥିବା ବାହାଲି ଧାନ ଲଗାଣ ବର୍ଷାରେ ନଷ୍ଟ ହୋଇଛି। କ୍ଷୟକ୍ଷତିର ଆକଳନ କରି ସହାୟତା ଯୋଗାଇ ଦେବାକୁ ଚାଷୀମାନେ ଦାବି ହେଉଛି।

---

## ଓମ୍‌ଭେଲି ସ୍କୁଲରେ ବିଜ୍ଞାନ ମେଳା

**ଟିଟିଲାଗଡ଼, ୨୬ ।୧୦ (ଡି.ଏନ.ଏ.)**

ଟିଟିଲାଗଡ ଓମଭେଲି ସ୍କୁଲରେ ସ୍କୁଲସ୍ତରୀୟ ବିଜ୍ଞାନ ମେଳା ଶନିବାର ସମ୍ପନ୍ନ ହୋଇଛି। ଏଥିରେ ୧ମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୧୪୫ଜଣ ଛାତ୍ରୀଛାତ୍ର ଜ୍ଞାନବିଜ୍ଞାନଭିତ୍ତିକ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟ ଏମଡି ବିଭାରାଜ ଗୁପ୍ତା ମୁଖ୍ୟଅତିଥିଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ ରାଜ୍ୟ ଶିକ୍ଷା ବିଭାଗ ଉପସଚିବ ଡ. ବିନୋଦ ବିହାରୀ ଜାଲ, ସରୋଜ ମହାପାତ୍ର, ପ୍ରଶାନ୍ତ ମେଶୱା, ପ୍ରଦୀପ ମିଶ୍ର, ନେତ୍ରାନନ୍ଦ ପୁଟେଲ, ପ୍ରୀତମ ଭୁୟାଁ, ପ୍ରମୋଦ ଦୋରା, ସସ୍ମିତା ଦଲେଇ, ଆଲୋକ ସାହୁ ବିଚାରକ ଭାବେ ଉପସ୍ଥିତ ରହି ପ୍ରକଳ୍ପର ମୂଲ୍ୟାଙ୍କନ କରିଥିଲେ। ଟିଟିଲାଗଡ ଉପଜିଲାପାଳ ସୁଧାକର ନାୟକ, ବିଦ୍ୟାଳୟର ପ୍ରିନ୍ସିପାଲ ବଦ୍ରିନାଥ ମିଶ୍ର, ଭାଇସ ପ୍ରିନ୍ସିପାଲ ଧରିତ୍ରୀ ମହାନ୍ତି ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।


ଅତିଥିମାନଙ୍କୁ ଜଣେ ଛାତ୍ର ତାଙ୍କ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

## ମୋ ସରକାର ଯୋଜନା ରୂପାୟନ ପରଖିଲେ ଏସ୍‌ପି

**ବଲାଙ୍ଗୀର ଅଫିସ, ୨୬।୧୦**

ରାଜ୍ୟ ସରକାର ମୋ ସରକାର ଯୋଜନା ଲାଗୁ କଲାପରେ ବଲାଙ୍ଗୀର ଜିଲାରେ ଏହି ଯୋଜନା କିଭଳି ରୂପାୟନ ହେଉଛି ଅଭିଯୋଗକାରୀଙ୍କ ନିକଟକୁ ଯାଇ ପରଖିଛନ୍ତି ଏସ୍‌ପି ମଡକର ସନ୍ଦୀପ ସମ୍ପଦ। ଶନିବାର ଅପରାହ୍ନରେ ଟାଉନ ଥାନା ଅନ୍ତର୍ଗତ ଗାନ୍ଧୀନଗର ପଡାର ରାଜେଶ ପଟେଲଙ୍କ ଘରେ ପହଞ୍ଚିଥିଲେ ଏସ୍‌ପି ସମ୍ପଦ। ଟାଉନ ଥାନା ଅଧିକାରୀ ସଂଗ୍ରାମ କେଶରୀ ପଟ୍ଟନାୟକ, ସଦର ଏସ୍‌ଡିପିଓ ଶ୍ରୀମନ୍ତ ବାରିକଙ୍କ ଉପସ୍ଥିତିରେ ଅଭିଯୋଗକାରୀଙ୍କୁ ଫୁଲତୋଡା ସହ ଥାନା ଅଧିକାରୀ, ଏସଡିପି ଓ ଏବଂ ଏସ୍‌ପିଙ୍କ ମୋବାଇଲ୍ ନମ୍ବର ଥିବା ଏକ ଭିଜିଟିଂ କାର୍ଡ ପ୍ରଦାନ କରାଯାଇଥିଲା। କିଛି ଦିନ ତଳେ ବଡଭାଇ ମୋହନ ପଟେଲ ଏକ ବାଇକ ଦୁର୍ଘଟଣାର ସମ୍ମୁଖୀନ ହେବା ପରେ ଟାଉନ ଥାନାରେ ଅଭିଯୋଗ କରିଥିଲେ ରାଜେଶ। ଥାନାକୁ ଅଭିଯୋଗ କରିବାକୁ ଯାଇଥିବା ସମୟରେ ପୋଲିସ ପକ୍ଷରୁ ତାଙ୍କୁ କିଭଳି ବ୍ୟବହାର ପ୍ରଦର୍ଶନ କରାଯାଇଥିଲା, ପିଇବାକୁ ପାଣି ଓ ବସିବାକୁ ଚୌକି ଦିଆଯାଇଥିଲା ନା ନାହିଁ, ଅଭିଯୋଗ ଉପରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ନେଇ ଅଭିଯୋଗକାରୀ ସନ୍ତୁଷ୍ଟ ହୋଇଛନ୍ତି ନା ନାହିଁ ପଚାରି ବୁଝିଥିଲେ। ଏହି ଘଟଣାରେ ଟାଉନ ଥାନାକୁ ୫ ମାର୍କରୁ କେତେ ମାର୍କ ଦେବେ ବୋଲି ପଚାରିଥିଲେ ଏସ୍‌ପି। ପୋଲିସର ବ୍ୟବହାର ଓ କାର୍ଯ୍ୟରେ ସନ୍ତୋଷ ପ୍ରକାଶ କରିବା ସହ ଟାଉନ ଥାନା ପୋଲିସକୁ ସେ ୫ମାର୍କ ଦେଉଥିବା ନେଇ ରାଜେଶ ଏସପିଙ୍କୁ ଜଣାଇଥିଲେ। ସେହିପରି ବେହେରାପାଲିର ରୀନା କୁମ୍ଭାର ନାମକ ଜଣେ ଅଭିଯୋଗକାରୀଙ୍କ ଘରକୁ ଯାଇଥିଲେ ଏସ୍‌ପି। ବଡଭାଇ ବିଭିନ୍ନ ସମୟରେ ଗାଳିଗୁଲଜ ଓ ମାରଧର କରୁଥିବା ନେଇ ଟାଉନ ଥାନାରେ ଅଭିଯୋଗ କରିଥିଲେ ରୀନା। ବରିଷ୍ଠ ପୋଲିସ ଅଧିକାରୀମାନେ ଘରକୁ ଆସି ତାଙ୍କ ଅଭିଯୋଗ ଉପରେ ପଚାରି ବୁଝିଥିବାରୁ ରୀନା ସନ୍ତୋଷ ପ୍ରକାଶ କରିଛନ୍ତି। ରାଜ୍ୟ ସରକାରଙ୍କ ମୋ ସରକାର ଯୋଜନା ଲାଗୁ ପରେ କେବଳ ବଲାଙ୍ଗୀର ଟାଉନ ଥାନା ଅଞ୍ଚଳ କାହିଁକି ଜିଲାର ସମସ୍ତ ଥାନା ଅଞ୍ଚଳକୁ ଗସ୍ତ କରି ଅଭିଯୋଗକାରୀଙ୍କ ନିକଟରେ ପହଞ୍ଚି ପୋଲିସ କାର୍ଯ୍ୟକଳାପ ସମ୍ପର୍କରେ ପଚାରିବ ବୋଲି ଏସପି ସମ୍ପଦ ସୂଚନା ଦେଇଛନ୍ତି।


ଗାନ୍ଧୀନଗର ପଡାର ମୋହନ ପଟେଲଙ୍କୁ ଏସ୍‌ପି ସାକ୍ଷାତ କରୁଛନ୍ତି।

---

## କୈକେୟୀଙ୍କ ଚିକିତ୍ସାରେ ଅର୍ଥ ବାଧକ

### ବ୍ଲକ ପ୍ରଶାସନ ଦେଲା ସହାୟତା

**ଖପ୍ରାଖୋଲ, ୨୬।୧୦(ଡି.ଏନ.ଏ)**

ଖପ୍ରାଖୋଲ ବ୍ଲକ ମଟିଆଭଟା ପଞ୍ଚାୟତ ଅନ୍ତର୍ଗତ ପୁତୁଲାମହୁଲ ଗାଁର ଦେବରାଜ ବରିହାଙ୍କ ଝିଅ କୈକେୟୀ (୧୫) ନବମ ଶ୍ରେଣୀର ଛାତ୍ରୀ। କିଛି ଦିନ ହେଲା ହୃଦ୍‌ରୋଗରେ ପୀଡିତ। ଗରିବ ପରିବାର ହୋଇଥିବାରୁ ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ। ୨ ମାସ ତଳେ ପରିବାର ଲୋକେ ତାଙ୍କୁ ପ୍ରଥମେ ବଲାଙ୍ଗୀର ଓ ପରେ ବୁର୍ଲା ବଡଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ। ଧାରକରଜ ସହିତ ନିଜ ଚାଷ ଜମି ବନ୍ଧା ପକାଇ ଚିକିତ୍ସା କଲା ପରେ ମଧ୍ୟ ଆହୁରି ଟଙ୍କା ଆବଶ୍ୟକ ହେବାରୁ ଅନ୍ୟ ଉପାୟ ନ ପାଇ ଘରକୁ ଫେରାଇ ଆଣିଲେ। ଏବେ କୈକେୟୀ ଘରେ ଶଯ୍ୟାଶାୟୀ, ଗୋଡ ହାତ ଫୁଲି ଯାଇଛି। ଚିକିତ୍ସା ପାଇଁ ଟଙ୍କା ଆବଶ୍ୟକ। ଯାହା ସ୍ଥାବର ଅସ୍ଥାବର ସମ୍ପତ୍ତି ଥିଲା ଝିଅର ଚିକିତ୍ସାରେ ସାରି ଦେଇଥିବାବେଳେ ଏବେ ଦେବରାଜ ସରକାରୀ କିମ୍ବା ବଦାନ୍ୟ ବ୍ୟକ୍ତିଙ୍କ ସହାୟତାକୁ ଚାହିଁ ବସିଛନ୍ତି। କୈକେୟୀଙ୍କ ସମ୍ପର୍କରେ ଖବର ପାଇ ଖପ୍ରାଖୋଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତରଣୀ ସୁନା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡା.ଦିଲୀପ କୁମାର ପଧାନ, ସରପଞ୍ଚ ନରସିଂହ ସାହୁ, ଜିଆରଏସ ନୀଳମଣି ଜାଲ ପ୍ରମୁଖ କୈକେୟୀଙ୍କ ଘରେ ପହଞ୍ଚି ୫ହଜାର ଟଙ୍କା ପ୍ରଶାସନ ତରଫରୁ ଦେଇଛନ୍ତି। ଏ ନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁନାଙ୍କୁ ପଚାରିବାରୁ କୈକେୟୀଙ୍କ ଉଚ୍ଚତର ଚିକିତ୍ସା ପାଇଁ ରବିବାର ସ୍ୱାସ୍ଥ୍ୟ ବିଭାଗ ସହାୟତାରେ କଟକ ବଡ ମେଡିକାଲକୁ ପଠାଯିବ ବୋଲି କହିଛନ୍ତି।


କୈକେୟୀଙ୍କୁ ସହାୟତା ରାଶି ପ୍ରଦାନ କରୁଛନ୍ତି ବିଡିଓ ତରଣୀ ସୁନା।

ବାଳିକା ହାଇସ୍କୁଲ ବାର୍ଷିକ କ୍ରୀଡା ଉଦ୍‌ଯାପିତ

## ସୁନ୍ଦର ସ୍ୱାସ୍ଥ୍ୟ ପାଇଁ କ୍ରୀଡ଼ା ଜରୁରୀ

**ଟିଟିଲାଗଡ଼, ୨୬।୧୦(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଟିଟିଲାଗଡ ସରକାରୀ ବାଳିକା ହାଇସ୍କୁଲର ଦ୍ୱିଦିବସୀୟ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସ୍ନିଗ୍ଧାଞ୍ଜଳି ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଆଲୋକ ନାୟକ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ଟିଟିଲାଗଡ ବରିଷ୍ଠ ନାଗରିକ କମିଟି ସଭାପତି ଅଶ୍ୱିନୀ ମହାନ୍ତି, ସାମାଜିକ କର୍ମୀ ଲାୟନ ସୁଚିତ୍ରା ଲାଠ, ଅଶୋକ ତ୍ରିପାଠୀ ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ। ସୁସ୍ଥ, ସୁନ୍ଦର ସ୍ୱାସ୍ଥ୍ୟ ପାଇଁ କ୍ରୀଡା ହିଁ ସର୍ବଶ୍ରେଷ୍ଠ ବୋଲି ଅତିଥିଗଣ ମତବ୍ୟକ୍ତ କରିଥିଲେ। କ୍ରୀଡା ପ୍ରତିଯୋଗିତା ସମାପନ ପରେ ଅତିଥିଗଣ ଚଳିତ ବର୍ଷର କ୍ରୀଡା ଧ୍ୱଜା ଅବତରଣ କରିଥିଲେ। ଖେଳ ଶିକ୍ଷୟିତ୍ରୀ ପଦ୍ମଜା ନନ୍ଦିନୀ ବହିଦାରଙ୍କ ତତ୍ତ୍ୱାବଧାନରେ କ୍ରୀଡା ସମାରୋହ ସମ୍ପନ୍ନ ହୋଇଥିଲା। ବରିଷ୍ଠ ଶିକ୍ଷକ ଉମେଶ ଚନ୍ଦ୍ର ଦାଶ ସଭା ପରିଚାଳନା ଏବଂ ଶିକ୍ଷକ ବ୍ରହ୍ମାନନ୍ଦ ପୁହାଣ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ରାଧେଶ୍ୟାମ ଅଗ୍ରୱାଲ ମୁଖ୍ୟଅତିଥି, ଏସଏମ ଫିଟନେସ ସମ୍ପାଦକ ସନ୍ତୋଷ ମହାନ୍ତି, କ୍ରୀଡାବିତ ଧବଳେଶ୍ୱର ବେହେରା ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ।



ବାର୍ଷିକ କ୍ରୀଡା ଉଦ୍‌ଯାପନ ପରେ ଅତିଥିଙ୍କ ଉପସ୍ଥିତିରେ ଧ୍ୱଜା ଅବତରଣ କରାଯାଉଛି।

---

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି କାର୍ଯ୍ୟକ୍ରମ

**ଟିଟିଲାଗଡ଼, ୨୬।୧୦ (ଡି.ଏନ.ଏ)**

ମହାତ୍ମା ଗାନ୍ଧୀ ଜାତୀୟ କର୍ମ ନିଯୁକ୍ତି ଯୋଜନାର ଟିଟିଲାଗଡ ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଟିଟିଲାଗଡ ସହାୟକ ଜିଲାପାଳ ଭୁବନ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ବ୍ଲକ ଅଧ୍ୟକ୍ଷା ରମାକାନ୍ତି ପୁଟେଲ, ଏବିଡିଓ ମହେନ୍ଦ୍ର ପ୍ରଧାନୀ, ବ୍ଲକ ସମୀକ୍ଷକ କୁଶ ସାହୁ, ତଦାରଖ କମିଟି ସଦସ୍ୟ ଆଶା ସଂଯୋଜକ ସଞ୍ଜୀବ ପଟ୍ଟନାୟକ, ସମୀକ୍ଷକ ଶରତ ମିଶ୍ର ପ୍ରମୁଖଙ୍କ ଉପସ୍ଥିତ ଥିଲେ। ଗତ ଆର୍ଥିକ ବର୍ଷରେ ସର୍ବମୋଟ ୧,୧୫,୭୭୮ ଜଣ ଶ୍ରମିକ କାର୍ଯ୍ୟ ପାଇଁ ଆବେଦନ କରିଥିଲେ। ତନ୍ମଧ୍ୟରୁ ୨୯୨୦ ଶ୍ରମିକ ୧୦୦ ଦିନର କାର୍ଯ୍ୟ ପୂରଣ କରିଛନ୍ତି। ଅଧିକ ସଂଖ୍ୟାରେ ଶ୍ରମିକଙ୍କୁ ଯୋଜନାରେ ସାମିଲ କରାଗଲେ ଏ ଅଞ୍ଚଳରୁ ଦାଦନ ଚାଲାଣ ସମସ୍ୟା ରୋକାଯାଇପାରିବ ବୋଲି ବ୍ଲକ ଅଧ୍ୟକ୍ଷା ପୁଟେଲ ଉପସ୍ଥିତ ଅଧିକାରୀ, କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଗ୍ରାମ ପଞ୍ଚାୟତସ୍ତରରେ ରୋଜଗାର ଦିବସ ମାସକୁ ଦୁଇ ଦିନ ପାଳନ କରିବାକୁ ସ୍ଥିର କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କନିଷ୍ଠ ଯନ୍ତ୍ରୀ ଅନନ୍ତ ପ୍ରସାଦ ବିଡିକା, ବିଭୂତିଭୂଷଣ ନାୟକ, ବ୍ଲକ ସରପଞ୍ଚ ସଂଘ ସଭାପତି ବୀରବର ସାହୁ, ସମ୍ପାଦକ ହରିନାରାୟଣ ମିଶ୍ର, ସରପଞ୍ଚ ଦୟାରାମ ଅଗ୍ରୱାଲ, କ୍ରିଷ୍ଣା ବାଗ, ପୂର୍ଣ୍ଣଚନ୍ଦ୍ର ହିଆଲ, ପୂର୍ବତନ ଜିଲା ପରିଷଦ ସଭ୍ୟ ସଞ୍ଜିବ ସାହୁ, ବିଏସଏସଓ ସୁମନ କଲ୍ୟାଣ ରଣାଙ୍କ ସମେତ ବହୁ ସରପଞ୍ଚ, ସମିତି ସଭ୍ୟ, ଇଓ, ଜିଆରଏସ ଓ ଶ୍ରମିକ ଉପସ୍ଥିତ ଥିଲେ।


ଜନଶୁଣାଣି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅଧିକାରୀ ଓ ବ୍ଲକ ଅଧ୍ୟକ୍ଷା।

## ଭଲିବଲ, କବାଡ଼ି ଚୟନ ପ୍ରତିଯୋଗିତା ଉଦ୍‌ଯାପିତ

**ମୁରିବାହାଲ, ୨୬।୧୦ (ଡି.ଏନ.ଏ.)**

- ମହିଳା କବାଡିରେ ଟିଟିଲାଗଡ଼, ବେଲପଡା ପୁରୁଷ ଚାମ୍ପିୟନ
- ଇଲେଭେନ ଷ୍ଟାର ହଳଦୀ ଭଲିବଲ ଚାମ୍ପିୟନ

ବଲାଙ୍ଗୀର ଜିଲା କ୍ରୀଡା ସାଂସଦ ଓ ଇଲେଭେନ ଷ୍ଟାର ହଳଦୀ ପକ୍ଷରୁ ଗତ ୨୪ତାରିଖଠାରୁ ଆରମ୍ଭ ହୋଇଥିବା ଜିଲାସ୍ତରୀୟ ଭଲିବଲ ଓ କବାଡି ଚୟନ ପ୍ରତିଯୋଗିତା ଶୁକ୍ରବାର ଶେଷ ହୋଇଛି। ମହିଳା କବାଡି ବିଭାଗରେ ଟିଟିଲାଗଡ ଓ ପୁରୁଷ ବିଭାଗରେ ବେଲପଡା ଚାମ୍ପିୟନ ହୋଇଛି। ଭଲିବଲରେ ଇଲେଭେନଷ୍ଟାର ହଳଦୀ ଦଳ ଚାମ୍ପିୟନ ହୋଇଛି। କବାଡିରେ ୪ ମହିଳା ଦଳ ଅଂଶଗ୍ରହଣ କରିଥିଲେ। ଟିଟିଲାଗଡ ଓ ପାଟଣାଗଡ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଟିଟିଲାଗଡ ବିଜୟୀ ହୋଇ ଚାମ୍ପିୟନ ବିବେଚିତ ହୋଇଛି। ପୁରୁଷ ବିଭାଗ ଫାଇନାଲ ଖେଳ ଲୋଇସିଂହା ଓ ବେଲପଡା ମଧ୍ୟରେ ହୋଇଥିଲା। ଏଥିରେ ବେଲପଡା ବିଜୟୀ ହୋଇଥିଲା। ଭଲିବଲରେ ହଳଦୀ ଇଲେଭେନ ଷ୍ଟାର କଣ୍ଟାବାଞ୍ଜି (ଭିଜିଆର)କୁ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ପରାସ୍ତ କରି ଟାଇଟଲ ହାତେଇଥିଲା। ଝାରସୁଗୁଡ଼ାରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଚାମ୍ପିୟନ ଦଳମାନେ ସାମିଲ ହେବେ ବୋଲି କ୍ରୀଡା ସାଂସଦ ପକ୍ଷରୁ ସୂଚନା ଦିଆଯାଇଛି। ମାଲିସୀ ହାଇସ୍କୁଲର ପ୍ରଧାନଶିକ୍ଷକ ପୁରୋଷୋତ୍ତମ ବାଗଙ୍କ ସଂଯୋଜନାରେ ହୋଇଥିବା ଉଦ୍‌ଯାପନୀ ସମାରୋହରେ ମୁରିବାହାଲ ଭାରପ୍ରାପ୍ତ ଥାନା ଅଧିକାରୀ ରଞ୍ଜନ କୁମାର ବରିଆ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ଏମ୍‌ପିଙ୍କ ପ୍ରତିନିଧି ଶ୍ରୀବତ୍ସ ବେହେରା, ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ସନ୍ତୋଷ ବିଭାର, କ୍ରୀଡାବିତ ନିମାଇଁଚରଣ ବଘାର, ଯୁଧିଷ୍ଠିର ଭରାସଗରିଆ, କୈଶ୍ୟପ ସରାଫ, ଖେଳ ଶିକ୍ଷକ ଦେବାନନ୍ଦ ଦାସ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଦଳମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ।


ଭଲିବଲ ଚାମ୍ପିୟନ ଇଲେଭେନଷ୍ଟାର ହଳଦୀ ଦଳର ଖେଳାଳିଙ୍କୁ ଟ୍ରଫି ଦିଆଯାଉଛି।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୨୭ ଅକ୍ଟୋବର, ୨୦୧୯



ଗୋରୁଙ୍କୁ କାୟମନୋବାକ୍ୟରେ ଭକ୍ତିପୂର୍ବକ ଅର୍ଚ୍ଚନା କଲେ ସର୍ବ ଦେବଦେବୀ ଓ ତୀର୍ଥ ଆଦି ଅର୍ଚ୍ଚନା ଫଳ ଲାଭ ହୁଏ।

- ମହର୍ଷି ବଶିଷ୍ଠ



**ସଂକ୍ଷେପରେ**

## ସଡ଼କ ଦୁର୍ଘଟଣାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

ସୁନ୍ଦରଗଡ, ୨୬।୧୦(ଡି.ଏନ୍.ଏ) ସୁନ୍ଦରଗଡ଼ -ଝାରସୁଗୁଡା ବିଜୁ ଏକ୍ସପ୍ରେସ ୱେର ଭେଡାବାହାଲ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଘଟିଥିବା ଏକ ସଡକ ଦୁର୍ଘଟଣାରେ ଆହତ ହୋଇ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଜଣେ ବାଇକ ଆରୋହୀଙ୍କର ଶନିବାର ମୃତ୍ୟୁ ଘଟିଛି। ତାଙ୍କ ପରିଚୟ ଜଣାପଡିନାହିଁ। ମୃତକଙ୍କ ବୟସ ପ୍ରାୟ ୪୦ବର୍ଷ ହେବ। ତାଙ୍କ ଦେହରେ ଏକ ନୀଳରଙ୍ଗର ବାନିୟନ ରହିଛି। ଭଷ୍ମା ଥାନା ପୋଲିସ ମୃତଦେହ ଜବତକରି ସୁନ୍ଦରଗଡ ଡାକ୍ତରଖାନା ମର୍ଗ ହାଉସରେ ରଖିଛି। ଦୁର୍ଘଟଣାସ୍ଥଳରୁ ସିଜି ୧୪ ଏମଏଚ୍ ୮୭୬୦ ନଂ. ବିଶିଷ୍ଟ ଏକ ବାଇକକୁ ପୋଲିସ ଉଦ୍ଧାର କରିଛି। ଏନେଇ ଭଷ୍ମା ଥାନାରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି।

# ସୁନ୍ଦରଗଡ଼ରେ ଇସ୍ରୋର ସ୍ୱତନ୍ତ୍ର ପ୍ରଦର୍ଶନ ଯାନ

## ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଲେ ଛାତ୍ରୀଛାତ୍ର

ସୁନ୍ଦରଗଡ଼, ୨୬।୧୦ (ଡି.ଏନ୍.ଏ.)

ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ)ର ଭ୍ରାମ୍ୟମାଣ ପ୍ରଦର୍ଶନ ଯାନ ଶନିବାର ସୁନ୍ଦରଗଡ ଠାରେ ପହଞ୍ଚିଥିଲା। ସୁନ୍ଦରଗଡରେ ଥିବା ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟର ପ୍ରାୟ ୨୦୦୦ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଓ ଜନସାଧାରଣଙ୍କ ପ୍ରଦର୍ଶନ ପାଇଁ ଏହି ସ୍ୱତନ୍ତ୍ର ଯାନ ସ୍ଥାନୀୟ ଭବାନୀ ଶଙ୍କର ସରକାରୀ ଉଚ୍ଚବିଦ୍ୟାଳୟ ଓ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟଠାରେ ଅଟକିଥିଲା। ଏହି ସ୍ୱତନ୍ତ୍ର ଯାନରେ ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ ଦ୍ୱାରା ପ୍ରସ୍ତୁତ ହୋଇ ପ୍ରଦର୍ଶିତ ହୋଇଥିବା ରକେଟ ମଡେଲ, ରକେଟ ଉତ୍‌କ୍ଷେପଣ, ଭାରତୀୟ ଉପଗ୍ରହର ପ୍ରୟୋଗ, ଚନ୍ଦ୍ରଯାନ -୧, ଚନ୍ଦ୍ରଯାନ-୨, ମଙ୍ଗଳ ଅଭିଯାନ ସମ୍ପର୍କରେ ଥିବା ସମସ୍ତ ପ୍ରକଳ୍ପଗୁଡିକ ବିଦ୍ୟାର୍ଥୀମାନେ ପରିଦର୍ଶନ କରି ଧାରଣା ପାଇଥିଲେ। ଯାନ ସହିତ ଆସିଥିବା ଟେକ୍‌ନିକାଲ ଅଧିକାରୀମାନେ ପିଲାମାନଙ୍କୁ ବୁଝାଉଥିଲେ। ମହାବିଦ୍ୟାଳୟ ସ୍ତରରେ ସ୍ନାତକ ଶ୍ରେଣୀର ପଦାର୍ଥ ବିଜ୍ଞାନ ପଢୁଥିବା ଛାତ୍ରୀଛାତ୍ରମାନେ ବିଶେଷ ଭାବେ ଆଗ୍ରହ ପ୍ରକାଶ କରୁଥିବା ଦେଖିବାକୁ ମିଳିଥିଲା। ସକାଳେ ସ୍ଥାନୀୟ ଭବାନୀ ଶଙ୍କର ସରକାରୀ ଉଚ୍ଚ ବିଦ୍ୟାଳୟ, ମ୍ୟୁନିସିପାଲ ଉଚ୍ଚ ବିଦ୍ୟାଳୟ, ଶିଶୁ ବିଦ୍ୟାମନ୍ଦିର, ସୁନ୍ଦରଗଡ ପବ୍ଲିକ ସ୍କୁଲ ଛାତ୍ରୀଛାତ୍ର ବୁଲି ଦେଖିଥିଲେ। ମଧ୍ୟାହ୍ନରେ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର ଶିକ୍ଷାର୍ଥୀମାନେ ଶୃଙ୍ଖଳିତ ଭାବେ ପ୍ରକଳ୍ପଗୁଡିକ ବୁଲି ଦେଖିଥିଲେ। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. କିଶୋର କୁମାର ଦାଶ ଉଦ୍‌ଘାଟନ କରିଥିଲେ। ଇସ୍ରୋର ଟେକ୍‌ନିକାଲ ଅଧିକାରୀ ଇଂ. ଅର୍ଜୁନ ସାହୁ, ମହାବିଦ୍ୟାଳୟର ପ୍ରାଧ୍ୟାପକ ଆର୍ଯ୍ୟ ବିଭାସ କୁମାର, ଜିଲା ବିଜ୍ଞାନ ନିରୀକ୍ଷକ ଗୋପୀନାଥ ନାଏକ, ଭବାନୀଶଙ୍କର ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସୁଧାଂଶୁ ଚୌଧୁରୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଶ୍ରୀହରିକୋଟାରୁ ଏହି ସ୍ୱତନ୍ତ୍ର ଯାନ ଓଡିଶା ଗସ୍ତରେ ଆସିଛି।



ଇସ୍ରୋର ଭ୍ରାମ୍ୟମାଣ ପ୍ରଦର୍ଶନ ଯାନ ଦେଖିବା ପାଇଁ ଛାତ୍ରୀଛାତ୍ର ଅପେକ୍ଷା କରିଛନ୍ତି।

## ଉଲଗ୍ନ ଅବସ୍ଥାରେ ମହିଳାଙ୍କ ମୃତଦେହ ଉଦ୍ଧାର

ଟେନ୍‌ସା, ୨୬।୧୦ (ଡି.ଏନ.ଏ)

ସୁନ୍ଦରଗଡ ଜିଲା କୋଇଡା ଥାନା ଅନ୍ତର୍ଗତ ପାଟମୁଣ୍ଡା ପଞ୍ଚାୟତର ସର୍ଗିଗଡ ଗ୍ରାମରେ ଘଟିଛି ଅଭାବନୀୟ ଘଟଣା। ନଦୀକୁ ଗାଧୋଇବାକୁ ଯାଇ ନିଖୋଜ ହୋଇଥିବା ମହିଳାଙ୍କ ମୃତଦେହ ଉଲଗ୍ନ ଅବସ୍ଥାରେ ମିଳିଛି। ଗତ ଗୁରୁବାର ମହିଳାଙ୍କ ସ୍ୱାମୀ ସୁଦାନ୍ତ ମୁଣ୍ଡା ପଞ୍ଚାୟତକୁ ଚାଉଳ ଆଣିବାକୁ ବାହାରି ଯାଇଥିଲେ। ପରେ ମହିଳା ଜଣଙ୍କ ତାଙ୍କ ୩ ବର୍ଷର ଝିଅ ସହିତ ପାଖରେ ଥିବା ସୁନା ନଦୀକୁ ଗାଧୋଇବାକୁ ଯାଇ ନିଖୋଜ ଥିଲେ। ବହୁତ ଖୋଜା ଖୋଜି ପରେ ତାଙ୍କର କୌଣସି ସନ୍ଧାନ ମିଳି ପାରି ନ ଥିଲା । ଶୁକ୍ରବାର ସକାଳ ପ୍ରାୟ ୮ଟା ସମୟରେ ଗ୍ରାମର କିଛି ଲୋକ ନଦୀକୂଳରେ ଥିବା ଏକ ପଥରରେ ଲାଗିଥିବା ମୃତଦେହକୁ ଦେଖି ତୁରନ୍ତ ତାଙ୍କ ସ୍ୱାମୀଙ୍କୁ ଖବର ଦେଇଥିଲେ। ତାଙ୍କ ସ୍ୱାମୀ ମୃତଦେହକୁ ଘରକୁ ଆଣି କୋଇଡା ଥାନାକୁ ଖବର ଦେଇଥିଲେ । ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଲହୁଣୀପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ।

# ଏନ୍‌ଟିପିସି ଡୁଲୁଙ୍ଗା କୋଇଲା ଖଣି ପ୍ରକଳ୍ପ କାର୍ଯ୍ୟାଳୟରେ ଭେଣ୍ଡର୍ସ ମିଟ୍ କାର୍ଯ୍ୟକ୍ରମ




ପ୍ରକଳ୍ପ କାର୍ଯ୍ୟାଳୟଠାରେ ଭେଣ୍ଡର୍ସ ମିଟ୍ କାର୍ଯ୍ୟକ୍ରମ।

ସୁନ୍ଦରଗଡ, ୨୬।୧୦ (ଡି.ଏନ୍.ଏ.)

ଏନ୍‌ଟିପିସି ଡୁଲୁଙ୍ଗା କୋଇଲା ଖଣି ପ୍ରକଳ୍ପ ପକ୍ଷରୁ ଭିଜିଲାନ୍ସ ସଚେତନତା ସପ୍ତାହ ପାଳନ ଅବସରରେ ପ୍ରକଳ୍ପ କାର୍ଯ୍ୟାଳୟଠାରେ ଏକ ଭେଣ୍ଡର୍ସ ମିଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ଶିଳ୍ପକେନ୍ଦ୍ରର ଅଧିକାରୀ ଓ ଏମଏସଏମଇ ରାଉରକେଲାର ଅଧିକାରୀମାନେ ଯୋଗଦେଇଥିଲେ। ଏଥିସହିତ ଏହି ପ୍ରକଳ୍ପ ଅଧୀନ ଭେଣ୍ଡର୍ସମାନେ ଯୋଗଦେଇଥିଲେ। ପ୍ରକଳ୍ପର ଚିଫ୍ ମ୍ୟାନେଜର ଚିତ୍ତରଞ୍ଜନ ବାରିକ ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏଜିଏମ (ଭିଜିଲାନ୍ସ) ଦୀନାନାଥ ମଲ୍ଲିକ ଏହି ବୈଠକର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।

# ଅଖଣ୍ଡ ଭୂୟାଁ ସମାଜର ନୂଆଁଖାଇ ଭେଟ୍‌ଘାଟ୍

ଲେଫ୍ରିପଡା,୨୬।୧୦(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ମଶାବିରା ମା' ଛତରପତି ଶିଖରବାସିନୀ ପୀଠରେ ଅଖଣ୍ଡ ଭୂୟାଁ ସମାଜର ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ପ୍ରତାପ ନାରାୟଣ ସିଂ ସଭାପତିତ୍ୱ କରିଥିଲେ। ତଳସରାର ପୂର୍ବତନ ବିଧାୟକ ପ୍ରଫୁଲ୍ଲ ମାଝି ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ତଳସରା ବିଧାୟକ ଭବାନୀ ଭୋଇ, ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ମୁଖରାମ ନାଏକ, ରବିରତ୍ନ ପଟେଲ, ହୃଷିକେଶ ଅମାତ୍, ଜିଲା ପରିଷଦ ସଭ୍ୟା ବାସନ୍ତୀ ବାରିକ, ସର୍ଗିପାଲି ସରପଞ୍ଚ ବୀରକିଶୋର ସିଂ ପ୍ରମୁଖ ଯୋଗଦାନ କରି ସମାଜର ଉନ୍ନତି ଦିଗରେ ଭିନ୍ନଭିନ୍ନ ଭାବେ ମନ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ ଅତିରିକ୍ତ ଶାସନ ସଚିବ ମେଘନାଦ ନାଏକ ଯୋଗଦାନ କରି ସମାଜର ଏକତା ବଜାୟ ରଖି ଆଗାମୀ ଦିନରେ ସୁଦୃଢ କରିବା ପାଇଁ କହିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ଣଚନ୍ଦ୍ର ଗୁରୁ, ଖଗେଶ୍ୱର ନାଏକ, ଦୟାନିଧି ମାଝି, ଲିଙ୍ଗରାଜ ଭୋଇ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ସମାଜର ଛାତ୍ରୀଛାତ୍ରମାନଙ୍କୁ ନେଇ ନାଚ, ଗୀତ, ଚିତ୍ରାଙ୍କନ, ଦଶପତ୍ରିଆ ଖଳି ନିର୍ମାଣ ରଙ୍ଗୋଲି, ହୁଳହୁଳି ଇତ୍ୟାଦି ପ୍ରତିଯୋଗିତା କରାଯାଇଥିଲା। ପରେ କୃତୀ ଛାତ୍ରୀଛାତ୍ର ଏବଂ ମହିଳାମାନଙ୍କୁ ଅତିଥିଗଣ ପୁରସ୍କାର ପ୍ରଦାନ କରିଥିଲେ। ପରେ ଆଗାମୀ ବର୍ଷ ସମାଜ ପକ୍ଷରୁ ଟାଙ୍ଗରପାଲି ବ୍ଲକ୍‌ରେ ନୂଆଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ କରାଯିବ ବୋଲି ଘୋଷଣା କରାଯାଇଥିଲା। ଏଥିରେ ସମସ୍ତ ମଣ୍ଡଳ ସଭାପତି, ସମ୍ପାଦକ ଏବଂ ରାୟଗଡ ଛତିଶଗଡ ଅଞ୍ଚଳର ସାମାଜିକ ପଦାଧିକାରୀ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ମହିଳା ଏବଂ ପୁରୁଷ ଯୋଗଦାନ କରିଥିଲେ।



ଭୂୟାଁ ସମାଜର ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି, କର୍ମକର୍ତ୍ତା।

# ଅସହାୟ ମାନସିକ ଭିନ୍ନକ୍ଷମ ମହିଳାଙ୍କୁ ବଳାତ୍କାର ଉଦ୍ୟମ: ଘର ପୋଡ଼ାଜଳା

ବଡ଼ଗାଁ, ୨୬।୧୦ (ଡି.ଏନ.ଏ.)

ପ୍ରତ୍ୟେକ ରାତ୍ରି ତାଙ୍କ ପାଇଁ କାଳରାତ୍ରି ହୋଇ ଆସୁଥିଲା। ବିଳମ୍ବିତ ରାତି ହେଲେ ଯୌନ ପିପାସୁ ଅସାମାଜିକ ନର ରାକ୍ଷସମାନେ ଭୟଭୀତ କରି ଶୋଷଣ କରି ଆସୁଥିଲେ। ବିରୋଧ କଲେ ଛୁରୀ ଦେଖାଇ ମାରିଦେବାର ଧମକ ଆଗରେ ଅସହାୟ ମାନସିକ ଭିନ୍ନକ୍ଷମ ମହିଳା ତାଙ୍କ ୧୦ ବର୍ଷର ପୁଅ ମୁହଁ ଦେଖି ନିରବ ରହିବାକୁ ବାଧ ହେଉଥିଲେ। କରିବେ ବା କଣ। ୨ଥର ଥାନାରେ ଗୁହାରୀ କରି ବ୍ୟର୍ଥ ହେବାରୁ ମୁଣ୍ଡ ପାତି ସହି ଯାଉଥିଲେ। କିନ୍ତୁ ନିର୍ଯାତନାର ସୀମା ଟପିଗଲା। ଶୁକ୍ରବାର ରାତିରେ ମା, ପୁଅ ଶୋଇଥିଲାବେଳେ ବଡଗାଁରେ ଉତ୍ପାତ କରି ଆସୁଥିବା ୩ଜଣ ଅସାମାଜିକ ଯୁବକଙ୍କ ମଧ୍ୟରୁ ଜଣେ ଯୁବକ ବଳାତ୍କାର ଉଦ୍ୟମ କରି ବିଫଳ ହୋଇଥିଲେ। ଫଳରେ ମହିଳାଙ୍କ ଘରର ଆସବାପତ୍ର, ଶାଢ଼ୀ, ପୁଅର ବହିପତ୍ର ପୋଡି ଦେବା ସହିତ ରୋଷେଇ ଉପକରଣଗୁଡିକ ଭାଙ୍ଗିରୁଜି ନଷ୍ଟ କରି ଦେଇଛନ୍ତି। ଏଭଳି ଏକ ଅମାନବୀୟ ଘଟଣା ସୁନ୍ଦରଗଡ ଜିଲା ବଡଗାଁ ଅଞ୍ଚଳରେ। ଏହି ମହିଳା ଜଣଙ୍କ ତାଙ୍କ ଉପରେ ହେଉଥିବା ନିର୍ଯାତନା ସମ୍ପର୍କରେ ଥାନାକୁ ଯାଇ ଦୁଇ ଥର ଗୁହାରୀ କରିଥିଲେ ମଧ୍ୟ ତାଙ୍କ କଥା ପୋଲିସ ଶୁଣି ନ ଥିଲା । ଶୁକ୍ରବାର ରାତିରେ ଜଣେ ଅସାମାଜିକ ଯୁବକ ବଳାତ୍କାର ଉଦ୍ୟମ କରି ବିଫଳ ହେବାରୁ ଘର ଭିତରେ ଥିବା ଆସବାପତ୍ର, ବହିପତ୍ର, ଶାଢ଼ୀ, ପୋଷାକ ଆଦି ପୋଡି ଦେଇଛନ୍ତି। ଏହାକୁ ନେଇ ଗ୍ରାମର ଯୁବକମାନଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। କେତେକ ଯୁବକ ସକାଳେ ଅଭିଯୁକ୍ତଙ୍କୁ ଖୋଜି ପାଇଲା ପରେ ଥାନାରେ ଜିମା ଦେଇଛନ୍ତି। ଦଫା ୪୫୭, ୩୩୫, ୩୫୪, ୩୫୪ (ବି), ୨୯୪, ୫୦୬ରେ ମାମଲା ରୁଜୁ କରି ପୋଲିସ ତଦନ୍ତ କରୁଥିବା ଥାନା ଆଇଆଇସି ସୂର୍ଯ୍ୟକାନ୍ତି ଦାସଙ୍କଠାରୁ ଜଣାପଡିଛି।

# ଟ୍ରାକ୍ଟର ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା: ରାସ୍ତାରୋକୋ

ସୁନ୍ଦରଗଡ଼, ୨୬।୧୦ (ଡି.ଏନ୍.ଏ.)

ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ସିଆଁବାହାଲଠାରେ ଶନିବାର ସକାଳେ ଦୁର୍ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ସକାଳ ପ୍ରାୟ ୯ଟା ବେଳେ ଏକ ଟ୍ରାକ୍ଟର ଧକ୍କାରେ ତୁରିଆ ବାର୍ଲା (୮୦) ନାମକ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିଲା। ସେ ଚାଲିଚାଲି ଘରକୁ ଯାଉଥିବା ବେଳେ ପଛପାଖରୁ ଦ୍ରୁତଗତିରେ ଆସୁଥିବା ଏକ ଟ୍ରାକ୍ଟର ତାଙ୍କ ଉପରେ ଚଢିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇବା ପରେ ଭାରସାମ୍ୟ ହରାଇ ଟ୍ରାକ୍ଟର ରାସ୍ତା ତଳକୁ ଓଲଟି ପଡିଥିଲା। ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକେ ନିଶାଗ୍ରସ୍ତ ଟ୍ରାକ୍ଟର ଡ୍ରାଇଭରଙ୍କୁ ଧରି ମାଡ଼ ମାରିଥିଲେ। ପରେ ଖବରପାଇ ସଦର ଥାନା ଆଇଆଇସି ରମାକାନ୍ତ ସାଏ ଦୁର୍ଘଟଣାସ୍ଥଳରେ ପହଞ୍ଚି ଡ୍ରାଇଭରଙ୍କୁ ଉଦ୍ଧାର କରିଥିଲେ। ସେଠାରେ ସ୍ଥାନୀୟ ଲୋକେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିକରି ରାସ୍ତାରେ ବସିଥିଲେ। ପରେ ରେଡକ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ମୃତକଙ୍କ ପରିବାର ଲୋକଙ୍କୁ ପ୍ରଦାନ କରାଯାଇଥିଲା। ଉକ୍ତ ଲୋକଙ୍କୁ ପୋଲିସ ବୁଝାଶୁଝା କରିବା ପରେ ଉତ୍ତେଜନା କମିଥିଲା ଓ ରାସ୍ତାରୋକୋ ହଟିଥିଲା। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ସକାଶେ ସୁନ୍ଦରଗଡ଼ ଡାକ୍ତରଖାନାକୁ ପଠାଇଥିଲା। ଲୋକଙ୍କ ମାଡ଼ରେ ଆହତ ଟ୍ରାକ୍ଟର ଚାଳକଙ୍କୁ ମଧ୍ୟ ଉଦ୍ଧାର କରି ଚିକିତ୍ସା ପାଇଁ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟର ଓଡି ୧୬ବି ୦୬୬୭କୁ ପୋଲିସ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

■ ହାତୀପଲର ଉପଦ୍ରବ

# ଚାଷ ଜମି ନଷ୍ଟ



ହାତୀ ଉପଦ୍ରବ ଯୋଗୁ ଫସଲ ନଷ୍ଟ ହୋଇଛି।

ବାଲିଶଙ୍କରା, ୨୬।୧୦ (ଡି.ଏନ.ଏ)

ସୁନ୍ଦରଗଡ ବନଖଣ୍ଡ ରାଉଲଡେଗା ସେକସନ୍ ବାଲିଶଙ୍କରା, ତେଲିଯୋର, ମହୁଲଗାଁ, ହେଣ୍ଡୁଆସୁଖା, କରୁଆବାହାଲ, ଘୋଘର ଗ୍ରାମମାନଙ୍କରେ ହାତୀପଲର ଉପଦ୍ରବ ଦେଖିବାକୁ ମିଳିଛି। ସଞ୍ଜ ହେବା ପରେ ଛତିଶଗଡ ପଟୁ ୧୨ରୁ ୧୫ଟି ଜଙ୍ଗଲି ହାତୀ ପହଞ୍ଚି ବିଲମାନଙ୍କରେ ପଶି ମାଡ଼ିଦଳି ଦେଉଛନ୍ତି। ଫଳରେ ଏକର ଏକର ଜମିର ଫସଲ ନଷ୍ଟ କରିଦେଉଥିବା ଦେଖିବାକୁ ମିଳିଛି। ଏପଟେ ପ୍ରବଳ ବର୍ଷା ସାଙ୍ଗକୁ ଲୋକେ ଘରୁ ବାହାରି ପାରୁ ନ ଥିବାବେଳେ ହାତୀପଲ ବିଲରେ ପଶି ଦଳି ଚକଟି ସମ୍ପୂର୍ଣ୍ଣ ନଷ୍ଟ କରିଦେଉଛନ୍ତି। ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଏକର ପ୍ରତି ୧୦ ହଜାର ଟଙ୍କା କ୍ଷତି ପୂରଣ ଦେଉଛି ବନବିଭାଗ। ପ୍ରକୃତରେ ଏକର ପ୍ରତି ଚାଷୀଙ୍କ ଚାଷ କାର୍ଯ୍ୟ ପାଇଁ ୨୦ ହଜାରରୁ ୨୫ ହଜାର ଖର୍ଚ୍ଚ ହେଉଛି। ସରକାରଙ୍କ କ୍ଷତିପୂରଣ ଚାଷୀଙ୍କ ପାଇଁ ସମୁଦ୍ରକୁ ସଙ୍ଖେ ପାଣି ସଦୃଶ। ସେଥିପାଇଁ କ୍ଷତିପୂରଣ ବୃଦ୍ଧି କରିବାକୁ ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି।

■ ସୁନ୍ଦରଗଡ଼ ଜିଲା ମହିଳା ଫୁଟବଲ ଚାମ୍ପିୟନଶିପ୍

# ଫାଇନାଲରେ ସୁନ୍ଦରଗଡ ଏକାଦଶ, ସେଣ୍ଟ୍ ମେରୀ ବିଦ୍ୟାଳୟ

ସୁନ୍ଦରଗଡ଼, ୨୬।୧୦ (ଡି.ଏନ୍.ଏ)

ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ସୁନ୍ଦରଗଡ ଷ୍ଟାଡିୟମଠାରେ ଚାଲିଥିବା ଜିଲା ମହିଳା ଫୁଟବଲ ଚାମ୍ପିୟନଶିପର ଶନିବାର ଥିଲା ସେମିଫାଇନାଲ ମ୍ୟାଚ୍। ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ସୁନ୍ଦରଗଡ ମହିଳା ଏକାଦଶ ଏକ ସଂଘର୍ଷପୂର୍ଣ୍ଣ ଖେଳଖେଳି କୁଆଁରମୁଣ୍ଡା ୟଙ୍ଗ ଆସୋସିଏସନ୍ ଦଳକୁ ୨-୦ ଗୋଲରେ ପରାସ୍ତ କରିଥିଲା। ଦ୍ୱିତୀୟ ସେମିଫାଇନାଲରେ ସେଣ୍ଟ ମେରୀ ବିଦ୍ୟାଳୟ ସୁନ୍ଦରଗଡ ଏବଂ ରାଉରକେଲା ମହିଳା ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ଅତି ସଂଘର୍ଷପୂର୍ଣ୍ଣ ଖେଳ ପ୍ରଦର୍ଶନ କରି ପେନାଲିଟି ସୁଟ ଆଉଟ ମାଧ୍ୟମରେ ସେଣ୍ଟମେରୀ ଦଳ ରାଉରକେଲା ମହିଳା ଏକାଦଶକୁ ପରାସ୍ତ କରିଥିଲେ। ପୂର୍ବତନ ବିଧାୟକ ତଥା ବିଜେଡି ନେତା ଯୋଗେଶ କୁମାର ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଥମ କରି ଜିଲାରେ ଏଭଳି ମହିଳା ଫୁଟବଲ ଚାମ୍ପିୟନଶିପ ଆୟୋଜନ କରିଥିବାରୁ ଜିଲା କ୍ରୀଡାସଂସଦ କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଥିଲେ। ଏହା ମାଧ୍ୟମରେ ପ୍ରତିଭାବାନ ମହିଳା ଖେଳାଳିମାନେ ନିଜର କ୍ରୀଡା ନୈପୁଣ୍ୟତା ପ୍ରଦର୍ଶନ ପାଇଁ ସୁଯୋଗ ମିଳିବ ବୋଲି କହିଥିଲେ। ନିଷ୍ଠାର ସହ ଖେଳ ପ୍ରଦର୍ଶନ କରି ଆଗକୁ ବଢିବାକୁ ଖେଳାଳିମାନଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଶାସକ ତଥା ଜିଲା ପାରିପାର୍ଶ୍ୱିକ ଉନ୍ନୟନ ପରିଷଦର ମୁଖ୍ୟ ଦୁର୍ଗାମାଧବ ପଟେଲ ଏବଂ ସଦର ବ୍ଲକ ଉପାଧ୍ୟକ୍ଷ ଅଶ୍ୱିନୀ ନାଏକ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମ୍ୟାଚ୍ ପୂର୍ବରୁ ଜିଲା କ୍ରୀଡା ସଂସଦର ବରିଷ୍ଠ ସଦସ୍ୟ ଦିବ୍ୟସିଂ ନାଏକଙ୍କ ସ୍ମୃତିରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସୁନ୍ଦରଗଡ଼ ମହିଳା ଏକାଦଶର ସୁମିତ୍ରା ହେମ୍ବ୍ରମ ଓ ସେଣ୍ଟମେରୀ ଉଚ୍ଚବିଦ୍ୟାଳୟର ଲକ୍ଷ୍ମୀ ମାଝିଙ୍କୁ ଉତ୍କୃଷ୍ଟ ଖେଳ ପ୍ରଦର୍ଶନ ପାଇଁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ମ୍ୟାଚ୍‌ଗୁଡିକୁ ସୁଶାନ୍ତ ଷଣ୍ଢ, ସୁଶୀଲ ପଟେଲ, ପ୍ରସନ୍ନ ଭୋଇ, ରୋମାଞ୍ଚ ଭିଖୋଲ ପରିଚାଳନା କରିଥିଲେ। ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ ଭୋଳଙ୍କ ତତ୍ତ୍ୱାବଧାନରେ ଉପସଭାପତି ରାଜେନ୍ଦ୍ର ମହାନ୍ତି, ସହସମ୍ପାଦକ ଜୟଦେବ ପାତ୍ର, ଫୁଟବଲ ସମ୍ପାଦକ ନିତ୍ୟକୁମାର ବଳ, ବିଶ୍ୱରଞ୍ଜନ ହୋତା, ଦୁର୍ଗାମାଧବ ନାଏକ, ଆଶୀଷ ଦେ, ଶିଶିର ପଟେଲ, ପ୍ରଶାନ୍ତ ପଟେଲ, ସୁରଜ ଭିଖୋଲ, ଅଜୟ ବହିଦାର, ପ୍ରସାଦ ନାଏକ, ପ୍ରଶାନ୍ତ ପଟେଲ, ଅକ୍ଷୟ ନାଏକ, ବୀରମିତ୍ର କାଲୋ ପ୍ରମୁଖ ଉପସ୍ଥିତ ରହି ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ। ଆସନ୍ତା ୨୯ ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଜିଲା କ୍ରୀଡା ସଂସଦ ତରଫରୁ କୁହାଯାଇଛି।



ମହିଳା ଫୁଟବଲ ଚାମ୍ପିୟନଶିପରେ ଅତିଥିଙ୍କ ସହ ଖେଳାଳି।



କ୍ଷମତାର ମୁକୁଟ ଭିତରେ କଣ୍ଟା ମଧ ଥାଏ, ଠିକ୍ ଭାବରେ ତାକୁ ପିନ୍ଧି ନ ଜାଣିଲେ ମୁଣ୍ଡ ଖଣ୍ଡିଆ ହୋଇଯାଏ।
- ଜେମ୍ସ କୁକ୍



## ସଂକ୍ଷେପରେ

### ଟ୍ରେନ୍ ଇଞ୍ଜିନ ଧକ୍କାରେ ଯୁବକ ମୃତ

**ରାଉରକେଲା ଅଫିସ,୨୬।୧୦-** ଛେଣ୍ଡ କଲୋନୀ ନିକଟସ୍ଥ ରେଳ ଧାରଣାରେ କଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାମ ନିଶାନ୍ତ ଲାକ୍ରା(୨୨)। ସେ ପାନପୋଷ ବସ୍ତି ବାସିନ୍ଦା ବୋଲି ସୂଚନା ମିଳିଛି। ରେଲୱେ ପୋଲିସ ମୃତଦେହ ଜବତ କରି ତଦନ୍ତ କରୁଛି। ତାଙ୍କୁ ଶନିବାର ମଧ୍ୟାହ୍ନରେ ଏକ ରେଳ ଇଞ୍ଜିନ ଧକ୍କା ଦେଇଥିବା ଅଭିଯୋଗ ହୋଇଛି । ସେ କୌଣସି କାରଣରୁ ରେଳ ଧାରଣା ପାରହେଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି ।

### ଗୃହସ୍ଥି ଉଦ୍ୟୋଗ ସମ୍ମୁଖରେ ଶ୍ରମିକ ସଂଘର ବିକ୍ଷୋଭ

**ରାଉରକେଲା ଅଫିସ,୨୬।୧୦-**ମସଲା କମ୍ପାନୀ ଗୃହସ୍ଥି ଉଦ୍ୟୋଗରେ କାମ କରୁଥିବା ଶ୍ରମିକଙ୍କୁ ନ୍ୟାୟୋଚିତ ପ୍ରାପ୍ୟ ମିଳୁ ନ ଥିବାରୁ ସୁନ୍ଦରଗଡ଼ ଶ୍ରମିକ ସଂଘ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ଶ୍ରମିକଙ୍କ ୪ ଦଫା ଦାବି ନେଇ ଶ୍ରମିକ ସଂଘ ଓ ଗାଙ୍ଗପୁର ମଜଦୁର ମଞ୍ଚ ପକ୍ଷରୁ ମିଳିତ ଭାବେ ଏହାର ଛେଣ୍ଡ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଉଦ୍ୟୋଗର ମୁଖ୍ୟ ଫାଟକ ସମ୍ମୁଖରେ ଆୟୋଜିତ ବିକ୍ଷୋଭ ପ୍ରଦର୍ଶନ ବେଳେ ଉଭୟ ୟୁନିୟନର ନେତୃମଣ୍ଡଳୀ ଉପସ୍ଥିତ ଥିଲେ। ସଂଘ କାର୍ଯ୍ୟକାରୀ ସଭାପତି ଅକ୍ଷୟ ଜେନା ଏଥିରେ ଅଧକ୍ଷତା କରିଥିଲେ। ତୁରନ୍ତ ଏ ଦିଗରେ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ଜେନା ଦାବି କରିଥିଲେ। ଗାଙ୍ଗପୁର ମଜଦୁର ମଞ୍ଚ ସାଧାରଣ ସମ୍ପାଦକ ଗୋପାଳ ଦାସ ଶ୍ରମିକଙ୍କ ସମସ୍ତ ପ୍ରାପ୍ୟ ପ୍ରଦାନ ନ କଲେ ଆନ୍ଦୋଳନକୁ ଜୋର୍‌ଦାର କରାଯିବ ବୋଲି ଚେତାବନୀ ଦେଇଥିଲେ ।



ରାଉରକେଲାର ବିଶ୍ରା ଷ୍ଟାଡିୟମରେ ଖୋଲା ଯାଇଥିବା ବାଣବଜାର।

# କୋହଲା ପାଗ ଯୋଗୁ ବାଣ କାରବାର ମାନ୍ଦା

**ରାଉରକେଲା ଅଫିସ,୨୬। ୧୦**

ଷ୍ଟିଲ ସିଟିରେ ଚଳିତ ବର୍ଷ ଲଘୁଚାପ ଜନିତ ବର୍ଷା ଯୋଗୁ ଦୀପାବଳି ମାନ୍ଦା ପଡିବା ଆଶଙ୍କା ସୃଷ୍ଟି ହୋଇଛି। ଦୁଇଦିନ ଲଗାଣ ବର୍ଷା ପରେ ଶନିବାର ପାଗ ଟିକେ ବଦଳିଛି। ବର୍ଷା ନ ଥିଲେ ବି ଆକାଶ ମେଘାଚ୍ଛନ୍ନ ରହିଛି। ଆଲୋକର ପର୍ବ ଦୀପାବଳି ଲୋକେ ଆନନ୍ଦ ଉଲ୍ଲାସରେ ମନେଇବାକୁ ଚାହିଁ ବସିଥିବା ବେଳେ କୋହଲା ପାଗ ସମସ୍ତଙ୍କ ମନକୁ ଫିକା କରି ଦେଇଛି। ଏମିତି ଅବସ୍ଥାରେ ଷ୍ଟିଲ ସିଟିର ବିଭିନ୍ନ ସ୍ଥାନରେ ଖୋଲା ଯାଇଥିବା ବାଣ ବଜାରରେ ଆଶାନୁରୂପ ଭିଡ ଦେଖିବାକୁ ମିଳିନି। ଶନିବାର ଆରମ୍ଭ ହୋଇଥିବା ବାଣ ବଜାର ଫାଙ୍କା ପଡିଥିଲା। ରବିବାର କାରବାର ଭଲ ହେବ ବୋଲି ବ୍ୟବସାୟୀ ଆଶା ବାନ୍ଧି ବସିଛନ୍ତି। ଏନେଇ ବିର୍ଶା ଷ୍ଟାଡିୟମରେ ୯୨ଟି ବାଣ ଦୋକାନ ଖୋଲିଥିବା ବେଳେ ସେକ୍ଟର-୧୩ ମେଲଣ ପଡିଆରେ ୧୨୬ଟି ଓ ଫର୍ଟିଲାଇଜର ଟାଉନଶିପ୍ ପାଣିଟାଙ୍କି ମାର୍କେଟରେ ୧୫ଟି ବାଣ ଦୋକାନ ଖୋଲାଯାଇଛି। ଏନେଇ ଅଗ୍ନିଶମ ବିଭାଗ ସହକାରୀ ଫାୟାର ଅଫିସର କମଲ ଗୌଡଙ୍କଠାରୁ ସୂଚନା ମିଳିଛି। ଏସବୁ ସ୍ଥାନରେ ଖୋଲିଥିବା ବାଣ ଦୋକାନକୁ କିପରି ସୁରକ୍ଷା ଦିଆଯାଇ ପାରିବ ସେନେଇ ଉଭୟ ବ୍ୟବସାୟୀ ଓ ଅଗ୍ନିଶମ ବିଭାଗ ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ ନିଆଯାଇଛି। ବେଆଇନ ବାଣ ଦୋକାନ ଉପରେ କଡା କାର୍ଯ୍ୟାନୁଷ୍ଠାନ ନେବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି। ରବିବାର ପାଗ ଶୁଖିଲା ରହିଲେ ଦୀପାବଳି ସନ୍ଧ୍ୟାରେ ଭଲ କାରବାର ହେବ ବୋଲି ଅନେକେ ଆଶା ବ୍ୟକ୍ତ କରିଛନ୍ତି।

## କାଳୀପୂଜା ପାଇଁ ଇସ୍ପାତ୍‌ସହର ଉତ୍ସବମୁଖର

ଶନିବାରଠାରୁ ଷ୍ଟିଲସିଟିରେ କାଳୀପୂଜା ଆରମ୍ଭ ହୋଇଯାଇଛି। ଏଥିପାଇଁ ସହର ଉତ୍ସବ ମୁଖର ହୋଇଉଠିଛି। ଗତ ଦୁଇ ଦିନ ଧରି ଲଗାଣ ବର୍ଷା ଯୋଗୁ ଦୀପାବଳି ପର୍ବ ଫିକା ପଡ଼ିବ ବୋଲି ଆଶା କରାଯାଉଥିଲା। ମାତ୍ର ଶୁକ୍ରବାରଠାରୁ କେବଳ ମେଘୁଆ ପାଗ ରହିଛି । ହେଲେ ବର୍ଷା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଫଳରେ କାଳୀପୂଜା ପାଇଁ ସହର ଚଳଚଞ୍ଚଳ ହୋଇ ଉଠିଛି। ସହରର ସେକ୍ଟର-୧,୧୫,୧୭, ଫର୍ଟିଲାଇଜର କଲୋନୀ, ବନ୍ଧମୁଣ୍ଡା ଇତ୍ୟାଦି ଅଞ୍ଚଳରେ ମୋଟ ୩୮ଟି ପେଣ୍ଡାଲରେ ମା'କାଳୀ ପୂଜା ପାଇବେ ବୋଲି କେନ୍ଦ୍ରୀୟ ପୂଜା କମିଟି ସାଧାରଣ ସମ୍ପାଦକ ରାଜୀବ ପ୍ରତିହାରୀ ସୂଚନା ଦେଇଛନ୍ତି। ଏଥିପାଇଁ ପୂଜାମଣ୍ଡପ ରଙ୍ଗବେରଙ୍ଗ ଆଲୋକମାଳାରେ ଝଲସୁଛି। ବର୍ଷା ଛାଡିଯାଇଥିବାରୁ ଜନସାଧାରଣ ଉତ୍ସାହର ସହିତ ପୂଜା ଦେଖିବାକୁ ଚାହିଁ ରହିଛନ୍ତି। ଏହାସହିତ ଶୁକ୍ରବାର ଧନତେରାସରେ ମଧ ବିଭିନ୍ନ ଗହଣା ଦୋକାନରେ ଭିଡ ପରିଲକ୍ଷିତ ହୋଇଥିଲା। ଭିଡକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହାସହ ଟ୍ରାଫିକ ନିୟନ୍ତ୍ରଣ ପାଇଁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଭାବେ ନଜର ରଖାଯାଇଛି। ଆସନ୍ତା ୧ ତାରିଖ ଦିନ ମା'କାଳୀଙ୍କ ଭସାଣି ଅନୁଷ୍ଠିତ ହେବ । ବାଲୁଘାଟ ଠାରେ ଦେବୀଙ୍କୁ ବିସର୍ଜନ କରାଯିବ ବୋଲି ପ୍ରତିହାରୀ କହିଛନ୍ତି।

## କୁଆ୍ରା ଥାନା ଅଞ୍ଚଳରୁ ଚୋରା ବୋଲେରୋ ଉଦ୍ଧାର

**ବେଦବ୍ୟାସ, ୨୬।୧୦ (ଡି.ଏନ.ଏ)**

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ କଲୁଙ୍ଗା କରତକଲ ଛକ ଚାଉମିନ ଦୋକାନ ନିକଟରେ ଠିଆ ହୋଇଥିବା ବୋଲେରୋ ଗତ ୨୩ତାରିଖ ରାତିସାଢ଼େ ୯ଟାବେଳେ ଚୋରି ହୋଇଥିଲା । ଶନିବାର ଅପରାହ୍ନ ୨ଟାରେ ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ବିଶେଷସୂତ୍ରରୁ ଖବରପାଇ କୁଆ୍ରା ଥାନା ଅଞ୍ଚଳରୁ ଉଦ୍ଧାର କରିଛି। ସୂଚନା ଥାଉକି ଗତ ୨୩ ତାରିଖ ବୋଲେରୋ ଗାଡି ନଂ. ଓଡି ୧୪ ଏନ- ୭୧୬୬ କଲୁଙ୍ଗା କରତକଲ ଛକ ଚାଉମିନ ଦୋକାନ ନିକଟରେ ଠିଆ କରି ଗାଡି ମାଲିକଙ୍କ ପୁଅ ପ୍ରକାଶ କିଷାନ ଶୌଚ ପାଇଁ ଯାଇ ଫେରି ଦେଖିଲେ ସେହି ସ୍ଥାନରେ ଗାଡି ନାହିଁ। ଏନେଇ ୨୪ ତାରିଖ ଗାଡି ମାଲିକ ଶିବ କିଷାନ ବ୍ରାହ୍ମଣୀତରଙ୍ଗ ଥାନାରେ ଚୋରିକୁ ନେଇ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ମାମଲା (ନଂ. ୨୫୬/୧୯) ରୁଜୁ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ବିଶେଷ ସୂତ୍ରରୁ ଖବରପାଇ ନୂତନ ଭାରପ୍ରାପ୍ତ ଅଧିକାରୀ ଭାବେ ଯୋଗଦେଇଥିବା ସଂଗ୍ରାମ ବିଶ୍ୱାଳ, ଏସଆଇ ବିକାଶ କଲେଟ, ଏସଆଇ ସୁବ୍ରତ ପଣ୍ଡା ପ୍ରମୁଖ ସଦଳବଳେ ବୋଲେରୋ ଗାଡିକୁ ଉଦ୍ଧାର କରି ଗାଡି ମାଲିକ ଶିବ କିଷାନଙ୍କୁ ହସ୍ତାନ୍ତର କରିଥିଲେ। ଏନେଇ ବ୍ରାହ୍ମଣୀତରଙ୍ଗ ଥାନା ଭାରପ୍ରାପ୍ତ ଅଧିକାରୀ ସଂଗ୍ରାମ ବିଶ୍ୱାଳଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ ସର୍ବସାଧାରଣଙ୍କ ଧନ ଜୀବନ ରକ୍ଷା କରିବା ପୋଲିସର ପ୍ରଥମ କର୍ତ୍ତବ୍ୟ । କର୍ତ୍ତବ୍ୟ ଅନୁଯାୟୀ ପୋଲିସ ନିଜର କର୍ତ୍ତବ୍ୟ ପାଳନ କରିଛି। ଏନେଇ ଗାଡି ମାଲିକ ଶିବ କିଷାନଙ୍କୁ ଯୋଗାଯୋଗକରିବାରୁ ସେ କହିଲେ, ପୋଲିସ ପ୍ରଶାସନର ଉଦ୍ୟମ ଯୋଗୁ ମୋର ଚୋରି ଗାଡିକୁ ପାଇଲି।

## ଚାଉଳ ବ୍ୟବସାୟୀଙ୍କଠାରୁ ୮୨ ହଜାର ଲୁଟ୍

**ଲହୁଣୀପଡା, ୨୬।୧୦ (ଡି.ଏନ.ଏ)-** ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ରାଜାମୁଣ୍ଡା ପଞ୍ଚାୟତର ଗମଲେଇ ସାପ୍ତାହିକ ବଜାର ଚାଉଳ ବ୍ୟବସାୟୀଙ୍କ ଠାରୁ ୮୨ ହଜାର ଟଙ୍କା ଲୁଟ୍ ହୋଇଛି। ଟଙ୍କାନେଇ ଦୁର୍ବୃତ୍ତମାନେ ଫେରାର୍ ହୋଇଯାଇଥିବା ଥାନାରେ ଅଭିଯୋଗ ହୋଇଛି। ପ୍ରାପ୍ତସୂଚନା ଅନୁସାରେ ଗମଲେଇ ଶନିବାର ସାପ୍ତାହିକ ବଜାରରେ ଦେବେନ୍ଦ୍ର ପତି ଚାଉଳ ବ୍ୟବସାୟ କରନ୍ତି। ସେ ଏକ ବ୍ୟାଗରେ ଟଙ୍କା ରଖି ଥିବାବେଳେ ଜଣେ ତାଙ୍କ ବ୍ୟାଗକୁ ଝିଙ୍କି ନେଇଥିଲେ। ପରେ ବାଇକ୍‌ରେ ପଳାଇ ଯାଇଥିଲେ। କିଛି ଲୋକ ପିଛା କରି ମଧ ଧରିପାରି ନ ଥିଲେ । ଏ ସମ୍ପର୍କରେ ଲହୁଣୀପଡା ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ତନାଘନା ଆରମ୍ଭ କରିଥିଲେ। ଖମଲେଇ ବଜାର ନିକଟରେ ଯାଇଥିବା ୧୪୩ ନମ୍ବର ଜାତୀୟ ରାଜପଥ ରାଜାମୁଣ୍ଡା ବାଇପାସ ଖଣ୍ଡାଧାର ପେଟ୍ରୋଲ ପମ୍ପ ପାଖରେ ଏକ ନମ୍ବର ବିହୀନ ପଲସର ବାଇକ ଛିଡା ହୋଇଥିବା ଖବର ପାଇ ପୋଲିସ ବାଇକକୁ ଜବତ କରି ଥାନାରେ ରଖିଛି । ଦୁର୍ବୃତ୍ତମାନେ ରାଉରକେଲା ପଟେ ଯାଉଥିବା ବେଳେ ବାଇକର ଚେନ ଛିଣ୍ଡି ଯିବାରୁ ବାଇକୁ ଛାଡି ଦେଇ ପଳାଇଥିବା ପୋଲିସ ଅନୁମାନ କରୁଛି ।

# ମୋ ସରକାର ଯୋଜନା ରୂପାୟନ ପରଖିଲେ ଏସ୍‌ପି

**ବଲାଙ୍ଗୀର ଅଫିସ, ୨୬।୧୦**

ରାଜ୍ୟ ସରକାର ମୋ ସରକାର ଯୋଜନା ଲାଗୁ କଲାପରେ ବଲାଙ୍ଗୀର ଜିଲାରେ ଏହି ଯୋଜନା କିଭଳି ରୂପାୟନ ହେଉଛି ଅଭିଯୋଗକାରୀଙ୍କ ନିକଟକୁ ଯାଇ ପରଖିଛନ୍ତି ଏସ୍‌ପି ମଡକର ସନ୍ଦୀପ ସମ୍ପଦ। ଶନିବାର ଅପରାହ୍ନରେ ଟାଉନ ଥାନା ଅନ୍ତର୍ଗତ ଗାନ୍ଧୀନଗର ପଡାର ରାଜେଶ ପଟେଲଙ୍କ ଘରେ ପହଞ୍ଚିଥିଲେ ଏସ୍‌ପି ସମ୍ପଦ । ଟାଉନ ଥାନା ଅଧିକାରୀ ସଂଗ୍ରାମ କେଶରୀ ପଟ୍ଟନାୟକ, ସଦର ଏସ୍‌ଡିପିଓ ଶ୍ରୀମନ୍ତ ବାରିକଙ୍କ ଉପସ୍ଥିତିରେ ଅଭିଯୋଗକାରୀଙ୍କୁ ଫୁଲତୋଡା ସହ ଥାନା ଅଧିକାରୀ, ଏସଡିପି ଓ ଏବଂ ଏସ୍‌ପିଙ୍କ ମୋବାଇଲ୍ ନମ୍ବର ଥିବା ଏକ ଭିଜିଟିଂ କାର୍ଡ ପ୍ରଦାନ କରାଯାଇଥିଲା। କିଛି ଦିନ ତଳେ ବଡଭାଇ ମୋହନ ପଟେଲ ଏକ ବାଇକ ଦୁର୍ଘଟଣାର ସମ୍ମୁଖୀନ ହେବା ପରେ ଟାଉନ ଥାନାରେ ଅଭିଯୋଗ କରିଥିଲେ ରାଜେଶ । ଥାନାକୁ ଅଭିଯୋଗ କରିବାକୁ ଯାଇଥିବା ସମୟରେ ପୋଲିସ ପକ୍ଷରୁ ତାଙ୍କୁ କିଭଳି ବ୍ୟବହାର ପ୍ରଦର୍ଶନ କରାଯାଇଥିଲା, ପିଇବାକୁ ପାଣି ଓ ବସିବାକୁ ଚୌକି ଦିଆଯାଇଥିଲା ନା ନାହିଁ, ଅଭିଯୋଗ ଉପରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ନେଇ ଅଭିଯୋଗକାରୀ ସନ୍ତୁଷ୍ଟ ହୋଇଛନ୍ତି ନା ନାହିଁ ପଚାରି ବୁଝିଥିଲେ। ଏହି ଘଟଣାରେ ଟାଉନ ଥାନାକୁ ୫ ମାର୍କରୁ କେତେ ମାର୍କ ଦେବେ ବୋଲି ପଚାରିଥିଲେ ଏସ୍‌ପି । ପୋଲିସର ବ୍ୟବହାର ଓ କାର୍ଯ୍ୟରେ ସନ୍ତୋଷ ପ୍ରକାଶ କରିବା ସହ ଟାଉନ ଥାନା ପୋଲିସକୁ ସେ ୫ମାର୍କ ଦେଉଥିବା ନେଇ ରାଜେଶ ଏସପିଙ୍କୁ ଜଣାଇଥିଲେ । ସେହିପରି ବେହେରାପାଲିର ରୀନା କୁମ୍ଭାର ନାମକ ଜଣେ ଅଭିଯୋଗକାରିଣୀଙ୍କ ଘରକୁ ଯାଇଥିଲେ ଏସ୍‌ପି । ବଡଭାଇ ବିଭିନ୍ନ ସମୟରେ ଗାଳିଗୁଲଜ ଓ ମାରଧର କରୁଥିବା ନେଇ ଟାଉନ ଥାନାରେ ଅଭିଯୋଗ କରିଥିଲେ ରୀନା । ବରିଷ୍ଠ ପୋଲିସ ଅଧିକାରୀମାନେ ଘରକୁ ଆସି ତାଙ୍କ ଅଭିଯୋଗ ଉପରେ ପଚାରି ବୁଝିଥିବାରୁ ରୀନା ସନ୍ତୋଷ ପ୍ରକାଶ କରିଛନ୍ତି । ରାଜ୍ୟ ସରକାରଙ୍କ ମୋ ସରକାର ଯୋଜନା ଲାଗୁ ପରେ କେବଳ ବଲାଙ୍ଗୀର ଟାଉନ ଥାନା ଅଞ୍ଚଳ କାହିଁକି ଜିଲାର ସମସ୍ତ ଥାନା ଅଞ୍ଚଳକୁ ଗସ୍ତ କରି ଅଭିଯୋଗକାରୀଙ୍କ ନିକଟରେ ପହଞ୍ଚି ପୋଲିସ କାର୍ଯ୍ୟକଳାପ ସମ୍ପର୍କରେ ପଚାରିବ ବୋଲି ଏସପି ସମ୍ପଦ ସୂଚନା ଦେଇଛନ୍ତି ।



ବେହେରାପାଲିର ରୀନା କୁମ୍ଭାରଙ୍କୁ ଏସ୍‌ପି ମଡକର ସନ୍ଦୀପ ସମ୍ପଦ ଫୁଲତୋଡା ଦେଉଛନ୍ତି ।

■ ବକେୟା ଦରମା ପ୍ରଦାନ ଦାବି

# ମହାନଗର ନିଗମ ଅସ୍ଥାୟୀ କର୍ମଚାରୀଙ୍କ ଆନ୍ଦୋଳନ

**ରାଉରକେଲା ଅଫିସ,୨୬।୧୦**

ଦୁଇ ମାସର ବକେୟା ଦରମା ପ୍ରଦାନ ଦାବି ନେଇ ଶନିବାର ରାଉରକେଲା ମହାନଗର ନିଗମ ଅସ୍ଥାୟୀ ସଫେଇ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ଗତ ସେପ୍ଟେମ୍ବର ଓ ଅକ୍ଟୋବର ମାସର କର୍ମଚାରୀଙ୍କୁ ଦରମା ପ୍ରଦାନ ନେଇ ବାରମ୍ବାର ଦାବି ସତ୍ତ୍ୱେ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁ ନାହାଁନ୍ତି। ପାର୍ବଣ ଋତୁରେ ଦରମା ନ ମିଳିବା କର୍ମଚାରୀଙ୍କ ପରିବାର ଲୋକଙ୍କୁ ହତାଶ କରିଛି । କର୍ମଚାରୀ ନେତା ସମାରୁ ବିଭାରଙ୍କ ନେତୃତ୍ୱରେ ଏନେଇ ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନକୁ ଜୋର୍‌ଦାର କରାଯିବ ବୋଲି ଚେତାବନୀ ଦିଆଯାଇଛି।



ଧାରଣାରେ ବସିଛନ୍ତି ମହାନଗର ନିଗମ ଅସ୍ଥାୟୀ କର୍ମଚାରୀମାନେ।

# ତେଜାସ ଗୁଣବତ୍ତା ମଣ୍ଡଳୀର ପ୍ରୟାସ ଯୋଗୁ ଉତ୍ପାଦନ ବୃଦ୍ଧି

**ରାଉରକେଲା ଅଫିସ, ୨୬।୧୦**

ନୂତନ ପ୍ଲେଟ ମିଲ୍ ବିଭାଗର 'ତେଜାସ' ଗୁଣବତ୍ତା ମଣ୍ଡଳୀର ପ୍ରୟାସ ଯୋଗୁ ବିଭାଗର ଉତ୍ପାଦନ ଓ ଉତ୍ପାଦକତାରେ ଉନ୍ନତି ସାଧିତ ହୋଇଛି। ଏହି ଟିମ୍ ବିଭାଗରେ ରିହିଟିଂ ଫର୍ଣ୍ଣେସର ମିକ୍ସ ଗ୍ୟାସ୍ ନିର୍ଭରଶୀଳତାରେ ଉନ୍ନତି ଆଣିବା ଉପରେ କାର୍ଯ୍ୟ କରିଥିଲା। ସୂଚନାଯୋଗ୍ୟ,ନୂତନ ପ୍ଲେଟ୍ ମିଲ୍ ବିଭାଗରେ ବାରମ୍ବାର ମିକ୍ସ ଗ୍ୟାସ୍ ଚ୍ୟାମ୍ବରରେ ଅସ୍ଥିରତା ଅନୁଭୂତ ହେଉଥିଲା। ଏଥିଯୋଗୁ ପ୍ଲେଟ ଉତ୍ପାଦନ ପ୍ରଭାବିତ ହେଉଥିଲା। ଏହି ଦଳ କ୍ୟୁସିର ବିଭିନ୍ନ ଟୁଲ ଉପଯୋଗ କରି ଉକ୍ତ ସମସ୍ୟାର ମୂଳ କାରଣ ମୁଖ୍ୟ ଗ୍ୟାସ୍ କଣ୍ଟ୍ରୋଲ ଭଲ୍ଭରେ ରହିଥିବା ଚିହ୍ନଟ କରିଥିଲେ। ଏଥିପାଇଁ ଯୋଜନା ପ୍ରସ୍ତୁତ କରାଯିବା ସହ ଉପରୋକ୍ତ ଦଳ ଉତ୍ପାଦନକୁ ପ୍ରଭାବିତ ନ କରି ସଫଳତା ସହକାରେ ମିକ୍ସ ଗ୍ୟାସ୍ ପ୍ରେସର କଣ୍ଟ୍ରୋଲ ଭଲ୍ଭ ପରିବର୍ତ୍ତନ କରିଥିଲେ। ଦଳର ଏହି ପ୍ରୟାସ ଫଳରେ କାରଖାନାର ମାସିକ ୪୭ ଲକ୍ଷ ଟଙ୍କା ସଞ୍ଚୟ ହୋଇପାରିଛି। ସଦସ୍ୟମାନେ ହେଲେ ପ୍ଲେଟ ମିଲ ବିଭାଗର ଓସିଟି ଦୀପକ ସାହୁ ଓ ଗୋପବନ୍ଧୁ ବେହେରା, ଏସ୍‌ଓଏସ୍‌ଟି ଶୀର୍ଷାନନ୍ଦ ଦାସ, ଇନଷ୍ଟ୍ରୁମେଣ୍ଟ ବିଭାଗର ଓସିଟି ବିଘ୍ନେଶ ସାହୁ ଓ ବିଶ୍ୱଜିତ୍ ମଜୁମଦାର। ନୂତନ ପ୍ଲେଟ ମିଲ ବିଭାଗର ଡେପୁଟି ମ୍ୟାନେଜର ଅଭିଜିତ୍ ପଟ୍ଟନାୟକ ଉପରୋକ୍ତ ଦଳର ଫେସିଲିଟେଟର ଥିଲେ। ୨୦୧୮ ଗ୍ୱାଲିୟରଠାରେ ଅନୁଷ୍ଠିତ ଏନ୍‌ସିକ୍ୟୁସି ପ୍ରତିଯୋଗିତାରେ ଏହି ଦଳ ସର୍ବୋଚ୍ଚ ପୁରସ୍କାର ପାର ଏକ୍ସଲେନ୍ସ ଲାଭ କରିଥିଲା। ଏହି ଦଳରୁ ୩ଜଣ ସଦସ୍ୟ ଦୀପକ ସାହୁ, ଗୋପବନ୍ଧୁ ବେହେରା ଓ ଶୀର୍ଷାନନ୍ଦ ଦାସ ସିଆଇଆଇ ଦ୍ୱାରା ଗତ ଅଗଷ୍ଟ ମାସରେ ଆୟୋଜିତ ୧୯ତମ ଜାତୀୟ ୱାର୍କ ସ୍କିଲ ଏକ୍ସଲେନ୍ସ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପ୍ରଥମ ପୁରସ୍କାର ଲାଭ କରିଥିଲେ। ଏହାସହ ଉକ୍ତ ଦଳ ନିକଟରେ ଅନୁଷ୍ଠିତ ସିସିକ୍ୟୁସିରେ ମଧ ସ୍ୱର୍ଣ୍ଣ ପୁରସ୍କାର ଲାଭ କରିଥିଲେ।



ତେଜାସ ମଣ୍ଡଳୀର କର୍ମକର୍ତ୍ତାମାନେ ପୁରସ୍କାର ଗ୍ରହଣ କରୁଛନ୍ତି।

# ଗାନ୍ଧୀଙ୍କ ସ୍ୱପ୍ନ ସାକାର କରିବା ସଂକଳ୍ପ ଯାତ୍ରାର ଲକ୍ଷ୍ୟ: ଜୁଏଲ

**ରାଉରକେଲା ଅଫିସ,୨୬।୧୦**

ଗତ ୨ ତାରିଖଠାରୁ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ଭାଜପା ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ସଂକଳ୍ପ ଯାତ୍ରା ଜାରି ରହିଛି। ଏହା ବର୍ଷ ତମାମ ଚାଲିବ । ଏହାଦ୍ୱାରା ଗାନ୍ଧୀଙ୍କ ସଂକଳ୍ପ, ସିଦ୍ଧାନ୍ତ ଓ ଦର୍ଶନକୁ ପ୍ରତ୍ୟେକଙ୍କ ପାଖରେ ପହଞ୍ଚିପାରିବ । ରାଉରକେଲା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସିଭିଲ ଟାଉନଶିପ୍ ମଣ୍ଡଳ ପକ୍ଷରୁ ଶନିବାର ଗଙ୍ଗାଧରପାଲିଠାରେ ଉକ୍ତ ପଦଯାତ୍ରାକୁ ଏମ୍‌ପି ଜୁଏଲ ଓରାମ ଶୁଭାରମ୍ଭ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ ସ୍ୱଚ୍ଛ, ସ୍ୱଦେଶୀ, ସମୃଦ୍ଧ ଓ ବିକଶିତ ଭାରତ ଗଠନ କରିପାରିଲେ ଗାନ୍ଧିଜୀଙ୍କ ସ୍ୱପ୍ନ ସାକାର ହୋଇପାରିବ। ଏନେଇ ମୋଦି ସରକାର ଆନ୍ତରିକତା ସହ କାର୍ଯ୍ୟ କରୁଛି ବୋଲି ଓରାମ କହିଥିଲେ। ଏହା ଦ୍ୱାରା ସବ୍‌କା ସାଥ ସବ୍‌କା ବିକାଶ ହୋଇ ପାରିବ। ଦେଶକୁ ପ୍ଲାଷ୍ଟିକ ମୁକ୍ତ କରି ସ୍ୱଚ୍ଛ ପରିବେଶ ମଧ୍ୟରେ ଦେଶବାସୀଙ୍କୁ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ସୁଯୋଗ ଦେବା ଆଜିର ଦିନରେ ବଡ ପଦକ୍ଷେପ ହେବ ବୋଲି ଓରାମ କହିଥିଲେ। ମୋଦି ସରକାର ବିଭିନ୍ନ କଲ୍ୟାଣମୂଳକ ଯୋଜନା ମାଧ୍ୟମରେ ସବୁ ଲୋକଙ୍କୁ ନ୍ୟାୟ ତଥା ସହଯୋଗ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏଫ୍‌ସିଆଇ ଠାରେ ଶେଷ ହୋଇଥିବା ପଦଯାତ୍ରାରେ ୭୪ ଜଣ ବରିଷ୍ଠ ନାଗରିକଙ୍କୁ ଓରାମ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରିଥିଲେ। ରତ୍ନାକର ଭାରିମଲ୍ଲ ଓ ଉମେଶ ବେହୁରିଆ ଏହାକୁ ସଂଯୋଜନା କରିଥିଲେ। ଏଥିରେ ନିହାର ରାୟ, ଜିଲା ସଭାପତି ଜଗବନ୍ଧୁ ବେହେରା, ଭଗବାନ ରାଉତ, କିଶୁନ ସାହୁ, ଧୀରେନ ସେନାପତି ରାଜେନ୍ଦ୍ର ସାହୁ, ଶଶାଙ୍କ ଜେନା, ରାଇସନ ତିର୍କୀ, ଶେଖ ମୁଜାହିଦ, ନିରଞ୍ଜନ ରାଉତ, କାନ୍ତିପ୍ରିୟା ମହାରଣା, ଅମିତାଭ ସାମଲ, ବୀଣା ଦାସ, ଲିପ୍ସା ନାୟକ, ସୁବାସିନୀ ରାଉତ, କନକ ଦାସ ଓ ଶରତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।




ଗାନ୍ଧୀ ସଙ୍କଳ୍ପ ଯାତ୍ରାରେ ଏମପି ଜୁଏଲ ଓରାମ ଓ ଅନ୍ୟମାନେ।



ଯେଉଁ ଲୋକ କାମ ପ୍ରବୃତ୍ତି ଓ ନିଦ୍ରାକୁ ଜୟ କରିଛି, ସେ ପ୍ରକୃତ ଅର୍ଥରେ ଅମର ହୋଇଯାଇଛି।
-ଆରିଷ୍ଟଟଲ୍



# ବାରପାହାଡ଼ ମୁହାଁ ହାତୀପଲ

## ବିଦ୍ୟାଳୟ ପାଚେରି ଭାଙ୍ଗିଲେ, ଖେତରେ ପାକଳ ଧାନ ନଷ୍ଟ କଲେ



ହାତୀପଲ ସ୍କୁଲ ପାଚେରି ଭାଙ୍ଗି ଦେଇଛନ୍ତି ।



ବାରପାହାଡ ଜଙ୍ଗଲରେ ହାତୀ ।

**ଭଟଲି,୨୬।୧୦(ଡି.ଏନ.ଏ)**

ଦୀର୍ଘଦିନ ଧରି ଛତିଶଗଡ଼ ଜଙ୍ଗଲକୁ ଚାଲିଯାଇଥିବା ହାତୀପଲ ଶନିବାର ପୁଣିଥରେ ବରଗଡ ଜିଲା ଭଟଲି ନିକଟସ୍ଥ ବାରପାହାଡ଼ ଜଙ୍ଗଲକୁ ଫେରିଛନ୍ତି। ଏହି ହାତୀପଲ ମଧ୍ୟରୁ ୨ଟି ହାତୀ ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଦୁଆରି, ନାକଟିଛପର, କନକବିରା, ନୂଆଁଗଡ଼, ଗୋପାଳପୁର ଦେଇ ଭଟଲି ବ୍ଲକ ବାରପାହାଡ଼ ପାଦଦେଶରେ ଥିବା ଜିରାତରା ନିକଟରେ ରହିଥିବା ଜଣାପଡିଛି । ସେହି ୨ଟି ହାତୀ ଆସିବା ସମୟରେ ନୂଆଗଡ଼ ଗ୍ରାମରେ ଥିବା ହାଇସ୍କୁଲର ପ୍ରାୟ ୨୦ଫୁଟ ପାଚେରୀ ଭାଙ୍ଗିଦେଇଛନ୍ତି। ସେହିପରି ଅନେକ ରୋପଣ ହୋଇଥିବା ଚାରାକୁ ନଷ୍ଟ କରିଦେଇଛନ୍ତି। ଏହାସହିତ ଗ୍ରାମର ଭୋଜରାଜ ସା ଏବଂ ସୁଦାମ ସାହୁଙ୍କ ଧାନ ଫସଲ ନଷ୍ଟ କରିଥିବା ଜଣାପଡ଼ିଛି। ସେମାନେ ଭଟଲି ନିକଟସ୍ଥ ଗୋପାଳପୁର ଗ୍ରାମ ଦେଇ ଯିବା ସହିତ ଜିରାତରା ପର୍ଯ୍ୟନ୍ତ ଅନେକ ବିଲରେ ଥିବା ପାକଳ ଧାନ ଫସଲ ନଷ୍ଟ କରିଥିବା ଖବର ମିଳିଛି । ଏ ସମ୍ପର୍କରେ ଭଟଲି ବନ ବିଭାଗର ରେଞ୍ଜର ରାଜେନ୍ଦ୍ର ଭୋଇଙ୍କ ପଚାରିବାରୁ ସେ କହିଲେ, ବର୍ତ୍ତମାନ ଦୁଇଟି ହାତୀଙ୍କୁ ଠାବ କରାଯାଇଛି ଏବଂ ଅନ୍ୟ ହାତୀପଲ ଓଡ଼ିଶା-ଛତିଶଗଡ଼ ସୀମାରୁ ପ୍ରାୟ ୫୦ କିମି ଦୂରରେ ଥିବା ଖବର ମିଳିଛି। ବନ ବିଭାଗ ସେମାନଙ୍କ ଗତିବିଧି ଉପରେ ନଜର ରଖିଥିବା ସେ ପ୍ରକାଶ କରିଛନ୍ତି । ଗତ ରାତିରେ ସେହି ହାତୀ ଦେଖୁଲିଆ ଜଙ୍ଗଲ ମଧ୍ୟରେ ରହିଥିବା ବନ ବିଭାଗ ଜାଣି ପାରିବା ସହିତ ସେମାନଙ୍କ ପ୍ରତି ନଜର ରଖିଥିଲା । ତେବେ ହାତୀମାନେ ଶନିବାର ଭୋର ପ୍ରାୟ ୪ଟାରେ ନୂଆଗଡ଼ ଅତିକ୍ରମ କରିଥିବା ବେଳେ ୫ଟାରେ ଗୋପାଳପୁର ଅତିକ୍ରମ କରିଥିବା ଜଣାପଡ଼ିଛି । ବର୍ତ୍ତମାନ ହୀରାକୁଦ ବନ୍ୟପ୍ରାଣୀ ବିଭାଗ, ବରଗଡ଼ ବନ ବିଭାଗ ଏବଂ ଭଟଲି ବନ ବିଭାଗର ଟିମ୍ ଉକ୍ତ ହାତୀମାନଙ୍କ ଉପରେ ତିକ୍ଷ୍ଣ ନଜର ରଖିବା ସହିତ ସନ୍ଧ୍ୟା ହେଲେ ସେମାନଙ୍କୁ ଡେବ୍ରୀଗଡ଼ ଅଭୟାରଣ୍ୟ ମଧ୍ୟକୁ ଘଉଡ଼ାଇବାକୁ ଉଦ୍ୟମ କରିଥିବା ଜଣାପଡ଼ିଛି । ଏହି ଟିମ୍‌ରେ ବରଗଡ଼ ରେଞ୍ଜ ଅଫିସର ମହେନ୍ଦ୍ର ପାତ୍ର, ଭଟଲି ରେଞ୍ଜ ଅଫିସର ରାଜେନ୍ଦ୍ର ଭୋଇ, ଫରେଷ୍ଟର ସୁଶୀଲ କୁମାର ମାଝି, ଚିନ୍ମୟ ପଧାନ, ସୁଦାମ ଜଗଦଲ୍ଲା, ରମେଶ କୁମାର ପଧାନ, ବନ୍ୟପ୍ରାଣୀ ଫରେଷ୍ଟର ସୁନୀଲ ନାଏକ ପ୍ରମୁଖ ରହିଛନ୍ତି ।

# ଦୀପାବଳି ପାଇଁ ଅସ୍ଥାୟୀ ବାଣ ବଜାର

**ବେଲପାହାଡ଼,୨୬।୧୦ (ଡି.ଏନ୍.ଏ.)**

ରବିବାର ଆଲୋକର ପର୍ବ ଦୀପାବଳି। ଏଥିପାଇଁ ଝାରସୁଗୁଡ଼ା ଜିଲା ବେଲପାହାଡ଼ରେ ସମସ୍ତ ଦୋକାନ ବଜାର ଚଳଚଞ୍ଚଳ ହୋଇଉଠିଛି। ଏଥିସହିତ ବ୍ୟବସାୟ ପ୍ରତିଷ୍ଠାନ ଗୁଡ଼ିକରେ ସାଜସଜ୍ଜା ଓ ସଫେଇ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ପୂର୍ବ ବର୍ଷ ଭଳି ଚଳିତ ବର୍ଷ ବାଣ ବିକ୍ରି ପାଇଁ ପୌର ପରିଷଦ ପକ୍ଷରୁ ଆହାର କେନ୍ଦ୍ର ନିକଟରେ ଅସ୍ଥାୟୀ ବାଣ ବଜାର ବସିଛି। ଏହି ବଜାରରେ ୧୧ଜଣ ଲାଇସେନ୍ସ ପ୍ରାପ୍ତ ବ୍ୟବସାୟୀ ବାଣ ବିକ୍ରି କରୁଛନ୍ତି। ପ୍ରତ୍ୟେକ ବାଣ ଦୋକାନରେ ବିଭିନ୍ନ କିସମର ଫଟକା, ଫୁଲଝରି, ଦୀପ, ମହମବତୀ ଓ ତେଲ ବିକ୍ରି ହେଉଛି। ପୂର୍ବ ବର୍ଷ ତୁଳନାରେ ଏଥର ବଜାରରେ ବାଣ ମୂଲ୍ୟ ଅଧିକ ବୃଦ୍ଧି ପାଇଛି। ତଥାପି ଲୋକେ ଆଗ୍ରହର ସହିତ ବାଣ କିଣି ଘରକୁ ନେଉଛନ୍ତି। ରବିବାର ରାତି ଦୀପାବଳି ପର୍ବ ସହିତ ବିଭିନ୍ନ ପୂଜା ମଣ୍ଡପ ଓ ଦେବୀ ମନ୍ଦିରରେ ମା' କାଳୀଙ୍କ ପୂଜା ଅନୁଷ୍ଠିତ ହେବ। ଏଥିପାଇଁ ପ୍ରସ୍ତୁତି କାର୍ଯ୍ୟ ଜୋରସୋରରେ ଚାଲିଛି। ପୂର୍ବ ବର୍ଷ ଭଳି ଏଥର ଗୁମାଡ଼େରା ବାଟମଙ୍ଗଳା ମନ୍ଦିର, ଜାମକାନି ଶ୍ୟାମାକାଳୀ ମନ୍ଦିର, ଟିଆର୍‌ଏଲ ଏମ୍ପ୍ଲୋଇଜ ଦୁର୍ଗା ପୂଜା ମଣ୍ଡପ, ଗୁମାଡ଼େରା ଦୁର୍ଗା ପୂଜା ମଣ୍ଡପ, ବେଲପାହାଡ଼ ଫାଟକ ଦୁର୍ଗା ପୂଜା ମଣ୍ଡପ ଓ ଷ୍ଟେଶନ ଦୁର୍ଗା ପୂଜା ମଣ୍ଡପରେ କାଳୀ ପୂଜା ଅନୁଷ୍ଠିତ ହେବ। ବଙ୍ଗାଳି ସମାଜ ଯୁବକମାନଙ୍କୁ ନେଇ ଗଠିତ ଯୁବସଂଘ କାଳୀ ପୂଜା ପକ୍ଷରୁ ପୌରପରିଷଦ କାର୍ଯ୍ୟାଳୟ ପଛ ପାର୍ଶ୍ୱରେ କାଳୀ ପୂଜା ପାଇଁ ଆୟୋଜନ ଚାଲିଛି।

# ହାର୍ ମାନିଲା ଜିଲା ପ୍ରଶାସନ

## ବନ୍ଦ ହେଲା ଟୋଲ୍ ଗେଟ୍, ଗିରଫ ହେଲେ ଠିକାଦାର

**ବ୍ରଜରାଜନଗର, ୨୬।୧୦ (ଡି.ଏନ.ଏ.)**

ଝାରସୁଗୁଡା ଜିଲା ନୂଆଡିହିଠାରେ ୪୯ ନମ୍ବର ଜାତୀୟ ରାଜପଥରେ ଥିବା ଟୋଲ୍ ଗେଟ୍‌ରେ ଶୁକ୍ରବାର ମଧ୍ୟ ରାତିରୁ ଟୋଲ୍ ଟ୍ୟାକ୍ସ ଆଦାୟ ବନ୍ଦ ହୋଇଛି। ଅଞ୍ଚଳବାସୀଙ୍କ ଜିଦ୍ ଆଗରେ ଜିଲା ପ୍ରଶାସନ ମୁଣ୍ଡ ନୂଆଇଁ ଟୋଲ୍ ଗେଟ୍ ଠିକାଦାରଙ୍କୁ ଗିରଫ କରିଛି। ଟୋଲ୍ ଗେଟ୍ ଠିକାଦାର ଗିରଫ ହେବା ପରେ ଅଞ୍ଚଳବାସୀ ଆନ୍ଦୋଳନ ପ୍ରତ୍ୟାହାର କରିଛନ୍ତି। ବର୍ତ୍ତମାନ ଟୋଲ୍ ଟ୍ୟାକ୍ସ ଆଦାୟ ପୂରା ବନ୍ଦ ରହିଛି । ବ୍ରଜରାଜନଗର ଥାନାରେ ଏକ ମାମଲା (ନଂ.୨୪୪) ରୁଜୁ ହୋଇଛି। ଠିକାଦାରଙ୍କୁ ଗିରଫ କରାଯାଇଥିବା ଥାନା ପ୍ରଭାରୀ ବିଶ୍ୱମିତ୍ର ହରପାଲ ପ୍ରକାଶ କରିଛନ୍ତି। ତେବେ ଏହି ଟୋଲ୍ ଗେଟ୍‌କୁ ଏଠାରୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବା ନେଇ ଜାତୀୟ ରାଜପଥ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଲଘୁଚାପ ବର୍ଷାରେ ଫସଲ ନଷ୍ଟ

ବାଲିଶଙ୍କରା, ୨୬।୧୦ (ଡି.ଏନ.ଏ)- ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକରେ ମାଳଜମି ଓ ବେର୍ଣ୍ଣା ଜମିରେ ଧାନ ପାଚି ଯାଇଥିବାବେଳେ ଏବେ ୫ ଦିନ ଧରି ଲଘୁଚାପ ବର୍ଷା ହେବାରୁ ତାହା ନଷ୍ଟ ହେବାର ଆଶଙ୍କା କରାଯାଉଛି। ବିଲମାନଙ୍କରେ ପାଣି ଭର୍ତ୍ତିହୋଇ ରହିଛି । ଫଳରେ ଚାଷୀମାନେ ଧାନ କାଟି ଅମଳ କରିପାରୁ ନାହାନ୍ତି। ପାଣିରେ ଧାନ ଗଛ ପଡିରହିଥିବାରୁ ଧାନ ଗଜା ହୋଇଗଲାଣି। ଯେଉଁ ଚାଷୀ ଧାନ କାଟି ଦେଇଛନ୍ତି, ତାହାକୁ ଆଣି ଅମଳ କରିପାରୁ ନାହାନ୍ତି। ଏପରି ଚାଷୀଙ୍କ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦେବା ପାଇଁ ଅଞ୍ଚଳର ଚାଷୀ ଦାବି କରିଛନ୍ତି ।

### ଅବ୍ୟବସ୍ଥା ଘେରରେ ଫଟାଟିକ୍ରା ପ୍ରାଥମିକ ସ୍କୁଲ

ଗଣ୍ଡତୁରୁମ, ୨୬।୧୦ (ଡି.ଏନ.ଏ) ଭେଡେନ ବ୍ଲକ ମାନପୁର ପଞ୍ଚାୟତ ଅନ୍ତର୍ଗତ ଫଟାଟିକ୍ରା ପ୍ରାଥମିକ ସ୍କୁଲ ବିଭିନ୍ନ ଅବ୍ୟବସ୍ଥା ମଧ୍ୟରେ ଚାଲିଛି । ୧୯୭୨ ମସିହାରୁ ସ୍ଥାପିତ ଏହି ସ୍କୁଲରେ ସାମାନ୍ୟ ବର୍ଷାରେ ଆଜବେଷ୍ଟସ ଛାତରୁ ପାଣି ଗଳୁଛି । ଏପରିକି ଛାତରେ ଲାଗିଥିବା କାଠ ପୁରୁଣା ହୋଇ ନଷ୍ଟ ହେବା ସହିତ ବିପଦସଙ୍କୁଳ ଅବସ୍ଥାରେ ରହିଛି । ଅପରପକ୍ଷେ ୫ଟି ଶ୍ରେଣୀକୁ ମାତ୍ର ଜଣେ ଶିକ୍ଷକ ରହିଛନ୍ତି । ସ୍କୁଲ କୋଠରୀ ବିପଦଜ୍ଜନକ ଭାବେ ରହିଥିବାରୁ ଶିକ୍ଷକ ସମସ୍ତ ଛାତ୍ରୀଛାତ୍ରଙ୍କୁ ବାରଣ୍ଡାରେ ଶିକ୍ଷାଦାନ କରୁଥିବା ଦେଖିବାକୁ ମିଳୁଛି । ଫଳରେ ଶିକ୍ଷାଦାନରେ ବ୍ୟାଘାତ ସୃଷ୍ଟି ହେଉଛି । ଏ ନେଇ ଗ୍ରାମବାସୀ ବାରମ୍ବାର ଦୃଷ୍ଟି ଆକର୍ଷଣ କଲେ ବି କିଛି ସୁଫଳ ମିଳି ପାରୁ ନ ଥିବା ଅଭିଯୋଗ କରିଛନ୍ତି । ସ୍କୁଲର ନୂତନ ଗୃହ ନିର୍ମାଣ ଏବଂ ଆଉ ଜଣେ ଶିକ୍ଷକ ଯୋଗାଇ ଦେବାକୁ ଅଂଶୁମାନ ଭୁଏ, ଆୟୁଷ ବାଗ, ଅଲିମା ଦୀପ, ଅଲିଭା ଦୀପ, ଝାରୁପତି ଜାଲ, କଏଟୁ ବାଗ, ବନମାଳି ଜାଲ, ସୁନୀଲ ବାଗ ପ୍ରମୁଖ ଦାବି କରିଛନ୍ତି । ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଗ୍ରାମବାସୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି ।

### ଝାରବନ୍ଧ ବ୍ଲକ ପୁରସ୍କୃତ

ଝାରବନ୍ଧ, ୨୬।୧୦ (ଡି.ଏନ.ଏ) ବରଗଡ ଜିଲାର ଅନୁନ୍ନତ ବ୍ଲକ ଭାବେ ପରିଗଣିତ ଝାରବନ୍ଧ ବ୍ଲକ ଗ୍ରାମାଞ୍ଚଳ ଆବାସ ତିଆରି ପାଇଁ ଜିଲାର ୧ମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛି। ଚଳିତ ବର୍ଷ ଗ୍ରାମାଞ୍ଚଳ ଆବାସ ଯୋଜନାକୁ ସୁଚାରୁ ରୂପେ ସମ୍ପାଦନ କରାଯାଇଛି । ବିଡିଓ ରୁନୁ ଲାକ୍ରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟିମ୍ ଗଠନ କରି ଏହି କାର୍ଯ୍ୟକୁ ଅଗ୍ରାଧିକାର ଦିଆଯାଇଥିଲା। କର୍ମଚାରୀମାନେ ପ୍ରତ୍ୟେକ ହିତାଧିକାରୀଙ୍କ ପାଖକୁ ଯାଇ ଠିକ୍ ସମୟରେ କାର୍ଯ୍ୟ ସମାପନ କରିବା ପାଇଁ ପରାମର୍ଶ ଦେଇଥିଲେ । ବିଡିଓ ଲାକ୍ରା, ଏପିଓ କେତନ ପ୍ରଧାନ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଟିକେଶ୍ୱର ପଟେଲ, ବିପିଏମ ବଦ୍ରିନାରାୟଣ ମହାପାତ୍ର ପୁରସ୍କାର ଗ୍ରହଣ ସମୟରେ ସାମିଲ ହୋଇଥିଲେ । ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ପୁରସ୍କୃତ କରିଥିବା ବେଳେ ବିଡିଓ ରୁନୁ ଲାକ୍ରା ପୁରସ୍କାର ଗ୍ରହଣ କରିଥିଲେ ।

### ଭାଗବତ ପାରାୟଣ ସପ୍ତାହ ଉଦ୍‌ଯାପିତ

ପଦ୍ମପୁର, ୨୬।୧୦ (ଡି.ଏନ.ଏ) ପଦ୍ମପୁର ଶାନ୍ତିନଗରଠାରେ ଚାଲିଥିବା ଶ୍ରୀମଦ ଭାଗବତ ପାରାୟଣ ଶନିବାର ଉଦଯାପିତ ହୋଇଯାଇଛି । ୨୦ ତାରିଖରେ କଳସ ସ୍ଥାପନ ଓ ୨୧ ତାରିଖଠାରୁ ପାରାୟଣ ଆରମ୍ଭ ହୋଇ ବିଭିନ୍ନ ଦିବସରେ ଭାଗବତ କଥାବସ୍ତୁ ଉପରେ ଆଲୋକପାତ କରାଯାଇଥିଲା। କଥାବାଚକ ଭାବେ ସରୋଜ କୁମାର ବେଦବାକ ଯୋଗ ଦେଇଥିବା ବେଳେ ତାଙ୍କ ସହଯୋଗୀ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ। କର୍ତ୍ତା ଭାବେ ଧର୍ମ ସାହୁ ଓ ତାଙ୍କ ସ୍ତ୍ରୀ ବବି ସାହୁ ଥିଲେ । ପ୍ରତ୍ୟେହ ବହୁ ଶ୍ରୋତା ଯୋଗ ଦେଇଥିଲେ। ପଡାର ବ୍ୟକ୍ତି ବିଶେଷ ଡା. ଗଦାଧର ରଥ, ଅଶୋକ ସାହୁ, ତୀର୍ଥବାସୀ ପଣ୍ଡା, ତାରା ଶତପଥି, ଶାନ୍ତନୁ ପାଣିଗ୍ରାହୀ, କାଳୀଚରଣ ସାହୁଙ୍କ ସମେତ ପଡାବାସୀ ଓ ମହିଳା ସହଯୋଗ କରିଥିଲେ ।

■ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

# ୧୪ ସ୍କୁଲର ୧୫୦ ଜଣ ଛାତ୍ରୀଛାତ୍ର ଯୋଗଦେଲେ

**ବରପାଲି, ୨୬।୧୦ (ଡି.ଏନ.ଏ)**

ବରପାଲି ବ୍ଲକ ତୁଲଣ୍ଡି କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ପଧାନପାଲି ଉଚ୍ଚ ପ୍ରାଥମିକ ସ୍କୁଲ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୪ଟି ସ୍କୁଲର ୧୫୦ ଜଣ ଛାତ୍ରୀଛାତ୍ର ଯୋଗଦେଇ ଜୁନିୟର ଓ ସିନିୟର ବର୍ଗର ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଉଚ୍ଚ ପ୍ରାଥମିକ ସ୍କୁଲ ପ୍ରଧାନଶିକ୍ଷକ ମହେନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବରପାଲି ବିଇଓ ରାଜେନ୍ଦ୍ର ମିଶ୍ର ମୁଖ୍ୟଅତିଥି, ଗୌରାଙ୍ଗ ଚରଣ ପଧାନ, ହରିହର ଭୋଇ ଓ ନରେନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । ଉତ୍ସବରେ କେନ୍ଦ୍ର ସଂଯୋଜକ ପ୍ରମୋଦ ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ମୌରାରଜୀ ଭୋଇ ପରିଚୟ ପ୍ରଦାନ ଓ ଶିକ୍ଷକ ତେଜରାଜ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।



ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ଟିକାକରଣ କାର୍ଯ୍ୟକ୍ରମର ସଫଳ ରୂପାୟନକୁ ଗୁରୁତ୍ୱ

**ବରଗଡ଼ ଅଫିସ୍,୨୬।୧୦**

ବରଗଡ଼ ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଶନିବାର ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଜାପାନୀଜ୍ ଏନସେଫାଲାଇଟିସ୍ ଟିକାକରଣ କାର୍ଯ୍ୟକ୍ରମ ଉପରେ ଟାସ୍କଫୋର୍ସ ମିଟିଂ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପୁଷ୍ପାଂଶୁ ସାହୁ, ବିଭାଗୀୟ ସ୍ୱାସ୍ଥ୍ୟ ଅଧିକାରୀ, ଶିକ୍ଷା, ଶିଶୁ, ମହିଳା ବିଭାଗ, ମଙ୍ଗଳ ବିଭାଗଙ୍କ ସମେତ ଏନଜିଓର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ, ସମ୍ବଲପୁର ଡିଭିଜନର ସଙ୍ଗଠକ ଡା. ଅବନୀନ୍ଦ୍ର ସାହୁ ଯୋଗଦେଇ ଜାପାନୀଜ୍ ଏନସେଫାଲାଇଟିସ୍ ଟିକାକରଣ କାର୍ଯ୍ୟକ୍ରମ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଜିଲାର ସମସ୍ତ ୧ବର୍ଷରୁ ୧୫ବର୍ଷ ବୟସ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଜାପାନୀଜ୍ ଏନସେଫାଲାଇଟିସ୍ ଟିକାକରଣ ପ୍ରଦାନ କରାଯିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ବୋଲି ସୂଚନା ଦିଆଯାଇଥିଲା। ବରଗଡ଼ ଜିଲାରେ ନିର୍ଦ୍ଦିଷ୍ଟ ତାରିଖରେ ସମସ୍ତ ସ୍କୁଲ, ଅଙ୍ଗନୱାଡ଼ି କେନ୍ଦ୍ର ଗୁଡ଼ିକରେ ପ୍ରାୟ ୩ ଲକ୍ଷରୁ ଊର୍ଦ୍ଧ୍ୱ ଶିଶୁଙ୍କୁ ଏହି ଟିକା ଦିଆଯିବାର ଲକ୍ଷ୍ୟ ରହିଛି ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସାହୁ ସୂଚନା ଦେଇଥିଲେ । ଉକ୍ତ ଟିକାକରଣ କାର୍ଯ୍ୟକ୍ରମକୁ ସଫଳ ଭାବେ ସମାପନ କରିବା ପାଇଁ ଜିଲାପାଳ ସମସ୍ତ ବିଭାଗୀୟ ଅଧିକାରୀ, କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ । ଆସନ୍ତା ନଭେମ୍ବର ୧୧ତାରିଖରୁ ଏହି ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଡିସେମ୍ବର ୧୦ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ଦିଆଯାଇଥିଲା ।



ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ ।

# ରାସ୍ତା ପାଲଟିଛି ଡମ୍ପିଂ ୟାର୍ଡ

**ବରପାଲି, ୨୬।୧୦ (ଡି.ଏନ.ଏ)**

ବରପାଲି ଏନଏସିର ବିଭିନ୍ନ ୱାର୍ଡର ରାସ୍ତା କଡରେ ଅଳିଆ ଗଦା ହୋଇ ରହୁଛି। ଫଳରେ ରାସ୍ତାକଡ ପାଲଟିଛି ଡମ୍ପିଂ ୟାର୍ଡ । ଆବର୍ଜନା ବୋଝ ସହରବାସୀଙ୍କୁ ଅଣନିଃଶ୍ୱାସୀ କରୁଛି । ସ୍ୱଚ୍ଛ ସବୁଜ ବରପାଲି ବାର୍ତ୍ତା ଦେବା ସହ ସହରର ସ୍ୱଚ୍ଛତା ପାଇଁ ସଭା ସମିତି କରିବା ଏବଂ ୱାର୍ଡ ପରିକ୍ରମା କରିବା ଲୋକଦେଖାଣିଆ ହୋଇଛି । ସହରର କୁଲିପଡା ମୁଖ୍ୟରାସ୍ତା ଉପରେ କୁଢ଼ କୁଢ଼ ଅଳିଆ ଜମା ହେବା ଏକ ନିତିଦିନିଆ ଘଟଣା ହୋଇଛି । ଲୋକମାନେ ଏହି ରାସ୍ତାରେ ହାଟବଜାର ଓ ଗାଧୋଇବାକୁ ଗଲାବେଳେ ନାକରେ କପଡା ଦେଇ ଯାତାୟାତ କରୁଥିବା ଦେଖାଯାଉଛି । ସହର ପରିବେଶ ଏବେ ପୂର୍ତିଗନ୍ଧମୟ ହୋଇଛି । କେବଳ ସେତିକି ନୁହେଁ ହାଟପଦା ପ୍ରାଥମିକ ସ୍କୁଲ, ଗାର୍ଲ୍ସ ହାଇସ୍କୁଲ ଓ ବଜାର ସମ୍ମୁଖ ରାସ୍ତା ଡମ୍ପିଂ ୟାର୍ଡ ପାଲଟିଛି । ସେପଟେ ଏନଏସିର ଡଷ୍ଟବିନ ଗୁଡିକ ଭାଙ୍ଗି ରାସ୍ତାରେ ଗଡୁଛି। ରାସ୍ତାରେ ଗାଈଗୋରୁ ବାନ୍ଧିବା, ଗୋବରଖତ ଗଦାଇବା ଓ ନାଳର ମଳମୂତ୍ର ଗନ୍ଧରେ ଲୋକେ ଅଣନିଃଶ୍ୱାସୀ ହୋଇ ପଡିଲେଣି। ଏ ସମ୍ପର୍କରେ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ମେହେରଙ୍କ ମତାମତ ମିଳି ପାରିନାହିଁ ।



କୁଲିପଡା ରାସ୍ତାରେ ଅଳିଆଗଦା ହୋଇଛି ।

# ଲଙ୍କାହୁଡା କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି



ଲଙ୍କାହୁଡାରେ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ସୁନ୍ଦରଗଡ଼, ୨୬।୧୦ (ଡି.ଏନ୍.ଏ)**

ସୁନ୍ଦରଗଡ ସଦର ବ୍ଲକସ୍ଥିତ ଲଙ୍କାହୁଡା ଉଚ୍ଚବିଦ୍ୟାଳୟଠାରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୀତା ସୁଚିତ୍ରା ଲାକ୍ରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ସ୍ଥାନୀୟ ସରପଞ୍ଚ ମୁକୁନ୍ଦ କୁମୁରା ମୁଖ୍ୟ ଅତିଥି ଓ ବିଦ୍ୟାଳୟ ପରିଚାଳନା କମିଟି ଉପସଭାପତି ପବିତ୍ରା ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ଗୋପବନ୍ଧୁ ପଟେଲ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତଗାନ କରିଥିଲେ। ଶ୍ରୀକାନ୍ତ ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହି ସୁରଭି କାର୍ଯ୍ୟକ୍ରମରେ ଲଙ୍କାହୁଡା ଓ ଭେଡାବାହାଲ ପଞ୍ଚାୟତର ସମସ୍ତ ବିଦ୍ୟାଳୟର ୧୧୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କନିଷ୍ଠ ଓ ବରିଷ୍ଠ ବିଭାଗରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ, ଶ୍ରୁତଲିଖନ, ରଚନା, ହସ୍ତାକ୍ଷର, କୁଇଜ୍, ଲଘୁ ସଙ୍ଗୀତ, ମଧ୍ୟାହ୍ନ ଭୋଜନ, ହସ୍ତକଳା, ଶିଳ୍ପକଳା, ଶିଶୁନାଟକ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମ ସିଆରସିସି ପ୍ରମୋଦ କୁମାର ପଟେଲଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ବିନୀତା ନାଏକ, ତରୁଲତା ପାଣ୍ଡେ, ଭାରତୀ ପଟେଲ, ଲିଲିମା ପଟେଲ, ଗୀତାଞ୍ଜଳି ପଟେଲ, ରୀତାଞ୍ଜଳି ନାଏକ, ରୀତାଞ୍ଜଳି ମିଶ୍ର, ଦିଲ୍ଲୀପ ବୁଡା, ସୁନା ଚାନ୍ଦ ତଣ୍ଡିଆ, ଦୁର୍ଗା ମାଧବ ନାଏକ, ସୂର୍ଯ୍ୟନାରାୟଣ ସିଂ ପ୍ରମୁଖ ଶିକ୍ଷକ, ଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିଲେ। କନିଷ୍ଠ ବର୍ଗରେ ପ୍ରଥମସ୍ତରରେ ଚିତ୍ରାଙ୍କନରେ ମହିମା ମାଝି, କୁଇଜରେ ଅମୀୟ ନେଟି, ଶ୍ରୁତଲିଖନରେ ସାନିଆ ପାଇକ, ବକ୍ତୃତାରେ ସଚିନ୍ ସାହୁ, ସଙ୍ଗୀତରେ ଭୂମିସୂତା ବାଗ୍, ହସ୍ତାକ୍ଷରର କେତକୀ କିଷାନ୍ ଏବଂ ବରିଷ୍ଠ ବର୍ଗରେ ବକ୍ତୃତାରେ ବାଦଲ ଭୋଇ, ରଚନାରେ ବର୍ଷାରାଣୀ ବନଛୋର, ଚିତ୍ରାଙ୍କନରେ ପପୁ ନାଏକ, କୁଇଜରେ ଧନେଶ୍ୱର ମାଳି, ହସ୍ତାକ୍ଷରରେ ସୁନୀତା ନାଏକ, ସଙ୍ଗୀତରେ କାଜଲ ଧୂଆ, ଇଲୋକେସନରେ ସୋନାଲୀ ନାଏକ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସେହିପରି ଲଙ୍କାହୁଡା ଉଚ୍ଚବିଦ୍ୟାଳୟର ଜଗନ ସାହୁ ସଙ୍ଗୀତ ଓ ଚିତ୍ରାଙ୍କନରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ମଧ୍ୟାହ୍ନ ଭୋଜନ ପ୍ରତିଯୋଗିତାରେ ଲଙ୍କାହୁଡାର ଶରତ ଚନ୍ଦ୍ର ବନଛୋର ଓ ହସ୍ତକଳାରେ ଭେଡାବାହାଲ ଉଚ୍ଚ ବିଦ୍ୟାଳୟର ବିବେକ ପଟେଲ ପ୍ରଥମ ହୋଇଛନ୍ତି। ଶିଶୁ ନାଟକ ପ୍ରତିଯୋଗିତାରେ ଭେଡାବାହାଲ ଉଚ୍ଚ ବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିଛି। କୃତୀ ପ୍ରତିଯୋଗୀମାନେ ଆସନ୍ତା ମାସରେ ବିଜୁଳିଖମନ ଉଚ୍ଚ ବିଦ୍ୟାଳୟରେ ହେବାକୁ ଥିବା ବ୍ଲକସ୍ତରୀୟ ଶିଶୁ ମହୋତ୍ସବରେ ଭାଗ ନେବେ।